

ଥାମାର ସୁଟିଂ ଆରମ୍ଭ କଲେ ରଶ୍ମିକା

▸ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-253 ♦BHUBANESWAR ♦MONDAY ♦10 MARCH 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୫୩ ♦ଭୁବନେଶ୍ୱର ♦ସୋମବାର ♦୧୦ ମାର୍ଚ୍ଚ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦


## ଦୁବାଇରେ ସ୍ପିନ୍ ଯାଦୁ

# ଭାରତ ଚାମ୍ପିଅନ



## ହିଟ୍‌ମ୍ୟାନ୍‌ଙ୍କ ବିସ୍ଫୋରକ ଇନିଂସ୍

ଫାଇନାଲ୍ ଜିତିବା ପାଇଁ ଦୃଢ଼ପ୍ରତିଜ୍ଞ ଥିବା ରୋହିତ ଶର୍ମା ଆଜି ଅଧିନାୟକତ୍ୱ ପାଳି ଖେଳିଥିଲେ। ଉଚିତ୍ ରଣନୀତି ଚଳାଇ ସ୍ପିନ୍‌ବାହିନୀଙ୍କୁ ଆଗରେ ରଖି ନ୍ୟୁଜିଲାଣ୍ଡକୁ ୨୫୧ ରନ୍‌ରେ ଅଟକାଇବା ପରେ ରୋହିତ୍ ବ୍ୟାଟିଂ କରିବାକୁ ଆସୁ ଆସୁ ଛକା ମାରି ବିପକ୍ଷ ଦଳ ଉପରେ ଚାପ ସୃଷ୍ଟି କରିଥିଲେ। ଅଧିନାୟକ ରୋହିତ ଶର୍ମା ଓ ଉପଅଧିନାୟକ ଶୁବମାନ ଗିଲ୍ ପ୍ରଥମ ୱିକେଟରେ ୧୦୦ରୁ ଅଧିକ ରନ୍ ଉଠାଇ ଭାରତ୍‌କୁ ଭଲ ଆରମ୍ଭ ଦେଇଥିଲେ। ୧୮.୪ ଓଭରରେ ୧୦୫ ରନ୍ ସଂଗୃହୀତ ହେବା ଫଳରେ ଭାରତ ଏହି ମ୍ୟାଚ୍‌କୁ ସହଜରେ ଜିତିନେବ ବୋଲି ଆଶା କରାଯାଉଥିଲା। ତେବେ ଏହି ସମୟରେ ଗିଲ୍‌ଙ୍କୁ କ୍ୟାଚ୍ ଆଉଟ କରି ଏହି ଯୋଡି ଭାଙ୍ଗିଦେଇଥିଲେ ସାଣ୍ଟନର। ରୋହିତ ୮୩ ବଲ୍‌ରୁ ୭ ଚୌକା ଓ ୩ ଛକା ସହ ୭୬ ରନ୍ ସଂଗ୍ରହ କରିଥିଲେ। ଶ୍ରେୟସ ଆୟର ୬୨ ବଲ୍‌ରୁ ୪୮, ଅକ୍ଷର ପଟେଲ ୪୦ବଲ୍‌ରୁ ୨୯, ଲୋକେଶ ରାହୁଲଙ୍କ ଅପରାଜିତ ୩୪ ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୧୮ ବଲ୍‌ରୁ ୧୮ ରନ୍ ସହାୟତାରେ ଗୋଟିଏ ଓଭର ଖେଳ ବାକିଥାଇ ଭାରତ ମ୍ୟାଚ୍ ଜିତିନେଇଥିଲା।

## ତୃତୀୟ ଥର ପାଇଁ ଭାରତ ହାତରେ ଚାମ୍ପିଅନ୍ସ ଟ୍ରଫି

■ ଦୁବାଇ, ୯।୩ (ଏଜେନ୍ସି): ନ୍ୟୁଜିଲାଣ୍ଡକୁ ୪ ୱିକେଟରେ ପରାସ୍ତ କରି ଭାରତ ଚାମ୍ପିଅନ୍ସ ଟ୍ରଫି କ୍ରିକେଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ଏବଂ ରୋମାଞ୍ଚକ ମୁକାବିଲାରେ ଭାରତ ଲଢୁଆ ଖେଳ ପ୍ରଦର୍ଶନ କରି ତୃତୀୟଥର ଏହି ପ୍ରତିଯୋଗିତାରେ ଟାଇଟଲ ବିଜୟୀ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟରେ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତ ୨୦୨୪ରେ ବିଶ୍ୱକପ୍ ଟି-୨୦ରେ ମଧ୍ୟ ଚାମ୍ପିଅନ ହୋଇଥିଲା। ଏହା ବ୍ୟତୀତ ଦଳ ୨୦୨୩ରେ ଦିନିକିଆ ବିଶ୍ୱକପ୍ ଓ ବିଶ୍ୱଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଥିଲା। ରବିବାର ଖେଳାଯାଇଥିବା ଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୭ ୱିକେଟରେ ୨୫୧ ରନ୍ କରିଥିଲା। ୨୫୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୪ ୱିକେଟ ଏବଂ ଗୋଟିଏ ଓଭର ଖେଳ ବାକିଥାଇ ମ୍ୟାଚକୁ ଜିତିନେଇଥିଲା। ଏହା ଫଳରେ ଭାରତ ତୃତୀୟଥର ଚାମ୍ପିଅନ୍ସ ଟ୍ରଫିରେ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ୨୦୦୨ରେ ଶ୍ରୀଲଙ୍କା ସହ ଯୁଗ୍ମ ଚାମ୍ପିଅନ୍ ହୋଇଥିବା ଭାରତ ୨୦୧୩ରେ ଚାମ୍ପିଅନ୍ ହୋଇଥିଲା। ଭାରତ ମଧ୍ୟ କ୍ରମାଗତ ତୃତୀୟଥର ଲାଗି ଅର୍ଥାତ୍ ୨୦୧୩, ୨୦୧୭ ଓ ୨୦୨୫ରେ ଫାଇନାଲରେ ପ୍ରବେଶ କରି ୨ଥର ଚାମ୍ପିଅନ୍ ହୋଇଛି। ଏହି ମ୍ୟାଚ୍‌ରେ ସର୍ବାଧିକ ୭୬ ରନ୍ କରିଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ନ୍ୟୁଜିଲାଣ୍ଡର ତୃତୀୟ ଥର ଟ୍ରଫି ଆଶା ଧୂଳିସାତ୍



ପରାଜୟ ପରେ ବିଷାଦଗ୍ରସ୍ତ ଅଧିନାୟକ ସାଣ୍ଟନର୍

### ଫାଇନାଲରେ ରୋହିତ, ଟୁର୍ଣ୍ଣାମେଣ୍ଟରେ ରାଚିନ ରବୀନ୍ଦ୍ର ଶ୍ରେଷ୍ଠ

ସେହିପରି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୨୬୩ ରନ୍ କରିବା ସହ ୨ଟି ୱିକେଟ ନେଇଥିବା ରାଚିନ ରବୀନ୍ଦ୍ରଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଭାରତର ଏଥିସହ ନ୍ୟୁଜିଲାଣ୍ଡଠାରୁ ୨୫ ବର୍ଷ ତଳ ପରାଜୟର ମଧୁର ପ୍ରତିଶୋଧ ନେଇଛି। ୨୦୦୦ ମସିହା ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ଭାରତ ନ୍ୟୁଜିଲାଣ୍ଡଠାରୁ ୪ ୱିକେଟ୍‌ରେ ହାରି ରନର୍ସ ଅପ୍ ହୋଇଥିଲା।





72198 21111 | BAJAJ SECURE - AMC - ROAD SIDE ASSISTANCE | BAJAJ CREDIT

*Terms and conditions apply. *Offer available on Pulsar 125 Carbon Fibre and Pulsar 150 models. *Ex Showroom price for N160 Twin Disc variant. *Down payment for Pulsar 125 Carbon Fibre. Bajaj Auto reserves the right to withdraw any or all offers without prior notice. Stunts have been performed by experts, under professional supervision, in a controlled and enclosed environment, in isolation from general public or public roads. Do not attempt to replicate these stunts and always follow traffic and safety rules. AMC available on specific models and in specific states. Check with Bajaj dealer for more details. Roadside Assistance is provided by third parties and is subject to their terms and conditions.

**Authorized Dealers for Bajaj Auto Ltd.:** Balasore SURAJ BAJAJ 9124626001 • Bhadrak SHANKAR BAJAJ 9778310777 • Jajpur Road PARIDA BAJAJ 7381012602 • Keonjhar JR BAJAJ 9937697094 / 9439008692• Baripada BALA BAJAJ 9338336111 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Jaleswar SURAJ BAJAJ 9124626016, • Markona SURAJ BAJAJ 9124626001 • Basudevpur SHANKAR BAJAJ 9040902802. Authorised Service Centre: Soro 9439931072, Kuakhia 9937312014, Chhatia 9040084846, JajpurTown 9937888777, Barbil 9437086335, Jashipur 9437443161/8117041821, Rairangpur 9583777236, Dhenkikote 9777773369, Turmunga 9937428333, Karanjia 7504810975, Nilgiri 9658562049, Khaira 8249450233, Baliapal 9040799877, Basta 9437265010, Betnoti 8847874100, Dhamnagar 7684914508, Chandbali 7008017177 Kostha 7735338348

# ସମ୍ପୂର୍ଣ୍ଣା



ସକାଳ
THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ଘରେ ପୂଜାପାଠର ଆୟୋଜନ ହେବ। ବହୁ ଦିନର ଆଶା ପୂରଣ ହେବ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ରହିବ। କୌଣସି ଶୁଭ ସମାଚାର ମିଳିପାରେ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବେ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ।

**ତୁଳା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ। ଆଶା ପୂରଣ ହୋଇପାରେ।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ବୈବାହିକ ଜୀବନରେ ମନୋମାଳିନ୍ୟ ଆସିବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି।

**ଧନୁ:** କୌଣସି ନୂଆ କାମ ମିଳିବ। ନିବେଶ ପାଇଁ ଭଲ ସମୟ। ରାଜନୀତିରେ କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ଗୁରୁଜନଙ୍କ ପରାମର୍ଶକ୍ରମେ ଆଗକୁ ବଢ଼ିବେ।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ବିବାହ ସ୍ଥିର ହେବା ସମ୍ଭାବନା ଅଛି।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ସରକାରୀ କର୍ମଚାରୀଙ୍କ ପାଇଁ ଭଲ ସମୟ।

**ମୀନ:** କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଦେଖାଦେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ତୁଲାଇବାକୁ ପଡ଼ିପାରେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

## ଆଜିର ଇତିହାସ

- ୧୬୨୪- ଇଂଲଣ୍ଡ ସ୍ପେନ୍ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୮୦୧- ଗ୍ରେଟ୍ ବ୍ରିଟେନ୍‌ରେ ପ୍ରଥମ ଥର ଜନଗଣନା ଆରମ୍ଭ ହେଲା।
- ୧୮୯୭- ସମାଜ ସଂସ୍କାରିକା ସାବିତ୍ରୀବାଈ ଫୁଲେଙ୍କ ଦେହାନ୍ତ।
- ୧୯୪୫- କଗ୍ରେସ ନେତା ମାଧବରାଓ ସିନ୍ଧିଆଙ୍କ ଜନ୍ମ।
- ୨୦୦୩- ଉତ୍ତର କୋରିଆ କ୍ରୁଜ୍ ମିସାଇଲ୍ ପରୀକ୍ଷା କଲା।
- ୨୦୧୦- ରାଜ୍ୟସଭାରେ ମହିଳା ଆରକ୍ଷଣ ବିଧେୟକ ପାରିତ ହେଲା।

## ଭିନ୍ନ ଏକ ଗାଁ

# ରାବଣକୁ ଜ୍ୱାଇଁ ପରି ସମ୍ମାନ



ମହାକାବ୍ୟ ରାମାୟଣରେ ରାବଣକୁ ଖଳ ଚରିତ୍ର ଭାବେ ଅବତାରଣା କରାଯାଇଛି। ସେଥିପାଇଁ ଦଶହରା ଅବସରରେ ଆମଦେଶରେ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଅନୁଷ୍ଠିତ ହୁଏ। ହେଲେ ଏମିତି ଏକ ଗାଁ ଅଛି, ଯେଉଁଠି ରାବଣକୁ ଜ୍ୱାଇଁ ପରି ଚର୍ଚ୍ଚା କରାଯାଏ। ସେହି ସ୍ଥାନଟି ହେଲା, ମଧ୍ୟପ୍ରଦେଶ, ମନ୍ଦସୌର ଜିଲ୍ଲାର ଖାନପୁରା ଅଞ୍ଚଳର ରୁଣ୍ଡି ଗାଁ। ଏହି ଗାଁକୁ ରାବଣର ଶ୍ୱଶୁର ଘର ବୋଲି କୁହାଯାଏ। ଯଦିଓ ଏନେଇ ବିଧିବଦ୍ଧ ଭାବେ କିଛି ପ୍ରମାଣ ନାହିଁ କିନ୍ତୁ ଗାଁର ପୁରୁଖା ଲୋକେ ମନ୍ଦସୌରକୁ ମନ୍ଦୋଦରିଙ୍କ ନାଁ ସହିତ ଯୋଡ଼ିଥାନ୍ତି। ସେଥିପାଇଁ ଏହି ଗାଁ ରାବଣକୁ ଜ୍ୱାଇଁ ଭଳି ଦେଖିଥାଏ। ଏଠାରେ ରାବଣର ୨୦୦ ବର୍ଷ ତଳର ଏକ ପ୍ରତିମା ରହିଛି। ଏଠାକାର ଲୋକେ ପ୍ରତ୍ୟେକ ଶୁଭକାର୍ଯ୍ୟ ପୂର୍ବରୁ ଏହି ମୂର୍ତ୍ତିକୁ ପୂଜା କରିଥାନ୍ତି। ସେହିଭଳି ଗାଁର ମହିଳା ବିନା ଓଢ଼ଣାରେ ରାବଣ ପ୍ରତିମା ସାମ୍ନାକୁ ଯାଇ ନ ଥାନ୍ତି। ମାନ୍ୟତା ରହିଛି ଯେ, ରାବଣ ପ୍ରତିମାର ପାଦରେ କଳା ସୂତା ବାନ୍ଧିବା ଦ୍ୱାରା ସମସ୍ତ ପ୍ରକାର ରୋଗ ଦୂର ହୋଇଥାଏ। ଏଠାରେ ଦଶହରାଦିନ ମହିଳାମାନେ ରାବଣର ପାଦରେ କଳା ସୂତା ବାନ୍ଧନ୍ତି। ଗାଁରେ ରହୁଥିବା ନାମଦେବ ସମାଜର ଲୋକଙ୍କ କହିବାନୁସାରେ, ଖାନପୁରାରେ ୨୦୦ ବର୍ଷର ରାବଣ ପ୍ରତିମା ରହିଥିଲା। ହେଲେ ୨୦୦୬ରୁ ୨୦୦୭ ମସିହାରେ ବଜ୍ରପାତ ଯୋଗୁଁ ଏହି ପ୍ରତିମା ଖଣ୍ଡିତ ହୋଇଯାଇଥିଲା। ଏହାପରେ ପୌରପାଳିକା ରାବଣର ଅନ୍ୟ ଏକ ପ୍ରତିମୂର୍ତ୍ତି ଏଠାରେ ସ୍ଥାପନା କରିଥିଲେ। ନୂତନ ରାବଣ ପ୍ରତିମାର ଉଭୟ ପାର୍ଶ୍ୱରେ ୪-୪ ମୁଣ୍ଡ ଏବଂ ଗୋଟିଏ ମୁଖ୍ୟ ମୁଣ୍ଡ ରହିଛି। ମୁଖ୍ୟ ମୁଣ୍ଡ ଉପରେ ଗଧମୁଣ୍ଡ ରହିଛି। ବୟସ୍କଙ୍କ କହିବାନୁସାରେ, ରାବଣର ବୁଦ୍ଧିଭ୍ରଷ୍ଟ ହୋଇଯାଇଥିବାରୁ ଏହି ଖରାପ ଗୁଣକୁ ଦର୍ଶାଇବାକୁ ପ୍ରତିମାରେ ଗୋଟିଏ ଗଧର ମୁଣ୍ଡ ଲଗାଯାଇଛି। ଏହି ଗାଁରେ ପ୍ରତିବର୍ଷ ଦଶହରା ଦିନ ନାମଦେବ ସମାଜର ଲୋକ ରାବଣ ପ୍ରତିମା ସମ୍ମୁଖରେ ପୂଜାର୍ଚ୍ଚନା କରନ୍ତି। ଲଙ୍କେଶ ରାବଣ ଅହଙ୍କାରୀ ଥିବା ସତ୍ତ୍ୱେ ପ୍ରଚଣ୍ଡ ବିଦ୍ୱାନ ଥିବାରୁ ଗ୍ରାମବାସୀ ଶ୍ରଦ୍ଧାର ସହ ପୂଜା କରୁଥିବା କଥା କୁହନ୍ତି।

# 'ଥାମା'ର ସୁଟିଂ ଆରମ୍ଭ କଲେ ରଶ୍ମିକା



ନେସନାଲ୍ କ୍ରସ୍ ରଶ୍ମିକା ମନ୍ଦାନା 'ଥାମା'ର ସୁଟିଂ ପୁଣି ଥରେ ଆରମ୍ଭ କରିଛନ୍ତି। ଦେଢ଼ ମାସ ପୂର୍ବରୁ ଏହାର ସୁଟିଂ ସମୟରେ ରଶ୍ମିକାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଏଥିଯୋଗୁଁ ଫିଲ୍ମର ସୁଟିଂକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା। ଏବେ ସୁସ୍ଥ ହୋଇ ସେ ଦିଲ୍ଲୀରେ ଫିଲ୍ମର ସୁଟିଂ ଆରମ୍ଭ କରିଛନ୍ତି। ଏଠାରେ ସୁଟିଂ ସାରିବା ପରେ 'ଥାମା' ଟିମ୍ ପରବର୍ତ୍ତୀ ସୁଟ୍ ପାଇଁ ଉଟି ଯିବ। ଏହାର ପ୍ରଯୋଜନା ଦାୟିତ୍ୱରେ ଅମର କୌଶିକ୍ ଅଛନ୍ତି। ଅପ୍ରେଲ୍ ସୁଦ୍ଧା ଫିଲ୍ମର ସୁଟିଂ ସାରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଏଥିରେ ରଶ୍ମିକାଙ୍କ ସହ ଆୟୁଷ୍ମାନ୍ ଖୁରାନା ଲିଡ୍ ରୋଲରେ ନଜର ଆସିବେ। ପରେଶ ରାୱଲ ଓ ନୱାଜୁଦ୍ଦିନ୍ ସିଦ୍ଦିକି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଏହା ଆସନ୍ତା ଦୀପାବଳି ଅବସରରେ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

# କାର୍ଟୁନ ଚରିତ୍ରଗୁଡ଼ିକ ଗ୍ଲୋଭସ୍ ପିନ୍ଧନ୍ତି କାହିଁକି



କୁନି କୁନି ପିଲାମାନଙ୍କୁ କାର୍ଟୁନ୍ ଶୋ'ଗୁଡ଼ିକ ବେଶ୍ ଆକର୍ଷିତ କରିଥାଏ। ଏହି କାର୍ଟୁନ୍ ଚରିତ୍ରଗୁଡ଼ିକ ପିଲାମାନଙ୍କର ମନରେ ଗଭୀର ପ୍ରଭାବ ପକାଇଥାନ୍ତି। ତେବେ ମିକି ମାଉସ୍,ଗୁଫି, ମିନି ମାଉସ୍ ଆଦି କାର୍ଟୁନ୍ ଚରିତ୍ରଗୁଡ଼ିକ ହାତରେ ଧଳା ରଙ୍ଗର ଗ୍ଲୋବସ୍ ପିନ୍ଧିଥିବାର ଦେଖାଯାଏ। ତେବେ କାର୍ଟୁନ୍ ଚରିତ୍ରଗୁଡ଼ିକ ଏପରି ଗ୍ଲୋବସ୍ ପିନ୍ଧିବାର କାରଣ ଅନେକ ଜାଣି ନ ଥିବେ। କାର୍ଟୁନ୍ ଡିଜାଇନ୍‌ଗୁଡ଼ିକ ଜଟିଳ ନ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଥାଏ। ପୂର୍ବରୁ କାର୍ଟୁନ୍ ଚରିତ୍ରଗୁଡ଼ିକ ଏବେକା ଭଳି ଗ୍ରାଫିକ୍ସରେ ତିଆରି କରାଯାଉ ନ ଥିଲା। ପ୍ରତ୍ୟେକ ସର୍ଟ ପାଇଁ କାର୍ଟୁନ୍‌ଗୁଡ଼ିକର ସ୍କେଚ୍ ନିର୍ମାଣ କରାଯାଉଥିଲା। ଶରୀରର ଅଲଗା ଅଲଗା ଅଂଶର ଡିଜାଇନ୍ କରିବା ସେତେବେଳେ ବେଶ୍ କଷ୍ଟକର ଥିଲା। ଏନେଇ ନ୍ୟୁୟର୍କ ସିଟିର ଆନିମେସନ୍ ପ୍ରଫେସର ଜନ୍ କେନ୍‌ମେକର୍‌ଙ୍କ କହିବା ଅନୁଯାୟୀ, 'ପୂର୍ବରୁ କାର୍ଟୁନ୍ ଚରିତ୍ରଗୁଡ଼ିକର କୋଣଗୁଡ଼ିକୁ ମୁନିଆ କରିବା ପରିବର୍ତ୍ତେ ଗୋଲ୍ କରି ଦିଆଯାଉଥିଲା। କାରଣ ତାହା କରିବା ସହଜ ଥିଲା। ସେତେବେଳେ କାର୍ଟୁନ୍ ଚରିତ୍ରଗୁଡ଼ିକ ଆଜି ଭଳି ରଙ୍ଗିନ୍ ନ ଥିଲା। କଳାଧଳା ଥିଲା। ସେତେବେଳେ ହାତର ରେଖା, ଶିରା ପ୍ରଶିରା, ଅଙ୍ଗୁଳି ଆଦି ଆଙ୍କିବା ବେଶ୍ କଷ୍ଟକର ଥିଲା। ତେଣୁ କାର୍ଟୁନ୍ ଚରିତ୍ରଗୁଡ଼ିକୁ ଗ୍ଲୋବସ୍ ପିନ୍ଧାଇ ଦିଆଯାଉଥିଲା। ଏହାବାଦ୍ ହାତକୁ କଳା ଶରୀରରୁ ଅଲଗା ଦେଖାଇବା ଉଦ୍ଦେଶ୍ୟରେ ଧଳା ଗ୍ଲୋବସ୍ ପିନ୍ଧାଇ ଯାଉଥିଲା।' ପ୍ରଥମେ ୱାଲଟ୍ ଡିଜ୍‌ନୀ ତାର କାର୍ଟୁନ୍ ଚରିତ୍ର ମିକି ମାଉସ୍‌କୁ ହାତରେ ଗ୍ଲୋବସ୍ ପିନ୍ଧାଇବାର ଦେଖାଯାଇଥିଲା। ଏନେଇ ସେତେବେଳେ ୱାଲଡ୍ ଡିଜ୍‌ନୀ ପ୍ରତିକ୍ରିୟା ରଖିଥିଲେ ଯେ, ସେ କାର୍ଟୁନ୍ ଚରିତ୍ରଗୁଡ଼ିକୁ ମଣିଷ ଭଳି ଦେଖାଇବାକୁ ଇଚ୍ଛା କରୁଥିଲେ। ମିକି ମାଉସ୍‌କୁ ସେ ମୂଷାମାନଙ୍କ ପରି ହାତ ଦେବାକୁ ଚାହୁଁ ନଥିଲେ। ତେଣୁ ସେ ତାକୁ ଗ୍ଲୋବସ୍ ପିନ୍ଧାଇ ଦେଇଥିଲେ। ଆଉ ଏହି ଧାରା ଏଯାବତ୍ ଚାଲିଛି। 'ଓଗି ଆଣ୍ଡ ଦ କର୍କୋଚେସ୍' ଭଳି କାର୍ଟୁନ୍‌ଗୁଡ଼ିକ ଏବେବି ହାତରେ ଗ୍ଲୋବସ୍ ପିନ୍ଧିଥିବାର ଦେଖାଯାଇଛି।

## ଗୀତାବାଣୀ



ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ।
ନ ଚାତି ସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବ ଚାର୍ଜୁନ॥

ହେ ଅର୍ଜୁନ! ଅଧିକ ଖାଉଥିବ ଓ ଆଦୌ ଖାଉ ନ ଥିବା ତଥା ଅଧିକ ଶୋଉଥିବା ଓ ଆଦୌ ଶୋଉ ନ ଥିବା ବ୍ୟକ୍ତିର ଏହି ଯୋଗ ସିଦ୍ଧ ହୁଏ ନାହିଁ।

(ଷଷ୍ଠୋଽଧ୍ୟାୟଃ- ଶ୍ଳୋକ-୧୬)

## ଜାଣିଛନ୍ତି କି

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି **ଯାତ୍ରାଙ୍ଗୀ ମହାସ୍ନାନ**। ଯାତ୍ରା ସମୟରେ କରାଯାଉଥିବା ଅଙ୍ଗସ୍ନାନକୁ ଯାତ୍ରାଙ୍ଗୀ ମହାସ୍ନାନ କୁହାଯାଏ। ଠାକୁରମାନେ ଯାତ୍ରା ସମୟରେ ବାହାରକୁ ବିଜେ କରନ୍ତି। ଭକ୍ତ ଓ ଶ୍ରଦ୍ଧାଳୁମାନେ ତାଙ୍କୁ ସ୍ପର୍ଶ କରିଥାଇପାରନ୍ତି। ଏଣୁ ଅଶୌଚ ସ୍ପର୍ଶ ନିବାରଣ ପାଇଁ କରାଯାଉଥିବା ସ୍ନାନ ବିଧିକୁ ଯାତ୍ରାଙ୍ଗୀ ମହାସ୍ନାନ ବୋଲି କୁହାଯାଏ।

## ସ୍ୱସ୍ତି

# ଦୋଳଯାତ୍ରା



ଦୋଳ ଯାତ୍ରା ଓଡ଼ିଶାର ଏକ ମହାନ ପର୍ବ। ଫଗୁ ଦଶମୀରୁ ଦୋଳଯାତ୍ରା ଆରମ୍ଭ ହୋଇଥାଏ। ଏହି ଦିନ ଠାକୁରଙ୍କୁ ଫଗୁ ବା ଅବିର ଲାଗି କରାଯାଇ ଥାଏ। ଶାସ୍ତ୍ରରେ ଦୋଳଯାତକୁ 'ବସନ୍ତୋତ୍ସବ' ଓ 'ମଦନୋତ୍ସବ' କୁହାଯାଏ। ଏହି ପର୍ବର ଆରାଧ୍ୟ ଠାକୁର ହେଉଛନ୍ତି ରାଧା ଓ କୃଷ୍ଣ। ଦୋଳଯାତ୍ରା ଅବସରରେ ଓଡ଼ିଶାର ଗାଁ ଗଣ୍ଡା ଉତ୍ସବମୁଖର ହୋଇ ଉଠିଥାଏ। ଘଣ୍ଟ ଘଣ୍ଟା, ସଂକୀର୍ତ୍ତନ ମଣ୍ଡଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ଠାକୁରମାନେ ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ଗାଁ ଗାଁ ବୁଲି ଭୋଗ ଖାଇଥାନ୍ତି। ଠାକୁରଙ୍କୁ ଉଖୁଡ଼ା, ଚଣା, ସାକର, ବିଭିନ୍ନ ଫଳ ଆଦି ଭୋଗ ଲଗାଯାଏ। ଦୋଳ ବିମାନରେ ଆମ୍ବ ପେନ୍ଥା ଶୋଭା ବଢ଼ାଇ ଥାଏ। ଏହିଦିନଠାରୁ ବିଭିନ୍ନ ଗାଁରେ ମେଳଣ ଆୟୋଜନ ହୋଇଥାଏ। କେଉଁଠି ପଞ୍ଚୁ ଦୋଳ ତ କେଉଁଠି ଦଶ ଦୋଳ। ଭକ୍ତମାନେ ଫଗୁ ଖେଳରେ ମାତିଯାଆନ୍ତି। ସେହିପରି ଦୋଳପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଶେଷ ନୀତି ହୁଏ। ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ ଆସି ଦୋଳବେଦିରେ ବିଜେ ହୁଅନ୍ତି। ଭକ୍ତମାନେ ଠାକୁରଙ୍କୁ ଫଗୁ ଲାଗି କରିଥାନ୍ତି। ପରମ୍ପରା ଅନୁସାରେ, ଦୋଳ ବେଦିରେ ନୂଆ ପାଞ୍ଜି ପାଠ କରାଯାଇ ଆଗାମୀ ବର୍ଷର ଶୁଭାଶୁଭ ଫଳ ବିଷୟରେ ଅବଗତ କରାଯାଏ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ ହୋଇଥାଏ।

# ହୋଲିକା ଦହନରେ ଘଷିଜଳା ପରମ୍ପରା

**ପାଖେଇ ଆସିଲାଣି ରଙ୍ଗର ପର୍ବ ହୋଲି। ପୂରା ଦେଶରେ ଏହାକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ପୌରାଣିକ ଆଖ୍ୟାନ ଅନୁସାରେ, ହୋଲିର ଦିନକ ପୂର୍ବରୁ ହୋଲିକା ମାତାଙ୍କ ପୂଜା କରାଯାଏ। ତେବେ ହୋଲିକା ଦହନ ସହିତ ସମସ୍ତ ପାପ ନାଶ ହୋଇଥାଏ ବୋଲି କୁହାଯାଏ। ତେବେ ହୋଲିକାର ଅଗ୍ନିରେ କିଛି ଏଭଳି ଜିନିଷ ଜଳାଯାଏ, ଯାହାର ବିଶେଷ ମହତ୍ତ୍ୱ ଜ୍ୟୋତିଷ ଶାସ୍ତ୍ରରେ ବି ଅଛି। ସେଥିରୁ ଅନ୍ୟତମ ଗୋବର ଘଷି। ହୋଲିକା ଦହନରେ ଶୁଷ୍କ ଗୋମୟକୁ କାହିଁକି ବ୍ୟବହାର କରାଯାଏ, ସେ ସମ୍ପର୍କରେ ଜାଣିବା।**

- ହୋଲିକା ଦହନରେ ଗୋବର ଘଷି ଜାଳିବାର ବିଶେଷ ପରମ୍ପରା ଅଛି।
- ଏହିଦିନ ମହିଳାମାନେ ଗୋବର ଘଷି ମାଳା ତିଆରି କରି ହୋଲି ଉପରେ ଚଢ଼ାଇ ପୂଜା କରନ୍ତି।
- ପ୍ରଥମେ ଗୋବରକୁ ଶୁଖାଇ ଘଷି ତିଆରି କରାଯାଏ। ଏହାପରେ ସୂତାରେ ଗୋବର ଘଷି ମାଳା ତିଆରି କରାଯାଏ।
- ଗୋବର ଘଷି ଶୁଭର ପ୍ରତୀକ। ଏହାକୁ ଜଳାଇବା ଦ୍ୱାରା ଏଥିରୁ ଯେଉଁ ଧୂଆଁ ନିର୍ଗତ ହୁଏ, ତାହା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇଥାଏ। ଏହି କାରଣ ଯୋଗୁଁ ଯଜ୍ଞ ଓ ହୋମରେ ପଞ୍ଚଗବ୍ୟ ମଧ୍ୟରେ ଅନ୍ୟତମ ଗୋମୟର ବ୍ୟବହାର କରାଯାଏ।
- ସେହିପରି ଏହାକୁ ଜାଳିବା ଦ୍ୱାରା ଘରର ସମସ୍ୟା ଦୂର ହୋଇଥାଏ।
- ଘରର ବାତାବରଣ ଶୁଦ୍ଧ ହୋଇଥାଏ।



# ମୀନକୁ ଯିବେ ଶନି

ହୋଲିର ଠିକ୍ ୧୫ ଦିନ ପରେ ଅର୍ଥାତ୍ ମାର୍ଚ୍ଚ ୨୯ ତାରିଖରେ ଶନି ଦେବ ରାଶି ପରିବର୍ତ୍ତନ କରିବେ। ଏହିଦିନ ଶନି ଦେବ କୁମ୍ଭ ରାଶିରୁ ମୀନ ରାଶିକୁ ପ୍ରବେଶ କରିବେ। ଏହାର ପ୍ରଭାବରେ ତିନି ରାଶିଙ୍କୁ ଶୁଭ ଫଳ ପ୍ରାପ୍ତି ହେବ।

**କର୍କଟ:** ଶନିଙ୍କ ଗୋଚର ପରେ ବର୍ଷ ତମାମ କର୍କଟ ରାଶିଙ୍କୁ ଶୁଭଫଳ ମିଳିବ। ସମାଜରେ ମାନ ସମ୍ମାନ ବଢ଼ିବ। ଧନଲାଭ ଯୋଗ ରହିଛି। ଅଟକି ରହିଥିବା କାର୍ଯ୍ୟ ଶୀଘ୍ର ପୂରଣ ହେବ। ଘରେ ସୁଖ-ଶାନ୍ତିର ପରିବେଶ ବଜାୟ ରହିବ।

**ବୃଷ:** କ୍ୟାରିୟର ଓ ବ୍ୟବସାୟରେ ଲାଭ ହେବ। ପୁରୁଣା ନିବେଶରୁ ଲାଭ ମିଳିବ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ପ୍ରାପ୍ତ ହେବ। ଚାକିରିଆଙ୍କ ପଦୋନ୍ନତି ହେବ ଏବଂ ଉଚ୍ଚଅଧିକାରୀ କାମର ପ୍ରଶଂସା କରିବେ। ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ଶନି ସାଢ଼େ ସାତିରୁ ମୁକ୍ତି ମିଳିବ। ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦୂର ହେବ। ନୂଆ କାମ ଆରମ୍ଭ କରିବା ପାଇଁ ଏହା ଭଲ ସମୟ। ଧନ ଲାଭ ହେବ। ଯେକୌଣସି କାର୍ଯ୍ୟରେ ମାତାପିତାଙ୍କ ପୂର୍ଣ୍ଣ ସହଯୋଗ ମିଳିବ।

**ହୋଲି ହେଉଛି ରଙ୍ଗ ବେରଙ୍ଗର ଏମିତି ଏକ ପର୍ବ, ଯାହାକି ରଙ୍ଗ ମେଳ ସହ ମନୁଷ୍ୟତାର ମେଳକୁ ଦର୍ଶାଏ। ଏହାକୁ ସବୁ ଧର୍ମର ଲୋକ ପୂରା ଆନନ୍ଦ ଓ ଉତ୍ସାହର ସହ ପାଳନ କରନ୍ତି। ପ୍ରେମର ରଙ୍ଗରେ ପୂର୍ଣ୍ଣ ଏହି ପର୍ବ ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ, ଜାତିର ବନ୍ଧନକୁ ମୁକ୍ତ କରି ଭାଇଚାରାର ବାର୍ତ୍ତା ପ୍ରଦାନ କରେ। ରାଧା କୃଷ୍ଣଙ୍କ ଅପ୍ରାକୃତ ପ୍ରେମ ଲୀଳାର ଅଂଶ ହେଉଛି ରଙ୍ଗ ଖେଳ।**



# ରାଧାକୃଷ୍ଣଙ୍କ ରଙ୍ଗ ଖେଳ

ମଥୁରାରେ କୃଷ୍ଣ ଜନ୍ମ ହୋଇଥିବା ବେଳେ ବୃନ୍ଦାବନରେ ବଡ଼ ହୋଇଥିଲେ। ତେବେ କୃଷ୍ଣ ଶ୍ୟାମଳ ବର୍ଣ୍ଣ ହୋଇଥିବାରୁ ସେ ଅନ୍ୟାମାନଙ୍କଠାରୁ ନିଜକୁ ଅଲଗା ଭାବନ୍ତି। ଶ୍ରୀକୃଷ୍ଣଙ୍କୁ ଲାଗେ ତାଙ୍କ ରଙ୍ଗ ଯୋଗୁଁ ରାଧା କି ଅନ୍ୟ ଗୋପୀମାନେ ତାଙ୍କୁ ଭଲପାଇବେ ନାହିଁ। ତାଙ୍କର ଏଭଳି ଚିନ୍ତାକୁ ଦେଖି ଯଶୋଦା, ଶ୍ରୀକୃଷ୍ଣଙ୍କୁ କହିଲେ ରାଧାଙ୍କଠାରେ ନିଜ ପସନ୍ଦର ରଙ୍ଗ ବୋଳିବାକୁ।

ନନ୍ଦଗ୍ରାମରୁ କୃଷ୍ଣ ରଙ୍ଗ ଧରି ରାଧା ଓ ଅନ୍ୟ ଗୋପୀମାନଙ୍କୁ ରଙ୍ଗ ପକାଇବାକୁ ଯାଆନ୍ତି। କୃଷ୍ଣଙ୍କ ଏଭଳି କାମରେ ରାଧା ଓ ଅନ୍ୟ ଗୋପୀମାନେ ବାଡ଼ି ଧରି ଗୋଡ଼ାନ୍ତି। ଏହିପରି ଭାବେ ରାଧାକୃଷ୍ଣଙ୍କ ମଧ୍ୟରେ ଅଲୌକିକ ପ୍ରେମ ସୃଷ୍ଟି ହେବା ସହ ହୋଲି ଖେଳର ପ୍ରାରମ୍ଭ ହୋଇଥିବା କୁହାଯାଏ। ଆଉ ସେଦିନଟି ଥିଲା ପବିତ୍ର ଫାଲ୍‌ଗୁନ ପୂର୍ଣ୍ଣିମା।



শାହାରୁଖ୍, ଅଜୟ, ଟାଇଗରଙ୍କୁ ନୋଟିସ୍
▶ଭିତର ପୃଷ୍ଠାରେ...

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-253 ◆BHUBANESWAR ◆MONDAY ◆10 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୫୩ ◆ଭୁବନେଶ୍ୱର ◆ସୋମବାର ◆୧୦ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦

### ଆଜିଠାରୁ ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

# ସରକାରଙ୍କୁ ଘେରିବେ ବିରୋଧୀ

■ **ନୂଆଦିଲ୍ଲୀ, ୯।୩ (ଏଜେନ୍ସି):** ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ସରଗରମ ହେବାର ସମ୍ଭାବନା ରହିଛି। ବିଭିନ୍ନ ପ୍ରସଙ୍ଗ ନେଇ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ସରକାର ଓ ବିରୋଧୀ ଦଳ ମଧ୍ୟରେ ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ। ମଣିପୁରରେ ସାନି ହିଂସା, ଭାରତ ପ୍ରତି ଟ୍ରମ୍ପ ପ୍ରଶାସନର ପ୍ରତିକୂଳ ଆଭିମୁଖ୍ୟ ଏବଂ ଭୋଟର ତାଲିକାରେ ଜାଲିଆତିକୁ ବିରୋଧୀ ଦଳ ମୁଖ୍ୟ ପ୍ରସଙ୍ଗ କରିବାକୁ ଯାଉଥିବା ବେଳେ ସରକାର ଏହି ଅଧିବେଶନରେ ବଜେଟ ପ୍ରକ୍ରିୟା ଶେଷ କରିବା ସହିତ ବିବାଦୀୟ ୱାକଫ୍ ସଂଶୋଧନ ବିଲ୍ ପାସ୍ କରାଇବାକୁ ଉଦ୍ୟମ କରିବେ। ଏହି ଅଧିବେଶନରେ ଦକ୍ଷିଣ ଭାରତର ରାଜ୍ୟମାନେ ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗ ଉଠାଇବେ ବୋଲି ଘୋଷଣା କରି ସାରିଛନ୍ତି।

ମଣିପୁରରେ ରାଷ୍ଟ୍ରପତି ଶାସନକୁ ଅନୁମୋଦନ କରାଇବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏକ ପ୍ରସ୍ତାବ ଆଗତ କରିବାକୁ ଯୋଜନା କରିଥିବା ବେଳେ ରାଜ୍ୟରେ ପୁଣି ହିଂସା ଆରମ୍ଭ ହୋଇଥିବାରୁ ବିରୋଧୀ ଦଳ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରକୁ ଘେରିବେ ବୋଲି ସୂଚନା ମିଳିଛି। ବାଣିଜ୍ୟ କ୍ଷେତ୍ରରେ ଶୁଳ୍କକୁ ନେଇ ଭାରତ ପ୍ରତି ଟ୍ରମ୍ପ ପ୍ରଶାସନର କଡ଼ା ଆଭିମୁଖ୍ୟକୁ ମଧ୍ୟ ବିରୋଧୀ ପ୍ରସଙ୍ଗ କରିବେ। ପ୍ରଧାନମନ୍ତ୍ରୀ ।।ମୋଦୀଙ୍କ ଗସ୍ତ ସତ୍ତ୍ୱେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି। ଏହାଫଳରେ ଭାରତୀୟ ଶିଳ୍ପ ବ୍ୟାପକ ରୂପେ କ୍ଷତିଗ୍ରସ୍ତ ହେବେ।



### ଉଠିବ ଭୋଟର ଜାଲିଆତି, ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗ

### ସରକାରଙ୍କ ଏଜେଣ୍ଡାରେ ବିବାଦୀୟ ୱାକଫ୍ ବିଲ୍

ଏହି ପ୍ରସଙ୍ଗରେ ଭାରତ ସରକାରଙ୍କ ଆଭିମୁଖ୍ୟ କଣ ରହିବ ତାହା ବିରୋଧୀମାନେ ସରକାରଙ୍କ ଠାରୁ ଜାଣିବାକୁ ଚାହିଁବେ।

ତେବେ ଭୋଟର ତାଲିକା ଜାଲିଆତିକୁ ବିରୋଧୀମାନେ ସବୁଠାରୁ ବଡ଼ ପ୍ରସଙ୍ଗ କରିବେ ବୋଲି ସୂଚନା ଦେଇ ସାରିଛନ୍ତି। ଅନ୍ୟ ରାଜ୍ୟର ଭୋଟରମାନଙ୍କୁ ପଶ୍ଚିମବଙ୍ଗରେ ତାଲିକାଭୁକ୍ତ କରାଯାଉଥିବାରୁ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ବାଚନ କମିସନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଥମେ ଏହି ଅଭିଯୋଗକୁ କମିସନ ପ୍ରତ୍ୟାଖ୍ୟାନ କରିଦେବା ପରେ ପଶ୍ଚିମ ବଙ୍ଗ ସରକାର ଏହାର ପ୍ରମାଣ ସ୍ୱରୂପ ଭୋଟର ପରିଚୟପତ୍ର ସଂଖ୍ୟା ଦେଖାଇଥିଲେ। ସମାନ ନମ୍ବର ଥାଇ ପଶ୍ଚିମବଙ୍ଗରେ ଅନ୍ୟ ▶ପୃଷ୍ଠା-୭

### ଯୋଗାଣ ମନ୍ତ୍ରୀଙ୍କ 'ଦଶ ହଜାରିଆ' ସର୍ତ୍ତ

# ରାସନ କାର୍ଡ ହରାଇବେ ୨୦ ଲକ୍ଷ ଶ୍ରମଜୀବୀ

■ **ଭୁବନେଶ୍ୱର, ୯।୩ (ସମିସ):** ଗ୍ରାମାଞ୍ଚଳରେ ମାସିକ ରୋଜଗାର ୧୦ ହଜାର ଓ ସହରାଞ୍ଚଳରେ ୧୨ ହଜାର ଟଙ୍କା ଆୟ ଥିଲେ ରାସନ କାଡର୍ ମିଳିବ ନାହିଁ। ଏହି ବର୍ଗର ଯେଉଁମାନେ ରାସନ କାଡର୍ ପାଇଛନ୍ତି, ସେମାନେ କାଡର୍ ନ ଫେରାଇଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଯୋଗାଣମନ୍ତ୍ରୀ ଧମକ ଦେଇଛନ୍ତି। ଯାହାକୁ ନେଇ ରାଜ୍ୟର ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଅସଂଗଠିତ କ୍ଷେତ୍ର ଶ୍ରମିକ ପରିବାରରେ ସୃଷ୍ଟି ହୋଇଛି ଆତଙ୍କ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଶ୍ରମିକ ସଂଗଠନଗୁଡ଼ିକ ମନ୍ତ୍ରୀଙ୍କ ଟିପ୍ପଣୀକୁ କଟୁ ସମାଲୋଚନା ସହ ସରକାର କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ପାଇଁ ସ୍ଥିର କରିଥିବା ମଜୁରୀ ସମ୍ପର୍କରେ ଅବଗତ ହେବା ପରେ ମନ୍ତ୍ରୀ ଏଭଳି

▶▶ ମନ୍ତ୍ରୀଙ୍କୁ ଶ୍ରମିକ ସଂଗଠନର ପାଲଟା ଚେତାବନୀ
▶▶ ରାଜ୍ୟବ୍ୟାପୀ ଆନ୍ଦୋଳନ ଲାଗି ଶ୍ରମିକଙ୍କ ସଜବାଜ
▶▶ ସରକାରୀ ନିୟମ ଜାଣିନାହାନ୍ତି ଯୋଗାଣ ମନ୍ତ୍ରୀ

ବିବୃତ୍ତି ରଖନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ଏହାପରେ ଯଦି ମନ୍ତ୍ରୀ ଜଣେ ବି ଶ୍ରମିକଙ୍କ ରାସନ କାଡର୍ କାଟନ୍ତି, ତେବେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ସଂଗଠନଗୁଡ଼ିକ ଧମକ ଦେଇଛନ୍ତି।

ରାଜ୍ୟ ସରକାର ଅଣକୁଶଳୀ ଶ୍ରମିକମାନଙ୍କ ସର୍ବନିମ୍ନ ଦୈନିକ ମଜୁରୀ ୪୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଅର୍ଦ୍ଧକୁଶଳୀ ଶ୍ରମିକଙ୍କର ଦୈନିକ ମଜୁରୀ ୫୦୦ଟଙ୍କା, କୁଶଳୀ ଶ୍ରମିକଙ୍କର ୫୫୦ ଟଙ୍କା ଓ ଅତି କୁଶଳୀ ଶ୍ରମିକମାନଙ୍କ ପାଇଁ ୬୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଜଣେ ଶ୍ରମିକ ଯଦି ମାସକ ୩୦ ଦିନ କାମ କରନ୍ତି, ତେବେ ଅଣକୁଶଳୀଙ୍କ ଠାରୁ ଅତି କୁଶଳୀଙ୍କ ପର୍ଯ୍ୟନ୍ତ ସମସ୍ତ ବର୍ଗର ଶ୍ରମିକମାନଙ୍କ ମାସିକ ଆୟ ପରିମାଣ ୧୦ହଜାର ଟଙ୍କାରୁ ଅଧିକ ହେବ। ଏମିତିକି କ୍ଷେତ୍ର ବିଶେଷରେ ଏହା ୧୫ ରୁ ୧୮ହଜାର ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ପଡିକାର୍ଡ ଉପଭୋକ୍ତାଙ୍କ ପାଇଁ ଯେଉଁ ମାସିକ ଆୟ ସୀମା ଧାର୍ଯ୍ୟ କରିଛନ୍ତି, ସେହି ଭିତ୍ତିରେ ଯଦି ରାସନକାର୍ଡରୁ ହିତାଧିକାରୀମାନଙ୍କ ନାମ କଟାଯାଏ, ତେବେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କାମ କରୁଥିବା ଶ୍ରମଜୀବୀମାନେ ରାସନ କାର୍ଡରୁ ବଞ୍ଚିତ ହେବେ। ଫଳରେ ସେମାନେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା ଯୋଜନାରେ ଆଉ ମୁଣ୍ଡପିଛା ମାସିକ ୫ କିଲୋ ▶ପୃଷ୍ଠା-୭

## ଦୁର୍ଘଟଣା ନେଲା ୪ ଜୀବନ

■ **ତାଳଚେରସଦର/ପୋଡ଼ାଗଡ଼, ୯।୩ (ସମିସ):** ଅନୁଗୋଳ ଓ କୋରାପୁଟ ଜିଲ୍ଲାରେ ଆଜି ପୃଥକ୍ ପୃଥକ୍ ଦୁଇଟି ଦୁର୍ଘଟଣାରେ ୪ଜଣଙ୍କ ଜୀବନ ଯାଇଛି। ତାଳଚେର ସହର ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର କଣ୍ଢାଳ ପେଟ୍ରୋଲ ପମ୍ପ ନିକଟରେ ଆଜି ଏକ ଦୁର୍ଘଟଣାରେ

### ଦମ୍ପତିଙ୍କ ଉପରେ ମାଡ଼ିଗଲା ଟ୍ରକ୍

### ଦୁଇ ବାଇକ ମୁହାଁମୁହିଁ ଧକ୍କା; ୨ ମୃତ

ଦମ୍ପତିଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ମୃତକ ହେଲେ, ସମଲ ଶିଶୁମନ୍ଦିରରେ କାର୍ଯ୍ୟରତ ଶିକ୍ଷକ ମଦନ ସାହୁ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ସାହୁ। ଦୁହେଁ ଆଜି ଏକ ବାଇକ୍‌ରେ ତାଳଚେର ଅଞ୍ଚଳକୁ କୌଣସି କାମରେ ଆସିଥିଲେ। ମଧ୍ୟାହ୍ନରେ ଘରକୁ ଫେରୁଥିବା ବେଳେ ପେଟ୍ରୋଲ ପମ୍ପ ନିକଟରେ ଏକ ▶ପୃଷ୍ଠା-୭

## ହୋଲିରେ ୪୦ ଛୁଇଁବ ତାତି



୫ ଦିନରେ ୫ ଡିଗ୍ରୀ ବଢ଼ିବ

■ **ଭୁବନେଶ୍ୱର, ୯।୩ (ସମିସ):** ଦୁଇ ତିନି ଦିନର ବିରତି ପରେ ଆଜିଠାରୁ ରାଜ୍ୟରେ ବଢ଼ିଛି ତାତିର ତାଉ। ଆସନ୍ତା ୩-୪ ଦିନ ମଧ୍ୟରେ ତାପମାତ୍ରା ଆହୁରି ବୃଦ୍ଧି ପାଇବ ଓ ୫ ଦିନରେ ତାପମାତ୍ରା ଅନ୍ୟୂନ ୫ ଡ଼ିଗ୍ରୀ ବଢ଼ିବ। ହୋଲିବେଳକୁ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁପାରେ ବୋଲି ଆକଳନ କରାଯାଉଛି। ଆଜି ଗୁଜରାଟରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ରାଜ୍ୟକୁ ଉତ୍ତର ପଶ୍ଚିମ ଦିଗରୁ ଗରମ ଶୁଷ୍କ ବାୟୁ ପ୍ରବାହ ବଢ଼ିବା ଆଶଙ୍କା ରହିଥିବାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ବୋଲି କୁହାଯାଉଛି।

**ଜିଲ୍ଲାପାଳମାନଙ୍କୁ ସତର୍କ କରାଇଲେ ଏସ୍ଆରସି**

ରବିବାର ୩୮.୫ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ଟିଟିଲାଗଡ଼ରେ ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ ହୋଇଛି। ଝାରସୁଗଡ଼ାରେ ଏହା ୩୭.୪, ବଲାଙ୍ଗୀରରେ ୩୭.୪, ସୋନପୁରରେ ୩୭.୨, ଭବାନୀପାଟଣା ୩୭, ଭୁବନେଶ୍ୱର ୩୪ ଏବଂ କଟକରେ ତାପମାତ୍ରା ୩୩ ଡିଗ୍ରୀ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୫ ଦିନ ମଧ୍ୟରେ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ତାତି ବଢ଼ିବ। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ ଓ ବଲାଙ୍ଗିର ଆଦି ▶ପୃଷ୍ଠା-୭

# ପରଲୋକରେ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସ



■ **ଭୁବନେଶ୍ୱର, ୯।୩ (ସମିସ):** ଭୋଗରାଇର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସ ଆଉ ନାହାନ୍ତି। ଶନିବାର ଭୋର ୩.୪୫ ମିନିଟରେ ସେ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କର ୮୫ବର୍ଷ ବୟସ ହୋଇଥିଲା। ବୟସାଧିକ୍ୟ ଅସୁସ୍ଥତାରେ ସେ ପୀଡ଼ିତ ହୋଇ ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିଲେ।

ସ୍ୱର୍ଗତ ଦାସ ଭୋଗରାଇ ବ୍ଲକ୍ ଅନ୍ତର୍ଗତ ବାଲିମ ପଞ୍ଚାୟତ କୁରୁଠିଆ ଗ୍ରାମରେ ୨୮ ଅଗଷ୍ଟ ୧୯୪୦ ମସିହାରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ଦିନରୁ ସେ ଜଣେ ମେଧାବୀ ଛାତ୍ର ଥିଲେ ଓ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରୁ କୃତିତ୍ୱର ସହ ମେଟ୍ରିକ ପାଶ କରିଥିଲେ। ରେଭେନ୍ସା ମହାବିଦ୍ୟାଳୟରୁ ସ୍ନାତକ ଡ଼ିଗ୍ରୀ ସହ ଆଇନରେ ସହ ଆଇନ ପାଠ୍ୟକ୍ରମ ଶେଷ କରିଥିଲେ। ଏହାପରେ ସେ କମର୍ଦ୍ଦା ସରକାରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଓ ବସ୍ତା ଶମ୍ଭୁନାଥ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଶିକ୍ଷକତା କରିଥିଲେ। ପରବର୍ତ୍ତୀ ସମୟରେ ଓଡିଶା ପ୍ରାସାନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ▶ପୃଷ୍ଠା-୭



### ଓଡ଼ିଶା ଜଣେ ଅଭିଜ୍ଞ ରାଜନେତା ଓ ବିଜେଡି ଜଣେ ଦକ୍ଷ ସଂଗଠକଙ୍କୁ ହରାଇଲା: ନବୀନ

■ **ଭୁବନେଶ୍ୱର, ୯।୩(ସମିସ):** ଭୋଗରାଇର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଅନନ୍ତ ଦାସଙ୍କୁ ବିଜୁ ଜନତା ଦଳ ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆଜି ସ୍ୱର୍ଗତ ଦାସଙ୍କ ପାର୍ଥିବ ଶରୀର ଶଙ୍ଖ ଭବନରେ ପହଞ୍ଚିବା ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକସନ୍ତପ୍ତ ▶ପୃଷ୍ଠା-୭

# ଜୟ-ଜହର: ଅଠାକାଠିରେ ସରକାର

### ମୁଖ୍ୟମନ୍ତ୍ରୀ ଓ ବିଜେପିଠୁ ସ୍ୱଷ୍ଟୀକରଣ ମାଗିଲେ ସବୁ ଦଳ

■ **ଭୁବନେଶ୍ୱର, ୯।୩ (ସମିସ):** ଓଡ଼ିଶାରେ ସମ୍ବଲପୁର ମିଶ୍ରଣ ସଂକ୍ରାନ୍ତରେ ବିବାଦୀୟ ମନ୍ତବ୍ୟ ଓ ରାଜ୍ୟ ସଙ୍ଗୀତକୁ ଅସମ୍ମାନ ପ୍ରସଙ୍ଗରେ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟକୁ ନେଇ ସାରା ରାଜ୍ୟରେ ସୃଷ୍ଟି ହୋଇଛି ତୀବ୍ର ବିରୋଧ। ଜଣେ ବିଧାୟକ ଭାବରେ ସରକାରୀ କାର୍ଯ୍ୟକ୍ରମରେ ସେ ଏପରି ବିଭାଜନକାରୀ ମନ୍ତବ୍ୟ ଦେଇ ରାଜ୍ୟରେ ବିଭେଦ ସୃଷ୍ଟି କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। 'ଓଡ଼ିଆ ଅସ୍ମିତା' ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କୁ ଜୟନାରାୟଣଙ୍କ ମନ୍ତବ୍ୟ ଅଠାକାଠିରେ ପକାଇଛି। ବିଶେଷ ଭାବରେ ଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରିଥିବାରୁ ବିଜେପି ଓ ସରକାର ସମାଲୋଚନାର ଶରବ୍ୟ ହୋଇଛନ୍ତି। ବିଜେଡି, କଂଗ୍ରେସ ସହ ବିଭିନ୍ନ ସାମାଜିକ ସଙ୍ଗଠନ ମଧ୍ୟ ଜୟନାରାୟଣ କ୍ଷମା ମାଗିବାକୁ ଓ ସରକାର ସ୍ୱଷ୍ଟୀକରଣ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜୟନାରାୟଣଙ୍କ ଏହି ମନ୍ତବ୍ୟ ପଛରେ ଭୟଙ୍କର ଅଭିସନ୍ଧିଥିବା ମଧ୍ୟ ଅଭିଯୋଗ ହୋଇଛି। ରାଜ୍ୟ ମନ୍ତ୍ରୀମଣ୍ଡଳରୁ ଦୂରେଇ ରଖାଯିବା ସହ ତାଙ୍କୁ ଦଳୀୟ କ୍ଷେତ୍ରରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉ ନଥିବାରୁ ସେ ଦଳ ଉପରେ ପ୍ରତିଶୋଧପରାୟଣ ହୋଇ ଏପରି ମନ୍ତବ୍ୟ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି।

### ଓଡ଼ିଶାର ଗୌରବ ଓ ସଂଘର୍ଷ ପ୍ରତି ବିଜେପିର ସମ୍ମାନ ନାହିଁ: ନିରଞ୍ଜନ

### ମନ୍ତ୍ରୀ ପଦ ଲୋଭରେ ଜୟନାରାୟଣଙ୍କ ବାଚାଳାମୀ: ରୋହିତ

### ଜୟଙ୍କ ବକ୍ତବ୍ୟ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରିବ: ଅସ୍ମିତା ପରିଷଦ

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଜୟନାରାୟଣଙ୍କ ମନ୍ତବ୍ୟକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଜୟନାରାୟଣ ମିଶ୍ର ଉତ୍କଳ ରାଜ୍ୟର ମୂଳଦୁଆ ପଡ଼ିଥିବା ଧାରଣାକୁ ଖାରଜ କରିଛନ୍ତି। ଆମ ପୂର୍ବପୁରୁଷମାନେ ଦଶନ୍ଧି ଧରି ସଂଘର୍ଷ କରିଥିଲେ ଓ ଶେଷରେ ୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇପାରିଥିଲା। ଜୟନାରାୟଣ ମିଶ୍ରଙ୍କ ବାର୍ତ୍ତା କ'ଣ ବିଜେପିର "ଓଡ଼ିଆ ଅସ୍ମିତା'ର ନୀତି କି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଆମ ଇତିହାସକୁ ହୀନ କରିବା ଏବଂ ଓଡ଼ିଶାର ମୂଳଦୁଆ ଉପରେ ପ୍ରଶ୍ନ ଉଠାଇବା କ'ଣ ଯଥାର୍ଥ ବୋଲି ପ୍ରଶ୍ନ କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହା ଉତ୍ତର ରଖନ୍ତୁ ବୋଲି ନିରଞ୍ଜନ ଦାବି କରିଛନ୍ତି। ବିଜେପି ପୁଣି ଥରେ ପ୍ରମାଣ କରିଛି ଯେ, ସେମାନଙ୍କର ଓଡ଼ିଶାର ଗୌରବ, ଏହାର ସଂଘର୍ଷ ଏବଂ ଏହାର ଲୋକଙ୍କ ପ୍ରତି କୌଣସି ସମ୍ମାନ ନାହିଁ। ଆମେ ସେମାନଙ୍କୁ ଆମର ଇତିହାସକୁ ନଷ୍ଟ କରିବାକୁ ଦେବୁ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ▶ପୃଷ୍ଠା-୭



**ମାଟି-ବାଲି ମାଫିଆଙ୍କ ଉପଦ୍ରବ**

# ଖଣି ବିଭାଗ ନିରବ, ପୁଲିସ ନାଚାର

## କାର୍ଯ୍ୟାନୁଷ୍ଠାନରେ ପ୍ରଶ୍ନବାଚୀ; ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଉଠୁଛି ଅଙ୍ଗୁଳି

**ଭଦ୍ରକ, ୯ ।୩(ସମିସ)**

ଭଦ୍ରକ ଜିଲ୍ଲା ସଦର ମହକୁମାଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଏବେ ମାଟି ମାଫିଆଙ୍କ ଉପଦ୍ରବ ଚାଲିଛି। ଖାଲି ମାଟି ନୁହେଁ; ଧାମନଗର, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକରୁ ବାଲି ଚୋରା ଚାଲାଣ ଥମିବାର ନାଁ ନେଉନିଫ କେବଳ ସଚେତନତା କାର୍ଯ୍ୟକ୍ରମ କରି ଜିଲ୍ଲାର ଖଣି ବିଭାଗ ନିଜର କାର୍ଯ୍ୟ ଶେଷ କରୁଛିଫ ଏଠାକାର ମାଟି ମାଫିଆମାନେ ଉଭୟ ସରକାରୀ, ବେସରକାରୀ ଜମିରୁ ଦୈନିକ ଶହ ଶହ ଟ୍ରିପ ମାଟି ଲୁଟ୍ କରି ବଡ ବଡ ପୋଖରୀ କରି ଦେଲେଣିଫ ଭଦ୍ରକ ସହର ଉପକଣ୍ଠ ଚରମ୍ପା, ସାଳନ୍ଦୀ ବାଇପାସ, ଆରଡିଛକ ଆଦି ଅଞ୍ଚଳରୁ ଦୈନିକ ୫ଶହରୁ ଅଧିକ ମାଟି ବୋଝେଇ ଟ୍ରାକ୍ଟର



ଅନଭିଜ୍ଞ ଚାଳକଙ୍କ ହାତରେ ପ୍ରଚଣ୍ଡ ଶବ୍ଦ ଓ ଦ୍ରୁତ ଗତିରେ ରାସ୍ତାରେ ଯାଉଛି। ଫଳରେ ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରିବା ସହ ଶବ୍ଦ ପ୍ରଦୂଷଣ କରୁଛି। ଆଉ ରାସ୍ତାରେ ମାଟି ଅତଡା ପଡି ବାଇକ୍ ଚାଳକଙ୍କ ଲାଗି ବିପଦ ସୃଷ୍ଟି ହେଉଛି।

ଚରମ୍ପାସ୍ଥିତ ଧାମରା ରେଳବାଇ ଓଭରବ୍ରିଡ ତଳୁ ଦୈନିକ ଶହ ଶହ ଟ୍ରିପ ମାଟି ଚାଲାଣ ହେଉଛି। ଏଥିରେ ଏକାଧିକ ଜେସିବି ମେସିନ ନିୟୋଜିତ ହୋଇଛି। ସେହିଭଳି ୧୬ନମ୍ବର ଜାତୀୟ ରାଜପଥର ରାଣୀତାଲ ଛକ ପଛକୁ ଧାମରା ରେଳଲାଇନ୍ ନିକଟରେ ଜେସିବି ମେସିନରେ ମାଟି ତାଡି ମାଫିଆମାନେ ଏକର ଏକର ଜମିରେ ବିରାଟ ଖାଲ କରି ଦେଇଛନ୍ତି। ଦୈନିକ ଶହ ଶହ ଟ୍ରିପ୍ ମାଟି ଚାଲାଣ କରୁଛନ୍ତି ମାଫିଆ। ଏହି ଖବର ପାଇ ଶୁକ୍ରବାର ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଖଣି ଅଫିସର ଅନିଲ ଦାସ, ରେଭିନ୍ୟୁ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ମାଟି ମାଫିଆଙ୍କ ଜଣେ ପ୍ରତିନିଧିକୁ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଆଣି ଜିମା ଦେଇଥିଲେ। ଏହାପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଲା ଏହା ସନ୍ଦେହରେ ରହିଛି। ଗ୍ରାମାଞ୍ଚଳ ଥାନା ଆଇଆଇସି ଦୟାନିଧି ଦାସ ଉକ୍ତ ଯୁବକଙ୍କୁ ଆମେ ଛାଡି ଦେଇଛୁ ଓ ଏହା ଖଣି ବିଭାଗ ପରିସରଭୁକ୍ତ ବୋଲି କହିଥିଲେ। ଅନ୍ୟପକ୍ଷରେ ଖଣି ଅଧିକାରୀଙ୍କୁ ଏ ସମ୍ପର୍କରେ ଫୋନ କରାଯାଇଥିଲେ ବି ସେମାନେ କଲ୍ ରିସିଭ କରି ନଥିଲେ। ଜିଲ୍ଲାରେ ମାସିକ କୋଟି କୋଟି ଟଙ୍କାର ମାଟି ଓ ବାଲି ଲୁଟ୍ ଚାଲିଥିବା ବେଳେ ସରକାର ରାଜସ୍ୱ ହରାଉଛନ୍ତି। ଆଉ ଏଦିଗରେ ଖଣି ବିଭାଗର କାର୍ଯ୍ୟ ସ୍ୱତଃ ସନ୍ଦେହ ସୃଷ୍ଟି କରିଛି।

**● ଖଣି ବିଭାଗର ସଚେତନତା ପରେ ମାତିଲେ ବାଲି ମାଫିଆ।**

# ପ୍ରଶାସନ ଆଢୁଆଳରେ ଚାଲିଛି ବାଲି ବିକ୍ରି



**ଦୋବଲ, ୯।୩(ସମିସ):** ବୈତରଣୀ ନଦୀପଠା ବାଲି ମାଫିଆଙ୍କ ଚରାଭୂଇଁ ସାଜିଛି। ବେଧଡ଼କ ଭାବେ ବାଲି ଚୋରା ଚାଲାଣ ଚାଲିଛି। ଧାମନଗର ବ୍ଲକ ଦିହୁଡି ଆନନ୍ଦପୁରଠାରୁ ଧୂଷୁରୀ ଥାନାର ବାଲିପାଟଣା, ଅସ୍ତକ, ହସନାବାଦ ଯାଏ ସବୁଠି ଚାଲିଛି ବାଲି ଚୋରାଚାଲାଣ। ପ୍ରଶାସନ ଆଖିରେ ଧୂଳି ଦେଇ ମାଫିଆମାନେ ବେଧଡ଼କ ବାଲି ଚୋରା ଚାଲାଣ ଚଲାଇଛନ୍ତି। ବୈତରଣୀ ନଦୀର ବିଭିନ୍ନ ନଦୀ ଘାଟରୁ ପ୍ରତ୍ୟେକ ଦିନ ବିପୁଳ ପରିମାଣରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ମାଫିଆମାନେ ବାଲି ଚାଲାଣ କରି ମାଲାମାଲ ହେଉଥିବା ବେଳେ ଏଥିରେ ରାଜନେତାଙ୍କଠାରୁ ଆରମ୍ଭ କରି ପୁଲିସ, ପ୍ରଶାସନର କିଛି ଅସାଧୁ କର୍ମଚାରୀ ସାମିଲ ରହୁଥିବା ମଧ୍ୟ କୁହାଯାଉଛି। ପ୍ରକାଶ ଥାଉ କି, ନିକଟ ଅତୀତରେ ଚୋରା ବାଲି ରୋକିବା ପାଇଁ ଖଣି ବିଭାଗ ପକ୍ଷରୁ ବାଲି ମାଫିଆଙ୍କ ସହଯୋଗରେ ସଚେତନ କରାଯାଇଥିଲା। କେବଳ ସଭା ଓ ସୂଚନାଫଳକରେ ସୀମିତ ରହିଯାଇଛି ଉକ୍ତ ସଚେତନତା କାର୍ଯ୍ୟକ୍ରମ। କିଛି ଅଧିକାରୀ ଓ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କ ଆସ୍ଥାଭାଜନ ପାଇଁ ବୋର୍ଡ ଲଗାଇ ସଚେତନ କରାଇଛନ୍ତି। ବାସ୍ତବରେ ବାଲି ଚାଲାଣ ରୋକିବା ଦିଗରେ ନା ପୁଲିସ ନା ଖଣି ବିଭାଗ କେହି ବି ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଚୋରା ବାଲି ରୋକିବା ପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ଅଭିଯାନ (ବାସା) ଆରମ୍ଭ କରିଛି। ସରକାରଙ୍କଠାରୁ ଅନୁମୋଦନ ମିଳିନଥିବା ବାଲି ଖାଦାନଗୁଡ଼ିକରୁ ଅବୈଧ ଭାବେ ବାଲି ଉତୋଳନ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲୁକା ଅଞ୍ଚଳ ସୁରକ୍ଷା ଅଭିଯାନର ଆରମ୍ଭ କରାଯାଇଛି। ବେଆଇନ ବାଲି ଉତ୍ତୋଳନ ବନ୍ଦ କରିବା ଦିଗରେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଲୋଡ଼ାଯାଇଥିଲା। ସରକାର 'ବାସା' ଆରମ୍ଭ କରିବା ପରେ ବି ବାଲି ଚୋରା ଚାଲାଣ ଥମୁ ନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବୈତରଣୀ ନଦୀରେ ଆନନ୍ଦପୁର, ଅର୍ଜୁନପୁର ଓ ହସନାବାଦ ପଂଚାୟତ ନିକଟର ବିଭିନ୍ନ ଘାଟ ନଦୀରୁ ବାଲି ଚାଲାଣ ହେଉଛି। ଏହି ବାଲି ଚୋରାଚାଲାଣକୁ ରୋକିବା ପାଇଁ ଉପଜିଲ୍ଲାପାଳ, ତହସିଲଦାର, ଫରେଷ୍ଟର, ଥାନା, ଏସଡିପିଓ ଏବଂ ଖଣି ବିଭାଗ କମିଟିରେ ରହିବେ ଏବଂ ସେମାନେ ଏହି ବେଆଇନ ବାଲି ଚୋରାଚାଲାଣକୁ ରୋକିବେ ବୋଲି ପୂର୍ବରୁ ଏକ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଏହି କମିଟି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଇପାରୁ ନାହିଁ। ଉପରୋକ୍ତ କମିଟିର କାର୍ଯ୍ୟକର୍ତା କେହିବି ଚୋରା ବାଲି ଉପରେ ନଜର ଦେଉ ନାହାନ୍ତି। ଫଳରେ ବାଲି ମାଫିଆମାନେ ସେହି ସୁଯୋଗରେ ଅହରହ ବାଲି ଉଠାଇ ବିକ୍ରି କରିଚାଲିଛନ୍ତି। ଏପଟେ ବାଲିଘାଟ ନିଲାମ ପାଇଁ ଖଣି ବିଭାଗର ଆନ୍ତରିକ ଅଭାବ ଯୋଗୁଁ ବାଲି ମାଫିଆମାନେ ବାଲି ଚୋରି କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହୋଇଛି।

**ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ପ୍ରତି ବିବାଦୀୟ ମନ୍ତବ୍ୟ**

# ଜୟନାରାୟଣ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ସିପିଆଇ-ଏମ୍

**ଭଦ୍ରକ, ୯ ।୩(ସମିସ):** ସମ୍ବଲପୁରରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ଏକ ଆଭାସୀ ସଭାରେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ବିଜେପି ନେତା ଜୟନାରାୟଣ ମିଶ୍ର ଖୋଲାଖୋଲି ଭାବେ ଯେପରି ଆମ ରାଜ୍ୟ ସଂଗୀତ ପ୍ରତି ଅସମ୍ମାନ ପ୍ରଦର୍ଶନ ସହ "ଆମେ ଓଡ଼ିଶା ସହ ମିଶିବା ମସ୍ତବଡ଼ ଭୁଲ' ବୋଲି ବିବାଦୀୟ ବୟାନ ଦେଇଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ ବୋଲି ସିପିଆଇ-ଏମ୍ ପକ୍ଷରୁ କୁହାଯାଇଛି। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଦଳ। ଦଳ କହିଛି ଯେ ସମ୍ବଲପୁର ଅଞ୍ଚଳ ସେଣ୍ଟ୍ରାଲ ପ୍ରେସିଡେନ୍ସି ଅଧୀନରେ ଥିଲା। ଓଡ଼ିଶାରେ ଉତ୍କଳ, କଳିଙ୍ଗ, କୋଶଳ, ଉଡ୍ର ଆଦି ଅଞ୍ଚଳର ଉପଖଣ୍ଡଗୁଡିକରେ ପର୍ଯ୍ୟାୟକ୍ରମେ ବିଭିନ୍ନ ରାଜା ଶାସନ କରୁଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସ, ସ୍ୱଭାବ କବି ଗଙ୍ଗାଧର ମେହେର, ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଓ ତତ୍କାଳୀନ ଗଜପତି ମହାରାଜା ପ୍ରମୁଖଙ୍କ ଲଢ଼େଇ ଏବଂ ଓଡ଼ିଶାର ଅଗଣିତ ଜନତାଙ୍କ ଓଡ଼ିଆ ଭାଷା ଆନ୍ଦୋଳନ ଯୋଗୁଁ ୧୯୩୬ ଅପ୍ରେଲ ପହିଲାରେ ଭାଷାଭିତ୍ତିକ ରାଜ୍ୟ ସ୍ୱତନ୍ତ୍ର ଓଡ଼ିଶା ଗଠନ ହୋଇଥିଲା। ଦେଶ ସ୍ୱାଧୀନତା ପାଇବା ପରେ କିଛି ଗଡ଼ଜାତ ଅଞ୍ଚଳ ନୀଳଗିରି, ଢେଙ୍କାନାଳ, ରଣପୁର ଆଦି ୧୯୪୭ ନଭେମ୍ବରରେ ଓଡ଼ିଶା ସହ ମିଶି ଭାରତର ଅଂଶବିଶେଷ ହେଲା। ସେବେଠାରୁ ନବରଙ୍ଗପୁରରୁ ବାରିପଦା, କେନ୍ଦ୍ରାପଡାରୁ ସମ୍ବଲପୁର ସାରା ଓଡ଼ିଶା ଏକ ରହିଛି ଓ ଆଗକୁ ଏକ ରହିବ ମଧ୍ୟ। ସରେଇକଳା ଓ ଖରସୁଆଁ ଅଞ୍ଚଳକୁ ଓଡ଼ିଶା ଅଧୀନରେ ରଖିବା ପାଇଁ ଅନେକ ଆନ୍ଦୋଳନ ହୋଇଥିଲା କିନ୍ତୁ ଦୁଃଖର ବିଷୟ ସେହି ଅଞ୍ଚଳ ଓଡ଼ିଶାର ଅଂଶବିଶେଷ ହୋଇ ରହି ପାରିନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ରାଜ୍ୟ ସଂଗୀତ "ବନ୍ଦେ ଉତ୍କଳ ଜନନୀ' ହେଉଛି ଓଡ଼ିଆ ଜାତିର ଏକତା ଓ ଅଖଣ୍ଡତାର ପ୍ରତୀକ ଭାବେ ପ୍ରତିଫଳିତ ହୋଇଆସିଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ପ୍ରଦେଶ ପ୍ରତି ଅପମାନ ସୂଚକ ଏବଂ ବିବାଦୀ ମନ୍ତବ୍ୟ ଦେଇଥିବା ବରିଷ୍ଠ ବିଜେପି ନେତା ଜୟନାରାୟଣ ମିଶ୍ରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି ସିପିଆଇ-ଏମ୍। ଭଦ୍ରକ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ରାଧାନାଥ ଦାସ, ପ୍ରଭାସ ମହାପାତ୍ର, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଗିରିଧାରୀ ନାଥ, ମଳୟ ଭୋଇ, ବିଷ୍ଣୁ ଦାଶ, ଜୟନୁଲ ଆବେଦିନ, ରମେଶ ସାହୁ, ଗୟାଧର ସାହୁ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ ପ୍ରମୁଖ ଏକ ପ୍ରେସ ବିଜ୍ଞପ୍ତିରେ ଜୟନାରାୟଣ ମିଶ୍ରଙ୍କ ଗିରଫ ଦାବି କରିଛନ୍ତି। ଉକ୍ତ ସଭାରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ମନ୍ତ୍ରୀ ରବି ନାୟକ ନିରବ ରହିବା ଓ ଘଟଣାରେ ସ୍ପଷ୍ଟୀକରଣ ନଦେବାକୁ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

## ଆଖୁ କିଆରିରେ ନିଆଁ

**ମଞ୍ଜୁରୀରୋଡ଼/ବାରିକପୁର, ୯।୩(ସମିସ):** ଏବେ ଖରାର ପ୍ରକୋପ ବଢୁଥିବା ବେଳେ ବିଭିନ୍ନ ଗାଁ ଆଖପାଖ ବଣ ବୁଦା, ବାଉଁଶ ବାଡ଼ି, ଖେଳ ପଡିଆ ନିକଟସ୍ଥ ବେଣାବଣ ଆଦିରେ ନିଆଁ ଲାଗୁଛି। କେତେକ ସ୍ଥାନରେ ଲୋକମାନେ ଅତି ଖାମଖିଆଲି ଭାବେ ବଣବୁଦା ସଫା ପାଇଁ ନିଆଁ ଲଗାଇ ଦେଉଥିବା ବେଳେ ଏହାକୁ ସେମାନେ ଆୟତ୍ତ କରି ପାରୁନାହାନ୍ତି। ସୂଚନା ଅନୁଯାୟୀ, ରହଣିଆ ପଞ୍ଚାୟତ ରାଣୀଗଡ଼ିଆ ନିକଟସ୍ଥ ଏକ ଆଖୁ କିଆରି ଆଖପାଖ ସ୍ଥାନରେ ନିଆଁ ଲାଗିଥିଲା। ଏହାକୁ କେହି ଲଗାଇ ଦେଇ ପରେ ଆୟତ୍ତ କରି ନପାରିବାରୁ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳବାହିନୀ ସେଠାରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ସେହିଭଳି ନାଆମୀ ନିକଟରେ ମଧ୍ୟ ଏକ ଖୋଲା ସ୍ଥାନରେ ନିଆଁ ଲାଗିଥିବା ବେଳେ ଅଗ୍ନିଶମ ବାହିନୀ ଖବର ପାଇ ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି।

## ସବୁଜ ଓଡ଼ିଶା ପକ୍ଷରୁ ଅର୍ଦ୍ଧବାର୍ଷିକ ଉତ୍ସବ

**ଭଣ୍ଡାରିପୋଖରୀ/ବାରିକପୁର, ୯।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀସ୍ଥିତ ବଟେଶ୍ୱର ମହାଦେବଙ୍କ ପୀଠରେ ଶନିବାର 'ସବୁଜ ଓଡ଼ିଶା'ର ସଭାପତି ନୃସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅର୍ଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ସମାଜସେବୀ ପ୍ରଫୁଲ୍ଲ ସାମନ୍ତରାୟ, ସ୍ତମ୍ଭକାର ଜୟକୃଷ୍ଣ ପାଣିଗ୍ରାହୀ, ଡାକ୍ତର ରାଜକିଶୋର ପଣ୍ଡା, ସ୍ୱାମୀ ସଚ୍ଚିଦାନନ୍ଦ ଦାସ ମହାରାଜ, ଡ. ସୁରେନ୍ଦ୍ର ମୋହନ ମିଶ୍ର, ସମାଜସେବୀ ସଞ୍ଜୀବ ପରିଡ଼ା, ଅନୁଷ୍ଠାନର ଉପସଭାପତି ଶ୍ରୀଧର ସ୍ୱାଇଁ, ବିଭୁପ୍ରସାଦ ଶତପଥୀ, ଲଳିତ ମିଶ୍ର, ଏଆଇଜି ସୁରେଶ ଜେନା, ଡାକ୍ତର ନିର୍ମଳ ରଥ, ରମେଶଚନ୍ଦ୍ର ସାହୁ, ରାମଚନ୍ଦ୍ର ବାରିକ ପ୍ରମୁଖ ଗଛର ଉପକାରିତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ। ପ୍ରତିଷ୍ଠାତା ଡ. ସୁଧୀର କୁମାର ଜେନା ଆଭିମୁଖ୍ୟ ଓ ଅତିଥି ପରିଚୟ, ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ବୃକ୍ଷ ରୋପଣ ଓ ରକ୍ଷଣାବେକ୍ଷଣ ପାଇଁ କୁଞ୍ଜଲତା ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସମସ୍ତ ଅତିଥି ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ବୃକ୍ଷ ଉପହାର ଭାବେ ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବୃକ୍ଷପ୍ରେମୀ ଯୋଗ ଦେଇଥିଲେ।

**ଫଳକରେ ସୀମିତ ଯୋଜନା**

# ଅଧୁରା ରହିଯିବ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ୱପ୍ନ

**ବନ୍ତ/ଆଗରପଡ଼ା, ୯।୩(ସମିସ):** ୨୦୨୩ ଅଗଷ୍ଟରେ ଆଗରପଡ଼ାଠାରେ ବ୍ଲକସ୍ତରୀୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ଶିଳାନ୍ୟାସ କରିଥିଲେ। ଡାଏଟ ନିକଟସ୍ଥ ପୁରୁଷଣ୍ଡ ମୌଜାର ଖାତା ନଂ ୧୫୨୪ ଓ ପ୍ଲଟ ନଂ ୩୧୨ କିସମ ପତିତ ପ୍ରାୟ ଶହେ ଡ଼ିସିମିଲ ପରିମିତ ଜମିରେ ବସଷ୍ଟାଣ୍ଡ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଥିଲା। ନିର୍ମାଣ ବାବଦରେ ପ୍ରାୟ ଅଢେଇ କୋଟି ଖର୍ଚ୍ଚ ହେବାର ଯୋଜନା ଥିଲା; କିନ୍ତୁ ଇତିମଧ୍ୟରେ ରାଜ୍ୟର ଶାସନ ଗାଦିରେ ନୂତନ ସରକାର ବସିବାକୁ ଇତିମଧ୍ୟରେ ୯ମାସ ବିତିବାକୁ ବସିଥିଲେ ସୁଦ୍ଧା ଏହାର ନିର୍ମାଣରେ କାହାରି ଆନ୍ତରିକତା ନଥିବା ପରିଲକ୍ଷିତ ହେଉଛି। ଫଳରେ ବସଷ୍ଟାଣ୍ଡ ନିର୍ମାଣ ସ୍ୱପ୍ନ ଅଧୁରା ରହିଯିବା ସମ୍ଭାବନା ସୃଷ୍ଟି ହୋଇଛି। ଆଗରପଡ଼ା ୩ଟି ଜିଲ୍ଲା ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ସୀମାନ୍ତବର୍ତ୍ତୀ ସ୍ଥାନରେ ଅବସ୍ଥିତ ହୋଇଥିବାରୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହାର ଗୁରୁତ୍ୱ ଅଧିକଥିବା ସ୍ଥଳେ ବଜାର ଅଞ୍ଚଳରେ ସ୍ଥାୟୀ ବସ୍‌ଷ୍ଟାଣ୍ଡଟିଏ ନଥିବାରୁ ବିଭିନ୍ନ କାର୍ଯ୍ୟରେ ବିଭିନ୍ନ ଜିଲ୍ଲାକୁ ଯିବା ପାଇଁ ମଧ୍ୟ ସମସ୍ୟା ଉପୁଜିଥାଏ। ଏହା ଏକ ପ୍ରମୁଖ ବ୍ୟବସାୟିକ ସ୍ଥଳୀ ହୋଇଥିବାରୁ ଶହଶହ ଗାଡ଼ି ଯିବା ଆସିବା ମଧ୍ୟ କରିଥାନ୍ତି। କୌଣସି ସ୍ଥାୟୀ ବସ୍‌ଷ୍ଟାଣ୍ଡ ନଥିବାରୁ ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଚେଷ୍ଟାରେ ବଜାରଠାରୁ ପାଖାପାଖି ୨କିମି ଦୂର ସ୍ଥାନୀୟ ଡ଼ାଏଟ ଛକଠାରେ ୨୦୧୯ ମସିହାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତôତାଳୀନ ସାଂସଦ ମଂଜୁଲତା ମଣ୍ଡଳ ନିଜ ଅନୁଦାନ ପାଣ୍ଠିରୁ ବର୍ଷ ୨୦୨୦ ନଭେମ୍ବର ୨୧ ତାରିଖରେ ୧୦ଲକ୍ଷ ଟଙ୍କା ମଂଜୁର କରିଥିଲେ ଏହାର ପୂର୍ଣ୍ଣାଙ୍ଗ ପାଇଁ। ଏବେ ସୁଦ୍ଧା ଏହା କେବଳ ଫଳକରେ ଶୋଭା ପାଉଥିବାର ପରିଲକ୍ଷିତ ହେଉଛି। ସେହିପରି ବନ୍ତରେ ୨୦୧୯ରେ ମୁଖ୍ୟମନ୍ତ୍ରୀଙ୍କ ସ୍ପେସାଲ ପ୍ରୋବ୍ଲେମ ଫଣ୍ଡ ଅନୁଦାନରେ ଏକ ନୂତନ ବସଷ୍ଟାଣ୍ଡ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଉକ୍ତ ଯୋଜନାକୁ ୫ବର୍ଷରୁ ଅଧିକ ସମୟ ବିତି ଯାଇଥିବା ବେଳେ ଏହା ମଧ୍ୟ ଯୋଜନାରେ ଅଟକି ଯାଇଥିବାର ଜଣାପଡ଼ିଛି। ବସଷ୍ଟାଣ୍ଡ ନିର୍ମାଣକୁ ଯୋଜନା ମଧ୍ୟରେଓଫଳକରେସୀମିତନରଖିଏହାକୁକାର୍ଯ୍ୟକ୍ଷମକରିବାକୁ ନୂତନସରକାରଚେଷ୍ଟିତହେବାକୁବିଭିନ୍ନମହଲରୁଦାବିହେଉଛି।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

**ବନ୍ତ/ଆଗରପଡ଼ା, ୯।୩(ସମିସ):** ବନ୍ତ ତହସିଲ ପଧାନପଡ଼ା ପଞ୍ଚାୟତ ଚଣ୍ଡୀପୁର ଗାଁରେ ଅଗ୍ନିକାଣ୍ଡ ଘଟି ୨ବଖରା ଘର ସହ ଲକ୍ଷାଧିକ ଟଙ୍କାର ଜିନିଷ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ଚଣ୍ଡୀପୁର ଗାଁର ଏସ୍.କେ ଜୁଲଫୁକାରଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ତାଙ୍କ ଚାଳ ଛପର ଘର ସହ ଫେରି ବ୍ୟାପାର କରିବା ପାଇଁ ଘରେ ରଖିଥିବା ଲକ୍ଷାଧିକ ଟଙ୍କାର ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି। ଅଗ୍ନିକାଣ୍ଡ ଦେଖି ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରୁଥିବା ବେଳେ ଖବର ପାଇ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ସବୁ କିଛି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା।

## ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଉଦ୍‌ଯାପିତ

**ବନ୍ତ/ଆଗରପଡ଼ା, ୯।୩(ସମିସ):** ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ନାହୋ ଗ୍ରାମର ନାହୋକେଶ୍ୱର ଶ୍ରୀ ରାମ ଦୟା ପରିଷଦ ପକ୍ଷରୁ ସତରତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ନାମଯଜ୍ଞ ୧ତାରିଖରୁ ଆରମ୍ଭ ହୋଇ ୯ ତାରିଖ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ୧୧ଟି କଳସ କପାଳୀ ନଦୀରେ ଘଟୋଉତ୍ତୋଳନ କରି ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜା ମଣ୍ଡପରେ ସୁଦାମଚରଣ ପରିଡା, ଅନିତା ପରିଡା କର୍ତ୍ତା କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ନାରାୟଣ ମିଶ୍ର, ଜଗନ୍ନାଥ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ। ପାପୁଡିଆ ମଠ ପୁରୀ ଶ୍ରୀ ଶ୍ରୀ ଭଜରାମ ଦାସ ମହାରାଜ ବ୍ୟାସ ରୂପେ କାର୍ଯ୍ୟ ତୁଲାଇଥିଲେ। ପ୍ରବଚକ ନିରାକାର ଗାହାଣ, ସନ୍ଥ ମହୋହର ଦାସ, ଦେବରାଜ ଦାସ, ସୁଦାମ ଚରଣ ଦାସ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ପ୍ରଦାନ କରିଥିବା ବେଳେ ଶ୍ରୀରାମ ଚରିତ କଥା ଜ୍ଞାନ, ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ, ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଣ୍ଡପରେ ରାମ, ସୀତା, ହନୁମାନଙ୍କ ସମେତ ପାର୍ଶ୍ୱମୂର୍ତ୍ତି ପୂଜା ପାଉଥିବା ବେଳେ ସନ୍ଧ୍ୟା ସମୟରେ ଆଳତି ଦର୍ଶନ କାର୍ଯ୍ୟକ୍ରମରେ ରାମପୁର, ରାମକୃଷ୍ଣପୁର, ଗଣିଜାଙ୍ଗ ପଞ୍ଚାୟତର ହଜାର ହଜାର ସଂଖ୍ୟକ ଭକ୍ତଙ୍କ ଭିଡ଼ ଜମିଥିଲା ପୂଜା ମଣ୍ଡପରେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

## ବିଶ୍ୱ ଉଦ୍ଧାର ଭବନ ଉଦ୍‌ଘାଟିତ




**ବାରିକପୁର, ୯ ।୩(ସମିସ):** ଭଣ୍ଡାରିପୋଖରୀ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ରଠାରେ ବିଶ୍ୱ ଉଦ୍ଧାର ଭବନ ଉଦଘାଟିତ ହୋଇଛି। ଶାଖା ପରିଚାଳକିକା ବ୍ରହ୍ମାକୁମାରୀ ସରସ୍ୱତୀ ଭଉଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଶୁଭ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଶାଖାର ମୁଖ୍ୟ ପ୍ରଶାସିକା ବିକେ ମଞ୍ଜୁ ଭଉଣୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଭାବଗ୍ରାହୀ ବିଶ୍ୱାଳ, ନିମନ୍ତ୍ରିତ ଅତିଥି ଭାବେ ବିକେ ସୌଭାଗ୍ୟ, ଅଜୟ, ବାଲେଶ୍ୱର ଶାଖାର ବିକେ ମଧୁସ୍ମିତା, ଗୋପାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତଙ୍କ ନିକଟରେ ଶିବ ବାବାଙ୍କ ସନ୍ଦେଶ ପହଞ୍ଚାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିବା ବେଳେ ଅନେକ ଶ୍ରଦ୍ଧାଳୁଙ୍କୁ ନେଇ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦିବସ ଭରି କାର୍ଯ୍ୟକ୍ରମକୁ ବିକେ ଅଶୋକ, ସୁଭାଶିଷ, କିଶୋର,ଜୀତନ, ପଙ୍କଜ ପ୍ରମୁଖ ପରିଚାଳନା କରିଥିଲେ।

## ମହାବୀର ମନ୍ଦିରରେ ତିନିଦିନିଆ ବାଦି ପାଲା



**ବାରିକପୁର, ୯।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବାରିକପୁର ବଜାର ଅନନ୍ତପୁର ଛକ ମହାବୀର ମନ୍ଦିର ପରିସରରେ ସତ୍ୟନାରାୟଣ ବାଦିପାଲା ଅନୁଷ୍ଠିତ ହୋଇଯାଇଛି। ଗାୟକ ତତ୍ତ୍ୱ ବାରିଧି ଜୟଚନ୍ଦ୍ର ବଡ଼ ଦଳାଇ, ଗାୟକ ପୀୟୂଷ ବିଶ୍ୱନାଥ ସ୍ୱାଇଁ ସମେତ ଶ୍ରୀପାଳିଆ, ପାଳିଆ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ଏହି ପାଲା ତିନି ଦିନ ଧରି ଚାଲିବ ବୋଲି ସୂଚନା ମିଳିଛି। ପାଲା କମିଟିର ସଭାପତି ପ୍ରଭାକର ପାତ୍ର, ସମ୍ପାଦକ ସୁବାସ ମହାପାତ୍ର ଏବଂ ପରିଚାଳନା କମିଟିର ସଦସ୍ୟ ସଦାନନ୍ଦ ବାରିକ, ସୁବାସ ସାହୁ, ପ୍ରଶାନ୍ତ ମହାପାତ୍ର, ଗୋବିନ୍ଦ ଦାସ, ବିନୋଦ ନାୟକ, ଦାମୋଦର ଦାଶ ଏହାର ଆୟୋଜନରେ ପରିଚାଳନା କରୁଛନ୍ତି। ଏହି ପାଲା ଦେଖିବାକୁ ଦୂରଦୁରାନ୍ତରୁ ବହୁ ପାଲାପ୍ରେମୀଙ୍କ ସମାଗମ ହୋଇଛି।









# ଏଟିଏମ୍ ଲୁଟେରାକୁ ଏନ୍‌କାଉଣ୍ଟର୍

## ପୁଲିସ୍ ପଞ୍ଝାରେ ୩ ରାଜ୍ୟର ମୋଷ୍ଟୱାଣ୍ଟେଡ୍ ଅପରାଧୀ

ଭୁବନେଶ୍ୱର, ୯।୩(ସମିସ): କମିସନରେଟ୍ ପୁଲିସ୍‌କୁ ଏକ ବଡ଼ଧରଣର ସଫଳତା ମିଳିଛି। ଓଡ଼ିଶା ସମେତ ବିହାର ଓ ଝାଡ଼ଖଣ୍ଡ ପୁଲିସ୍‌ର ମୋଷ୍ଟ-ୱାଣ୍ଟେଡ୍ ତାଲିକାରେ ଥିବା ଏକ ଏଟିଏମ୍ ଲୁଟେରା ଗ୍ୟାଙ୍ଗକୁ ଠାବ କରିବା ସହ ୩ ସଦସ୍ୟଙ୍କୁ ଗିରଫ କରିଛି। ଲୁଟେରାମାନେ ଏକ କାର୍‌ରେ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଭୁବନେଶ୍ୱରସ୍ଥିତ କେଶୁରା ଛକ ନିକଟରେ ପୁଲିସ୍ ଏନ୍‌କାଉଣ୍ଟର୍ କରି ସେମାନଙ୍କୁ ଧରିଛି। ଗ୍ୟାଙ୍ଗର ମୁଖିଆ କୁହାଯାଉଥିବା ଦୀପକ କୁମାର ପୁଲିସ୍ ଗୁଳିରେ ଘାଇଲା ହୋଇଛି। ତା' ବାମପଟ ଗୋଡ଼ରେ ଗୋଟିଏ ଗୁଳି ବାଜିଛି। ପୁଲିସ୍ ତାକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ତାକୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଦୀପକର ଅନ୍ୟ ଦୁଇ ସହଯୋଗୀ ଦୀପକ କୁମାର ପାଣ୍ଡେ ଓ ଅଭିଷେକ କୁମାର ସିଂଙ୍କୁ ଗିରଫ କରିଛି। ଦୁଇ ଦୀପକଙ୍କ ଘର ବିହାରରେ ହୋଇଥିବା ବେଳେ ଅଭିଷେକର ଘର ଝାଡ଼ଖଣ୍ଡରେ ବୋଲି ଜଣାଯାଇଛି। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ଦୁଇଟି ଗୁଳି, କାର୍, ନଗଦ ୧୨ ହଜାର ଟଙ୍କା, ମୋବାଇଲ ଫୋନ୍, ଅଠା, ୧୨ଟି ଏଟିଏମ୍ କାର୍ଡ ଓ ଛୁରି ଜବତ କରିଛି। ଲୁଟେରାମାନଙ୍କୁ ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ୍ କମିସନର୍ ଦେବଦତ୍ତ ସିଂହ କହିଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ଗତକାଲି ଦିନବେଳା ଏହି ଲୁଟେରାମାନେ ପୁରୀର କୁମ୍ଭାରପଡ଼ା ଥାନା ଅଞ୍ଚଳରେ ଥିବା ଏକ ଏଟିଏମ୍‌ରୁ ଟଙ୍କା ଲୁଟିଥିଲେ। ସେମାନେ କାର୍‌ରେ ଗୋଟିଏ ସ୍ଥାନରେ ରହିବା ପରେ ରାତିରେ ଭୁବନେଶ୍ୱର ଫେରିଥିଲେ। ଏଠାରେ





ବ୍ରହ୍ମେଶ୍ୱରପାଟଣା ଅଞ୍ଚଳରେ ଥିବା ଏକ ଏସ୍‌ବିଆଇ ଏଟିଏମ୍‌କୁ ରେକି କରିଥିଲେ। ଏକ ବିଶ୍ୱସ୍ତ ସୂତ୍ରରୁ ଏ ସଂପର୍କରେ ଜାଣି କମିସନରେଟ୍ ପୁଲିସ୍ ସେମାନଙ୍କ

■ ମେସିନ୍‌ରେ ଅଠାବୋଳି ଲୁଟୁଥିଲେ
■ ୩ ଗିରଫ; ବନ୍ଧୁକ, କାର୍ ଓ ଗୁଳି ଜବତ

ପିଛା କରିବା ଆରମ୍ଭ କରିଦେଇଥିଲା। ତେବେ ପୁଲିସ୍ ସେମାନଙ୍କ ପଛରେ ପଡ଼ିଥିବା ଜାଣିବା ପରେ ସେମାନେ ରାତି ପ୍ରାୟ ୩ଟାରେ ସେମାନେ ଭୁବନେଶ୍ୱର-ପୁରୀ ବାଇପାସ୍ ଦେଇ ଖସିଯିବାକୁ ଯୋଜନା କରିଥିଲେ। ଏହି ସମୟରେ କେଶୁରା ନିକଟରେ ପୁଲିସ୍ ସେମାନଙ୍କୁ ଘେରି ଯାଇଥିଲା। କିନ୍ତୁ ଅଭିଯୁକ୍ତମାନେ ପୁଲିସ୍ ଉପରକୁ ଅତର୍କିତ ଗୁଳି ଚଳାଇଥିଲେ। ପୁଲିସ୍ ମଧ୍ୟ ପାଲଟା ଜବାବ ଦେଇଥିଲା। ଏନ୍‌କାଉଣ୍ଟର୍‌ରେ ଗ୍ୟାଙ୍ଗ୍ ମୁଖିଆ ଦୀପକ କୁମାର ଘାଇଲା ହୋଇଯିବାରୁ ପୁଲିସ୍ ସମସ୍ତଙ୍କୁ କାବୁ କରିନେଇଥିଲା।

ପୁଲିସ୍‌ର ତଦନ୍ତରୁ ଜଣାଯାଇଛି ଯେ ଧରାପଡ଼ିଥିବା ୩ ଲୁଟେରା ୩ ଦିନ ତଳେ ଓଡ଼ିଶାକୁ ଆସିଥିଲେ। ଝାଡ଼ଖଣ୍ଡରୁ କାର୍‌ରେ ସିଧା ପୁରୀ ପଳାଇ ଆସିଥିଲେ। କୁମ୍ଭାରପଡ଼ା ଥାନା ଅଞ୍ଚଳରେ ଥିବା ଏକ ଏଟିଏମ୍‌କୁ ସେମାନେ ଟାର୍ଗେଟ୍ କରିଥିଲେ। ଉକ୍ତ ଏଟିଏମ୍ ମେସିନ୍‌ରେ କାର୍ଡ ଦ୍ୱାରା ସେମାନେ ଅଠା (ଫେଭି-କୁଇକ୍) ବୋଳି ଦେଇଥିଲେ। ପରେ ମେସିନ୍ ଆଗରେ ଏକ ହେଲ୍ପଲାଇନ୍ ନମ୍ବର ଛପାଇ ଟାଙ୍ଗି ଦେଇଥିଲେ। ସେହି ସମୟରେ ଜଣେ ମହିଳା ଟଙ୍କା ଉଠାଇବା ଲାଗି କାଉଣ୍ଟରକୁ ଆସିଥିଲେ। କିନ୍ତୁ ଅଠାରେ ମହିଳାଙ୍କ କାର୍ଡ ସେଠାରେ ଅଟକି ଯାଇଥିଲା। ଏହି ସମୟରେ ଗ୍ୟାଙ୍ଗର ଜଣେ ସଦସ୍ୟ ସେଠାକୁ ଯାଇ ମହିଳାଙ୍କୁ ଉକ୍ତ ହେଲ୍ପଲାଇନ୍ ନମ୍ବରରେ କଲ୍ କରି ସହାୟତା ମାଗିବାକୁ କହିଥିଲା। ମହିଳାଜଣଙ୍କ କଲ୍ କରିବା ପରେ କାଉଣ୍ଟର ବାହାରେ ଥିବା ଗ୍ୟାଙ୍ଗ୍‌ର ଅନ୍ୟଜଣେ ସଦସ୍ୟ ଫୋନ୍ ଉଠାଇ ମହିଳାଙ୍କୁ ଆକାଉଣ୍ଟ ଓ ପିନ୍‌କୋଡ୍ ଭଳି କିଛି ଗୋପନୀୟ ତଥ୍ୟ ହାସଲ କରିନେଇଥିଲା ଏବଂ କାର୍ଡ ଛାଡ଼ି ସେଠାରୁ ଚାଲିଯିବାକୁ ମହିଳାଙ୍କୁ କହିଥିଲା। ପରେ ଗ୍ୟାଙ୍ଗ୍‌ର ସଦସ୍ୟମାନେ ତାଙ୍କ ଆକାଉଣ୍ଟ ଖୋଲ କରିଦେଇଥିଲେ।

ପୁଲିସ୍ ସୂଚନାନୁଯାୟୀ, ଏହି ଗ୍ୟାଙ୍ଗ୍ ଗୋଟିଏ ସ୍ଥାନରୁ ଲୁଟ୍ କରିବା ପରେ ଖସି ପଳାନ୍ତି। ଗତ ଜାନୁଆରୀରେ ପୁରୀରେ ସମାନ ଭାବେ ଏକ ଏଟିଏମ୍‌ରୁ ଟଙ୍କା ଲୁଟି ଫେରାର୍ ହୋଇଯାଇଥିଲେ। ପରେ ଝାଡ଼ଖଣ୍ଡ ଯାଇ ରାଞ୍ଚି ଲାଲପୁର ଥାନା ଅଞ୍ଚଳରୁ ଲୁଟ୍ କରିଥିଲେ। ତେବେ ଏଠାରେ ତନାଘନା ଶିଥିଳ ହେବା ପରେ ପୁଣି ଲୁଟିବାକୁ ଓଡ଼ିଶା ଆସିଥିଲେ। ପୁରୀ ଓ ଭୁବନେଶ୍ୱରରେ ୩ଦିନ ହେବ ଡେରା ପକାଇ ଏଟିଏମ୍‌କୁ ଲୁଟିବାକୁ ରେକି କରୁଥିଲେ। ଗତ ଡିସେମ୍ବରଠାରୁ ଏପର୍ଯ୍ୟନ୍ତ ପୁରୀର ୧୦ରୁ ଅଧିକ ମାମଲାରେ ଏମାନେ ସଂପୃକ୍ତ ଥିବା ଜଣାଯାଇଛି। ସେହିପରି ଭୁବନେଶ୍ୱରର ଧଉଳି, ଲକ୍ଷ୍ମୀସାଗର, ବଡ଼ଗଡ଼ ଓ ଲିଙ୍ଗରାଜ ଥାନା ଅଞ୍ଚଳରେ ଥିବା ଏଟିଏମ୍‌ରୁ ଲୁଟ୍ ପଛରେ ଏମାନଙ୍କ ହାତ ଥିବା ଜଣାଯାଇଛି। ପୂର୍ବରୁ ଔରାଙ୍ଗବାଦ ଥାନା ପୁଲିସ୍ ଏମାନଙ୍କୁ ଗିରଫ କରିଥିଲା।

# ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ମହିଳାଙ୍କ ମୃତ୍ୟୁ !

ବାଲେଶ୍ୱର, ୯।୩(ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କ ଭୁଲ୍ ଚିକିତ୍ସା ଯୋଗୁଁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ସ୍ୱାମୀ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ମୃତ ମହିଳାଜଣଙ୍କ ହେଲେ, ନାଚିନ୍ତା ଅଞ୍ଚଳର ସୁନୀଲ ମଲ୍ଲିକଙ୍କ ପତ୍ନୀ ସଂଗୀତା ନାଥ(୨୭)।

ସୁନୀଲଙ୍କ ଅଭିଯୋଗ ଅନୁସାରେ, ଗତ ୮ ତାରିଖ ସନ୍ଧ୍ୟା ୭ଟାରେ ତାଙ୍କ ପତ୍ନୀ ସଂଗୀତାଙ୍କ ଦେହ ଖରାପ ହେବାରୁ ସେ ତାଙ୍କୁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତପନ ପରିଡ଼ା ସଂଗୀତାଙ୍କ ଚିକିତ୍ସା କରିଥିଲେ। କିଛି ଟେଷ୍ଟ କରିବା ପରେ ସଂଗୀତାଙ୍କୁ କିଛି ଖାଇ କରି ଆସିବା ପାଇଁ ପରାମର୍ଶ ଦେଇଥିଲେ। ସଂଗୀତା ବାହାରୁ କିଛି ଖାଇ ଆସିବା ପରେ ଡାକ୍ତର ତାଙ୍କୁ ଔଷଧ ଏବଂ ଗୋଟିଏ ଇଂଜେକସନ୍ ଦେଇଥିଲେ। କିଛି ସମୟ ପରେ ସଂଗୀତା ହଠାତ୍ ପଡ଼ିଯାଇଥିଲେ। ନିଶ୍ୱାସ ନେବାରେ ସେ କଷ୍ଟ ଅନୁଭବ କରିଥିଲେ। ତେବେ ଶରୀରରେ

### ଥାନାରେ ଅଭିଯୋଗ କଲେ ସ୍ୱାମୀ

ଅମ୍ଳଜାନ ସ୍ତର କମ୍ ହୋଇଯାଇଥିବା କହି ତୁରନ୍ତ ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲକୁ ପଠାଇ ଦେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୪୦ ମିନିଟ୍ ତଳୁ ସଂଗୀତାଙ୍କ ମୃତ୍ୟୁ ହୋଇଯାଇଥିବା କହିଥିଲେ।

# ପିଆର୍‌ଏମ୍ ହସ୍ପିଟାଲରୁ ପିଲା ଚୋରି

## ଗର୍ଭବତୀଙ୍କ ଦୁଇ ଶିଶୁକନ୍ୟା ନେଇଗଲେ ମହିଳା

ବାରିପଦା, ୯।୩(ସମିସ): ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ (ପିଆର୍‌ଏମ୍) କଲେଜ ଆଣ୍ଡ ହସ୍ପିଟାଲରୁ ପିଲା ଚୋରି ଅଭିଯୋଗରେ ଟାଉନ୍ ଥାନା ପୁଲିସ୍ ଜଣେ ମହିଳାଙ୍କୁ ଅଟକ ରଖିଛି। ସେ ହେଲେ, ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ତୋଟାପଡ଼ା ଗ୍ରାମର ସଂଧ୍ୟାରାଣୀ ମହାନ୍ତ। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରିବା ସହ ତାଙ୍କୁ ପଚରାଉଚରା ଜାରି ରଖିଛି। ପୁଲିସ୍ ସୂଚନାନୁଯାୟୀ, ଶୁନଗଡ଼ିଆ ଅଞ୍ଚଳର ଶେଖ କମରୁଦ୍ଦିନଙ୍କ ପତ୍ନୀଙ୍କ ପ୍ରସବବେଦନା ହେବାରୁ ତାଙ୍କୁ ପିଆର୍‌ଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ବିଳମ୍ବିତ ରାତିରେ ତାଙ୍କୁ ଲେବର୍ ରୁମ୍‌କୁ ନିଆଯାଇଥିବା ବେଳେ ତାଙ୍କର ୨ ଓ ୫ବର୍ଷର ଦୁଇ ଶିଶୁକନ୍ୟା କମରୁଦ୍ଦିନଙ୍କ ପାଖରେ ଥିଲେ। ତେବେ କିଛି ସମୟ ପାଇଁ କମରୁଦ୍ଦିନ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ସଂଧ୍ୟାରାଣୀ ଶିଶୁଦ୍ୱୟଙ୍କୁ ସାଥିରେ ନେଇ ଯାଇଥିଲେ। ଏ ସଂପର୍କରେ ଜଣାପଡ଼ିବା ପରେ କମରୁଦ୍ଦିନ୍ ତୁରନ୍ତ ସମ୍ପର୍କୀୟଙ୍କୁ ଖବର ଦେବା ସହ ସିକ୍ୟୁରିଟି ଗାର୍ଡଙ୍କୁ ଅବଗତ କରିଥିଲେ। ସମସ୍ତେ ମିଶି ଶିଶୁଦ୍ୱୟଙ୍କୁ ଖୋଜାଖୋଜି କରିବା ପରେ ହସ୍ପିଟାଲ ପରିସରରୁ ଶିଶୁଦ୍ୱୟଙ୍କୁ ଉଦ୍ଧାର କରିବା ସହ ସଂଧ୍ୟାରାଣୀଙ୍କୁ ହସ୍ପିଟାଲ ଫାଣ୍ଡିରେ ଜିମା ଦେଇଥିଲେ। ତେବେ ସଂଧ୍ୟାରାଣୀଙ୍କ ମାନସିକ ଅବସ୍ଥା ଠିକ୍ ନଥିବା ଜଣାପଡ଼ିଛି। କେଉଁ କାରଣରୁ ସେ ଏପରି କରିଛନ୍ତି, ସେନେଇ ପୁଲିସ୍ ପଚରାଉଚରା ଚଳାଇଛି।

ଉଲ୍ଲେଖଯୋଗ୍ୟ, ୩ବର୍ଷ ତଳେ ଅନୁରୂପ ଭାବେ ଏକ ପିଲାଚୋରି ଘଟଣାରେ ବାଲେଶ୍ୱରରୁ ଆସିଥିବା ମହିଳାଙ୍କୁ ପୁଲିସ୍ ରେଳଷ୍ଟେସନ୍‌ରୁ ଗିରଫ କରିଥିଲା।

# କମୁଛି ଆଖୁଚାଷ; ବଢୁଛି ଚିନି ଦାମ୍

ଭୁବନେଶ୍ୱର, ୯ ।୩ (ସମିସ): ଅର୍ଥଲାଭକାରୀ ଆଖୁଚାଷ ପାଇଁ ପ୍ରୋତ୍ସାହନ ଅଭାବ ଯୋଗୁଁ ରାଜ୍ୟରେ ଚାଷୀଙ୍କ ଆଗ୍ରହ କମୁଛି। ଫଳରେ ବର୍ଷକୁ ବର୍ଷ ଆଖୁ ଚାଷୀଙ୍କ ସଂଖ୍ୟା କମିବା ସଂଗେ ସଂଗେ ଆଖୁଚାଷ ହେଉଥିବା ଜମି ଓ ଉତ୍ପାଦନ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଏବେ ଯେତିକି ଆଖୁ ଚାଷ ହେଉଛି, ଉଚ୍ଚା ଦାମ୍‌ରେ ବିକ୍ରି ହେଉଛି। ଫଳରେ ଚିନି ଦାମ୍ ମଧ୍ୟ ବଢ଼ିବାରେ ଲାଗିଛି। ଏହାସହ ଚିନି ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ୁଛି। ଅନ୍ୟପକ୍ଷରେ, ଏବେ ଗ୍ରୀଷ୍ମଋତୁ କାରଣରୁ ଥଣ୍ଡା ପାନୀୟ କାରବାର ବୃଦ୍ଧି ପାଇଛି। ଉତ୍ପାଦନ ତୁଳନାରେ ଚିନିର ଅଧିକ ବ୍ୟବହାର ହେଉଛି। ଏହା ଦରବୃଦ୍ଧିର ଅନ୍ୟତମ କାରଣ ବୋଲି ବ୍ୟବସାୟୀମହଲ କହିଛନ୍ତି।

ସରକାରୀ ତଥ୍ୟାନୁସାରେ, ରାଜ୍ୟରେ ବାର୍ଷିକ ସାଢ଼େ ୯ ଲକ୍ଷ ଟନ୍ ଚିନିର ଆବଶ୍ୟକତା ପଡ଼ୁଛି। ଚିନିର ପାଇକାରୀ ଦର କିଲୋ ପିଛା ଏବେ ୪୬ ଟଙ୍କା ଥିବା ବେଳେ ଖୁଚୁରା ବଜାରରେ ୪୮ରୁ ୫୦ଟଙ୍କାରେ ବିକ୍ରି ହେଉଛି। ନୟାଗଡ଼, ଆସ୍କା, ବଲାଙ୍ଗିର ଓ କଳାହାଣ୍ଡିରେ ଥିବା ପ୍ରମୁଖ ଚିନି କଳଗୁଡ଼ିକ ବନ୍ଦ ହୋଇଯାଉଥିବାରୁ ବାହାରେ ଉତ୍ପାଦିତ ଚିନି ଅର୍ଥାତ୍ କର୍ଣ୍ଣାଟକ ଉପରେ ଆମକୁ ଅଧିକରୁ ଅଧିକ ନିର୍ଭର କରିବାକୁ ପଡ଼ୁଛି। ଚିନି କାରଖାନା ସବୁ ବନ୍ଦ ହୋଇଯିବା ଏବଂ ଆଖୁ ବିକ୍ରି ସମସ୍ୟା ଓ ଆଖୁଚାଷ ପାଇଁ ପ୍ରୋତ୍ସାହନ ଅଭାବ ଯୋଗୁଁ ଏଭଳି ସ୍ଥିତି ଉପୁଜୁଛି। ନବରଙ୍ଗପୁର, କୋରାପୁଟ ଆଦି ଜିଲ୍ଲାରେ ଭଲ



**ଚିନି କଳ ବନ୍ଦ ଚିନ୍ତାର କାରଣ**

**ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ନାହିଁ**

ଆଖୁ ଉତ୍ପାଦନ ପାଇଁ ଅନୁକୂଳ ପରିବେଶ ଥିବା ସତ୍ତ୍ୱେ ଚାଷୀମାନେ ଆଉ ଆଖୁ ଚାଷ କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି।

ସରକାରୀ ତଥ୍ୟ ମୁତାବକ, ୧୯୭୦-୭୧ ବର୍ଷରେ ରାଜ୍ୟରେ ପ୍ରାୟ ୩୦ ହଜାର ହେକ୍ଟର ଜମିରେ ପାଖାପାଖି ୧୭ ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହେଉଥିବା ବେଳେ ୧୯୮୦-୮୧ ବର୍ଷ ବେଳକୁ ଆଖୁଚାଷ ପରିମାଣ ୪୯ ହଜାର ହେକ୍ଟରକୁ ବୃଦ୍ଧି ପାଇ ଉତ୍ପାଦନ ପାଖାପାଖି ୩୧ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଥିଲା। ୧୯୮୩-୮୪ ବର୍ଷରେ ଓଡ଼ିଶାରେ ରେକର୍ଡ ପରିମାଣର ୫୭ହଜାର ହେକ୍ଟର ଜମିରେ ପାଖାପାଖି ୩୬ଲକ୍ଷ ମେଟ୍ରିକ୍ ଟନ୍ ଆଖୁ ଉତ୍ପାଦିତ ହୋଇଥିବା ବେଳେ ଚିନି ଶିଳ୍ପର ଦୁର୍ଗତି ଯୋଗୁଁ ୨୦୦୦-୦୧ବର୍ଷ ବେଳକୁ ଓଡ଼ିଶାରେ ଆଖୁଚାଷ ହେଉଥିବା ଜମିର ପରିମାଣ ପ୍ରାୟ ୩୧ହଜାର ହେକ୍ଟରକୁ ହ୍ରାସ ପାଇଥିଲା। ଏହି ବର୍ଷରେ ମାତ୍ର ୨୧ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କ୍ରମାଗତ ଭାବେ ଆଖୁ ଚାଷ ହ୍ରାସ ପାଇଥିଲା।

ରାଜ୍ୟ ସରକାର ଆଖୁ ଭଳି ଏକ ଅର୍ଥକରୀ ଫସଲ ମାଧ୍ୟମରେ ଚାଷୀମାନଙ୍କ ଆୟ ବୃଦ୍ଧି ସହ ରାଜ୍ୟକୁ ଚିନି ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ସମବାୟ ଭିତ୍ତିରେ ଅନେକଗୁଡ଼ିଏ ଚିନିକଳ ପ୍ରତିଷ୍ଠା କରିଥିଲେ। ବ୍ରିଟିଶ ସରକାର ସମୟରୁ ପ୍ରାୟ ୨୦୦ବର୍ଷ ତଳେ ଆସିକାରେ ଚିନିକଳ ସ୍ଥାପିତ ହୋଇଥିଲା। ଚିନିକଳଗୁଡ଼ିକ ପକ୍ଷରୁ ଚାଷୀମାନଙ୍କୁ ଉନ୍ନତ କିସମର ଆଖୁ ବିହନ ସମେତ ସାର ଓ ଅନ୍ୟାନ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯିବା ସହ ଚାଷୀମାନଙ୍କଠାରୁ ଆଖୁ ସଂଗ୍ରହ କରି କାରଖାନାରେ ଚିନି ଉତ୍ପାଦନ କରାଯାଉଥିଲା। ଏଥିଯୋଗୁଁ ଚାଷୀମାନେ ଅଧିକ ଲାଭ ପାଇବା ଆଶାରେ ଆଖୁଚାଷ ଉପରେ ଗୁରୁତ୍ୱ ଦେଉଥିଲେ। କିନ୍ତୁ ଚିନି କଳଗୁଡ଼ିକ ହୋଇଯିବା ଫଳରେ ଉତ୍ପାଦିତ ଆଖୁ ବିକ୍ରି ମୁଖ୍ୟ ସମସ୍ୟା ହେଲା ଏବଂ କ୍ରମାଗତ କ୍ଷତି ସହିବା ଫଳରେ ଚାଷୀମାନେ ଆଖୁଚାଷ ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁନାହାନ୍ତି। ପୂର୍ବରୁ ଗାଁ ଗହଳରେ ଆଖୁ ପେଡ଼ି ଗୁଡ଼ ଉତ୍ପାଦନ କରି ଚାଷୀମାନେ ବିଶେଷ ଲାଭବାନ ହେଉଥିଲେ। କିନ୍ତୁ ଚିନିକଳ ସ୍ଥାପନ ପରେ ସମ୍ପୃକ୍ତ ଅଞ୍ଚଳରେ ଗୁଡ଼ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଯିବାରୁ ଏବେ ଗୁଡ଼ ପାଇଁ ବି ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ୁଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।



ଏକାଦଶାହରେ ସ୍ୱର୍ଗତ ଅଭିନେତା ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ଶ୍ରୀମନ୍ଦିରରେ ଫଗୁ ଦଶମୀ

ପୁରୀ, ୯।୩ (ସମିସ): ରବିବାରଠାରୁ ଶ୍ରୀମନ୍ଦିରରେ ଦୋଳପର୍ବ ଏବଂ ଚାଚେରୀ ବେଶ ଆରମ୍ଭ ହୋଇଥିବା ବେଳେ ଫଗୁ ଦଶମୀ ପାଳିତ ହୋଇଯାଇଛି। ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ମଇଲମ ହୋଇ ନୂଆ ଲୁଗା ଲାଗି ହୋଇଥିଲା। ପାଳିଆ ମେକାପ ଚନ୍ଦନ ବିଜେ କରାଇଥିଲେ। ପରେ ମହାପ୍ରଭୁଙ୍କ ସର୍ବାଙ୍ଗ ନୀତି ବଢ଼ିଥିଲା। ଶ୍ରୀଦେବୀ ଓ ଭୂଦେବୀ ଦକ୍ଷିଣୀ ଘରକୁ ବିଜେ କରିବା ପରେ ମହାପ୍ରଭୁଙ୍କର ଚାଚେରୀ ବେଶ ହୋଇଥିଲା। ଏହି ବେଶରେ ଠାକୁରମାନେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରିଥିଲେ। ଏଥିସହ ବିଭିନ୍ନ ପ୍ରକାର ଅଳଙ୍କାର ଧାରଣ କରିଥିଲେ। ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବିମାନରେ ଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଭୋଗ ଓ ଜଉଡ଼ାବ ଖେଳ ବଢ଼ିଲା ପରେ ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୋଇଥିଲେ। ପରେ ମହାପ୍ରଭୁଙ୍କର ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀମନ୍ଦିରରେ ରାତ୍ର ପହୁଡ଼ ହୋଇଥିଲା।

### ପୂର୍ବାଞ୍ଚଳ ରେଞ୍ଜ ପକ୍ଷରୁ ଚୋରା ବାଲି ଚାଲାଣ ଉପରେ ଚଢ଼ଉ

# ୩୭ ଗାଡ଼ି ଜବତ, ୨୬ ଗିରଫ

ବାଲେଶ୍ୱର, ୯ ।୩(ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ପୂର୍ବାଞ୍ଚଳ ରେଞ୍ଜ ପକ୍ଷରୁ ଲଘୁ ଖଣିଜ ପଦାର୍ଥର ଅବୈଧ ଅନୁସନ୍ଧାନ ଏବଂ ପରିବହନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ ମୋଟ ୧୯ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ୩୭ଟି ଗାଡ଼ି ଜବତ କରାଯିବା ସହ ୨୬ଜଣଙ୍କୁ ଗିରଫ କରାଯାଇଛି। ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଏକ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି। ବାଲେଶ୍ୱର ଜିଲ୍ଲାରେ ମୋଟ ୧୦ଟି ଗାଡ଼ି ଜବତ ହୋଇଥିବା ବେଳେ ୭ଟି ମାମଲା ରୁଜୁ କରାଯାଇ ୧୦ଜଣଙ୍କୁ ଗିରଫ କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୯ଟି ମାମଲା ରୁଜୁ କରାଯାଇ ୯ଟି ଗାଡ଼ି ଜବତ ହୋଇଥିବା ବେଳେ ୫ ଜଣଙ୍କୁ ଗିରଫ କରାଯାଇଛି। ଭଦ୍ରକ ଜିଲ୍ଲାରେ ମୋଟ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୧୭ଟି ଗାଡ଼ି ଜବତ କରାଯିବା ସହ ୧୬ ଜଣଙ୍କୁ ଗିରଫ କରାଯାଇଛି।

# ଝଞ୍ଜାବତୀ ନଦୀରେ ବୁଡ଼ି ଛେଳିଚରାଳିଙ୍କ ମୃତ୍ୟୁ

ବନ୍ଧୁଗାଁ, ୯।୩ (ସମିସ): ବନ୍ଧୁଗାଁ ବ୍ଲକ୍ ଆଲମଣ୍ଡା ନିକଟ ଝଞ୍ଜାବତୀ ନଦୀରେ ବୁଡ଼ି ଜଣେ ଛେଳିଚରାଳିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ପାର୍ବତୀପୁରମମାନ୍ୟମ ଜିଲ୍ଲା ବାଲଗଡ଼ୱା ଗାଁର ଉରୁଆକା ସୀମାଚଲମ(୬୫)। ଶନିବାର ସେ ପାଣି ପିଇବାକୁ ନଦୀକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଗୋଡ଼ ଖସିଯିବାରୁ ସେ ନଦୀର ଗଭୀର ଜଳରାଶିରେ ବୁଡ଼ି ଯାଇଥିଲେ। ରବିବାର ସକାଳେ ସେହି ରାସ୍ତା ଦେଇ ଯାଉଥିବା ପେଦାଅଲଡ଼ା ସରପଞ୍ଚ ଶେଖର କଣ୍ଡାଗରି ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ପୁଲିସ୍‌କୁ ଜଣାଇଥିଲେ। ସମ୍ପର୍କୀୟମାନେ ଜାଣିବା ପରେ ଶବକୁ ନିଜ ଗାଁକୁ ନେଇଯାଇଥିବା ଜଣାପଡ଼ିଛି। ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।



### ସମସ୍ୟା ଘେରରେ ଦଶରଥପୁର ଅଗ୍ନିଶମ ସେବା କେନ୍ଦ୍ର

# ନାହାନ୍ତି ଷ୍ଟେସନ ଅଧିକାରୀ; କର୍ମଚାରୀ ଅଭାବ, ବୋଟ୍ ଅଚଳ

ଦଶରଥପୁର, ୯।୩ (ସମିସ)



ଦଶରଥପୁର ଅଗ୍ନିଶମ ସେବା କେନ୍ଦ୍ର ବିଭିନ୍ନ ସମସ୍ୟା ମଧ୍ୟଦେଇ ଗତି କରୁଛି। ଉକ୍ତ କେନ୍ଦ୍ରରେ ଷ୍ଟେସନ ଅଧିକାରୀ ନ ଥିବାବେଳେ କର୍ମଚାରୀ ଅଭାବ ସହିତ ଆବଶ୍ୟକ ସରଞ୍ଜାମ, ବୋଟ୍‌ରେ ବ୍ୟବହୃତ ହେଉଥିବା ମଟର ନ ଥିବା ଯୋଗୁଁ ଉପଯୁକ୍ତ ସେବା ଯୋଗାଇବାରେ ବିଭାଗ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛି। କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବାସଗୃହ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଦୀର୍ଘଦିନ ଧରି ସ୍ଥାୟୀ ଷ୍ଟେସନ ଅଧିକାରୀଙ୍କ ପଦବୀ ଖାଲିପଡ଼ିଛି। ଅଗ୍ରଣୀ ଆଗ୍ନିକ ପ୍ରତାପ ଚନ୍ଦ୍ର ସେଠୀ ଗତ ସେପ୍ଟେମ୍ବର ମାସରୁ ଅଗ୍ନିଶମ କେନ୍ଦ୍ରର ଷ୍ଟେସନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତିନୋଟି ଆଗ୍ନିକ ପଦବୀ ଖାଲିପଡ଼ିଛି।

ସବୁଠୁ ପରିତାପର ବିଷୟ, ଦୁଇଟି ଗାଡ଼ି ଚାଳକ ପଦବୀରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଜରୁରୀ ସେବା ଯୋଗାଇ ଦେବାକୁ ଆଗ୍ନିକ ଚଳାଉଛନ୍ତି ଦମକଳ ଗାଡ଼ି। ଗୋଟିଏ ପଟେ ବିଭାଗର ନାଁ ବଦଳୁଛି। ଅଗ୍ନିଶମ ସହିତ ଏବେ ଯୋଡ଼ି ହୋଇଛି ଜରୁରୀ ସେବା। ଅଗ୍ନିଶମ ବିଭାଗ କହିଲେ ସାଧାରଣରେ ନିଆଁଲିଭା ବା ଦମକଳ କେନ୍ଦ୍ରକୁ ବୁଝାଯାଏ। ନିଆଁ ଲାଗିଲେ ଲୋକେ ଦମକଳ କେନ୍ଦ୍ରକୁ ଖବର ଦେଇଥା'ନ୍ତି। ଏବେ ଏହି ବିଭାଗ ଉପରେ ବହୁଳ ଦାୟିତ୍ୱ ଲଦି ଦିଆଯାଇଛି। କରୋନା ସମୟରେ କଣ୍ଟେନ୍‌ମେଣ୍ଟ ଜୋନ, ସରକାରୀ କାର୍ଯ୍ୟାଳୟ, ପୁଲିସ ଷ୍ଟେସନ, କାରାଗାର ଓ ବିଭିନ୍ନ କୋଭିଡ କେୟାର ହୋମରେ ଅଗ୍ନିଶମ ବିଭାଗ ବିଶୋଧନ କାର୍ଯ୍ୟ କରି ଏହି ବିଭାଗ ପ୍ରଶଂସା ସାଉଁଟି ଥିଲା। ବନ୍ୟା, ବାତ୍ୟା ସମୟରେ ବିଭାଗ ଶାନ୍ତିରେ ରହିପାରେନି। ବାତ୍ୟାରେ ବଡ଼ ବଡ଼ ଗଛ ରାସ୍ତା ଅବରୋଧ କରିଥାଏ। ଯାତାୟାତ ସ୍ୱାଭାବିକ ପାଇଁ ବିଭାଗ ଦିନରାତି ଏକ କରି ଲାଗିଥାଏ। ଏବେ ବୁଲା ଷଣ୍ଢ, ଗାଈ ଏପରିକି ମାଙ୍କଡ଼ ବିଭାଗର ନିଦ ହଜାଇ ଦେଇଛି। ଷଣ୍ଢ କୂଅରେ ପଡ଼ି ବାହାରି ନ ପାରିବା ଓ ତାକୁ ଉଦ୍ଧାର କରିବା ଏବେ ବିଭାଗର ନିତିଦିନିଆ କାମ। ଗତ ମାସ ୧୨ଟି ଏଭଳି ମାମଲାକୁ ସଫଳ ଭାବେ ମୁକାବିଲା କରିଛି ଦଶରଥପୁର ଅଗ୍ନିଶମ ଓ ଜରୁରୀ ସେବା ବିଭାଗ। ଏତେସବୁ ସତ୍ତ୍ୱେ ବିଭାଗରେ ଅନେକ ସମସ୍ୟା ରହିଛି। ଦୁଇଟି ଫାୟାରମ୍ୟାନ ପଦବୀ ଖାଲିପଡ଼ିଛି। ବୋଟ୍‌ରେ ବ୍ୟବହୃତ ହେଉଥିବା ଓବିଏମ ନାହିଁ। ଅଗ୍ନିଶମ ଓ ଜରୁରୀ ସେବା ବିଭାଗ ଏବେ ନୂତନ ଓ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଆପଣାଉଥିବାବେଳେ ଦଶରଥପୁର ଅଗ୍ନିଶମ ବାହିନୀର ମୌଳିକ ଆବଶ୍ୟକତା ଆଜି ବି ପୂରଣ ହୋଇପାରିନି। ବ୍ଲକର ୩୫ ପଞ୍ଚାୟତକୁ ଛାଡ଼ି ଯାଜପୁର ଓ ବିଞ୍ଝାରପୁର ବ୍ଲକରେ ଏହି କେନ୍ଦ୍ର ଆବଶ୍ୟକ ବେଳେ ସେବା ଯୋଗାଇ ଆସୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ମାସ ମାସ ଖାଲିପଡ଼ିଥିବା ଷ୍ଟେସନ ଅଧିକାରୀ ପଦବୀରେ ନିଯୁକ୍ତି କରାଗଲେ ଅଧିକ ସୁଫଳ ମିଳିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବ୍ୟାସନଗର, ୯ ।୩(ସମିସ):** ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳାସ୍ଥ ମହାବୀର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରିଚାଳନା କମିଟି ସଭାପତି ତଥା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ସମ୍ମାନିତ ଅତିଥି ଭାବେ ଡିଏସଏସ କୁମାରସେନ ସେନାପତି, କୋରେଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲିକ, ପଞ୍ଚସଖା ସେତୁର ସଭାପତି ପ୍ରଶାନ୍ତ ପରିଡ଼ା, ପ୍ରଦୀପ ପରିଡ଼ା, ପୁରାତନ ଛାତ୍ର ମନୋଜ ରାଉତ, ଜଗବନ୍ଧୁ ବଳ, ନିରଞ୍ଜନ ପରିଡ଼ା, ଅଶୋକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ପୁରାତନ ଛାତ୍ର ତଥା ପଞ୍ଚସଖା ସେତୁର ସଭାପତି ପ୍ରଶାନ୍ତ ପରିଡ଼ା ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ଜୀବନାବଳୀ ଉପରେ ବାଖ୍ୟା କରିଥିଲେ। ଶ୍ରୀ ସାହୁ ହିନ୍ଦି ଏମ୍ଏ ଶିକ୍ଷା ପରେ ୧୯୮୯ ସେପ୍ଟେମ୍ବର ୨୦ ତାରିଖରେ ମହାବୀର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ ନିଯୁକ୍ତି ପାଇବା ପରେ ଅବସର ପର୍ଯ୍ୟନ୍ତ ଏଠାରେ କାର୍ଯ୍ୟରତ ଥିଲେ। ୨୦ ବର୍ଷ ତଳର ଶିକ୍ଷାଦାନ ଓ ଏବେର ଶିକ୍ଷାଦାନ ଭିତରେ ଅନେକ ଫରକ ରହିଥିବା ଶ୍ରୀ ପରିଡ଼ା କହିବା ସହିତ ଏବେକାର ଛାତ୍ରଛାତ୍ରୀ ମୋବାଇଲକୁ ଆବଶ୍ୟକତାଠାରୁ ଅଧିକ ବ୍ୟବହାର କରୁଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅନେକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କ ଉପରେ ନିଜର ମତ ରଖିଥିଲେ।

## ଜୟଚଣ୍ଡୀଙ୍କ ପୀଠରେ ମହାଯଜ୍ଞ

**କୟାଁଗୋଲା, ୯ ।୩(ସମିସ):** ଦଶରଥପୁର ବ୍ଲକ କଁୟା ପଞ୍ଚାୟତର ଜୟଚଣ୍ଡୀଙ୍କ ପୀଠରେ ୪୭ତମ ବାର୍ଷିକ ଉତ୍ସବ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ମା'ଙ୍କ ପୀଠରେ



ବାଦୀପାଲା ଅନୁଷ୍ଠିତ ହୋଇଥିଲା। ଗାୟକ ଉତ୍କଳ ବିଜୟ କୁମାର ଓଝା, ଗାୟକ ବାଣୀ ବିନୋଦ ପ୍ରସନ୍ନ କୁମାର ପଟ୍ଟନାୟକ ପାଲା ପରିବେଷଣ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ସନ୍ଧ୍ୟା ଆଳତୀ ଦର୍ଶନ କରିଥିଲେ। କୟାଁ, କମାରଡ଼ିହ, ନିଜାମପୁର, ଖାନନଗର ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଜଗବନ୍ଧୁ ଦାସ, ପତ୍ନୀ ସ୍ୱର୍ଣ୍ଣପ୍ରଭା ଦାସ କର୍ତ୍ତା ଭାବେ ସଂକଳ୍ପ କରିଥିବାବେଳେ ଜୟଚଣ୍ଡୀ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଆମ ସଂସ୍କୃତି, ଆମ ଖେଳନା' କାର୍ଯ୍ୟକ୍ରମ

**କୟାଁଗୋଲା, ୯।୩(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ କୟାଁଗୋଲା ସରକାରୀ ଉଚ୍ଚବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୁଳମଣି ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମିତି ସଭ୍ୟ ରୋଶନ ଦାସ, ମୁଖ୍ୟବକ୍ତା ପଞ୍ଚସଖା ଶିକ୍ଷାସେତୁ ସଭାପତି ଅକ୍ଷୟ ସାହାଣୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁନୀତି ବାରିକ, ଉପସଭାପତି ସୋମେନ୍ଦ୍ର ପରିଡ଼ା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରିୟରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଆୟୋଜିତ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ତାପସ ଜେନା, ସୌଭାଗ୍ୟ ଦାସ, ସାବିତ୍ରୀ ସାହୁ, ସ୍ନିଗ୍ଧାରାଣୀ ଦାସ, ଅମରେନ୍ଦ୍ର କବି, ସ୍ୱାଗତିକା ନନ୍ଦ, ସୁଜାତା ମଲ୍ଲିକ, ଦେବାଶିଷ ନାୟକ, ସରୋଜ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଅଶ୍ଳୀଳ ଇଙ୍ଗିତ କରି ଯୁବକ ଗିରଫ

**କୟାଁଗୋଲା, ୯।୩ (ସମିସ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ ଧନୀପୁର ଗ୍ରାମର ଇଲୁ ସାହୁ (୩୨)ଙ୍କୁ ମଙ୍ଗଳପୁର ପୁଲିସ ଅଶ୍ଳୀଳ ଇଙ୍ଗିତ ଅଭିଯୋଗରେ ଗିରଫ କରିଛି। କମାରଡିହ ଗ୍ରାମ ନିକଟ ଛକରେ ଏକ ବିବାହ କାର୍ଯ୍ୟକ୍ରମରେ ଜଣେ ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ଅଭିଯୋଗକୁ ଭିତ୍ତି କରି ମଙ୍ଗଳପୁର ଥାନା ଏସ୍ଆଇ ବିଭୂତି ଭୂଷଣ ମହାପାତ୍ର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ମାତୃତ୍ୱ ଲାଭ ଘଟଣା

## ପ୍ରଦେଶ କଂଗ୍ରେସ କମିଟିର ତଥ୍ୟ ସଂଗ୍ରହ

**ଯାଜପୁର/ବରୀ, ୯।୩ (ସମିସ):** ବରୀ ଥାନା ଅଞ୍ଚଳରେ ଜଣେ ମାଟ୍ରିକ ପରୀକ୍ଷାର୍ଥୀ ମାତୃତ୍ୱ ଲାଭ କରିବା ଘଟଣାରେ ପିସିସିର ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ଜିଲ୍ଲା ଗସ୍ତରେ ଆସି ଫେରିଯାଇଛନ୍ତି। ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ପ୍ରଥମେ ପୀଡ଼ିତାଙ୍କ ଗାଁକୁ ଯାଇ ସେଠାରୁ ତଥ୍ୟ ସଂଗ୍ରହ କରିଥିଲା। ୮ ମାସର ବିଜେପି ସରକାର ସମୟରେ ସମଗ୍ର ରାଜ୍ୟରେ ମହିଳା ଓ ନାବାଳିକାଙ୍କ ପ୍ରତି ଅତ୍ୟାଚାର ଦ୍ରୁତ ଗତିରେ ବଢ଼ି ଚାଲିଥିବାବେଳେ ନାରୀ ଓ ନାବାଳିକା ସୁରକ୍ଷିତ ନୁହନ୍ତି। ଯାହାକି ସମଗ୍ର ରାଜ୍ୟରେ ନାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ବୋଲି ତଥ୍ୟ ଅନୁସନ୍ଧାନକାରୀ ଦଳ ମତ ଦେଇଥିଲା। ଏହି ଦଳରେ ପୂର୍ବତନ ବିଧାୟକ ସୁଜିତ ପାଢ଼ୀ, ପୂର୍ବତନ ସାଂସଦ ନକୁଳ ନାୟକ,



ସର୍ବଭାରତୀୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ସସ୍ମିତା ବେହେରା, ମାନସ ମଲ୍ଲିକ, ବରୀର ପୂର୍ବତନ ବିଧାୟକ ଦେବାଶିଷ ନାୟକ ପ୍ରମୁଖ ସାମିଲ ହୋଇ ପୀଡ଼ିତାଙ୍କ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ କମିଟି ସହିତ ଅପୂର୍ବ ସାମଲ, ମନୋଜ ଦାସ, ଦେବେନ୍ଦ୍ର ପ୍ରଧାନ, ସମୀର ନାୟକ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ। ପରେ ଉକ୍ତ ତଥ୍ୟ ଅନୁସନ୍ଧାନକାରୀ କମିଟି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା ଓ ଆଇନଶୃଙ୍ଖଳା ପ୍ରତି ଉଦ୍‌ବେଗ ପ୍ରକାଶ କରିଥିଲେ। ଆରକ୍ଷୀ ଅଧୀକ୍ଷକଙ୍କ ସାକ୍ଷାତ ସମୟରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତ, ଦଳିତ ସେଲ୍‌ର ସଭାପତି ଦୁର୍ଯ୍ୟୋଧନ ବେହେରା, ଆଇନଜୀବୀ ବଟକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ



**ସୁକିନ୍ଦା, ୯ ।୩(ସମିସ):** ସୁକିନ୍ଦା ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଅଧକ୍ଷ ଜ୍ଞାନରଞ୍ଜନ ନାୟକ ଏହି ଶିବିରକୁ ଉଦଘାଟନ କରି ଏହାର ବିଶେଷତ୍ୱ ଓ ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ସୁଚିତ୍ରା ଦାସ ଓ ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ସୁଚିସ୍ମିତା ବାରିକ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। କୌଣସି ଅପ୍ରୀତିକର ପରିସ୍ଥିତିରେ ମହିଳାମାନେ ନିଜକୁ ସୁରକ୍ଷା କରିବା ସହ ନିଜେ ଶାରୀରିକ ଓ ମାନସିକ ଭାବେ ସୁଦୃଢ଼ ହେବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଏହି ଉଦ୍ୟମ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ଧର୍ମଶାଳା, ୯।୩(ସମିସ):** ଧର୍ମଶାଳା ଥାନା ବଡ଼କାଏମା ପଞ୍ଚାୟତ ଅନ୍ତର୍ଗତ ଡେରାବର ଗ୍ରାମରେ ଆଜି ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ସ୍ୱର୍ଗତ ରଜନୀକାନ୍ତ ସାହୁଙ୍କ ପୁଅ ସୁଶାନ୍ତ ସାହୁ (୩୩)। ପାରିବାରିକ କଳହ ଓ ମାନସିକ ଦୁଶ୍ଚିନ୍ତା ଯୋଗୁଁ ସେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସୁଶାନ୍ତ ଏକ ଟେଣ୍ଟ ହାଉସ କରି ପରିବାର ପ୍ରତିପୋଷଣ କରୁଥିଲେ। ଅର୍ଥାଭାବ ଯୋଗୁଁ ସେ କରଜ କରି ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଗତକାଲି ରାତି ପ୍ରାୟ ୧ଟା ସମୟରେ ଘର ପ୍ୟାନ ହୁକରେ ରଶି ଲଗାଇ ଝୁଲିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୁଲିସ ୧୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି। ସୁଶାନ୍ତଙ୍କ ୬ ମାସର ଶିଶୁପୁତ୍ର ଥିବା ଜଣାପଡ଼ିଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତ ସଂରକ୍ଷଣ ଗୃହ ଉଦ୍‌ଘାଟିତ



**ଦାନଗଦି, ୯।୩(ସମିସ):** ଆଜି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରକ୍ତ ସଂରକ୍ଷଣ ଗୃହ ସୁକିନ୍ଦା ବିଧାୟକ ଡ ପ୍ରଦୀପ ବଳସାମନ୍ତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଏହି ସଂରକ୍ଷଣ ଗୃହରେ ରକ୍ତ ସଂରକ୍ଷଣ ସାମଗ୍ରୀ ବ୍ୟବହାର ନ ହୋଇ ପଡ଼ିରହିଥିଲା। ଫଳରେ ପ୍ରସୂତୀ ରକ୍ତ ଅଭାବରୁ ମୃତ୍ୟୁମୁଖରେ ପଡୁଥିଲେ। ଏହା କାର୍ଯ୍ୟକ୍ଷମ ହେବା ଫଳରେ ରୋଗୀ ଏହାର ସୁବିଧା ନେଇପାରିବେ। ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡଃ ଜ୍ୟୋତି ରଞ୍ଜନ ମହାପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ଦାନଗଦି ବିଡିଓ ପ୍ରଦୀପ ସେଠୀ, ସୁଧାଂଶୁ ଶେଖର ଭଞ୍ଜ, ସରପଞ୍ଚ ବାବୁଲି ନାଟିଆ, ପବିତ୍ର ଜେନାମଣି, ବୀରକିଶୋର ସାହୁ, କୃପାସିନ୍ଧୁ ସାମନ୍ତରାୟ, ସରପଞ୍ଚ ମାନସ ରଣା, ସ୍ମୃତିରଞ୍ଜନ ଜେନା, ଦିଲ୍ଲୀପ ନାୟକ, ବିଜୟ ଦାସଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

# ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ମହିଳା ଦିବସ



ଧର୍ମଶାଳା





ସିଂହପୁର



ବାଲିଚନ୍ଦ୍ରପୁର



ମଙ୍ଗଳପୁର




ବରୀ

**ଧର୍ମଶାଳା, ୯ ।୩(ସମିସ):** ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁଆ ମୌଜାରେ ଥିବା ଫୌଜ ଇଣ୍ଡିଆ ଅନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ସଭାପତି ସେକ୍ ଆଲ୍ଲାଉଦ୍ଦିନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ମିନତୀ ସାହୁ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରବୀନ୍ଦ୍ର ବରାଳ ଓ ମହିଳା ନେତ୍ରୀ ମଞ୍ଜୁଲତା ସ୍ୱାଇଁ ଯୋଗଦେଇ ମହିଳା ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଆଦିବାସୀ ଓ ଦଳିତ ପିଲାଙ୍କ ସେବାରେ ନିୟୋଜିତ ମଞ୍ଜୁଲତା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ପାୟେସ୍ୱନୀ ପରିଡ଼ା ଜିଲ୍ଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଦ୍ୱିତୀୟ ହୋଇଥିବାରୁ ତାଙ୍କୁ ଫୌଜ ଇଣ୍ଡିଆ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟା ସନ୍ଧ୍ୟାରାଣୀ ରାଉଳ ସଭାକୁ ପରିଚାଳନା କରିଥିଲେ। ଉପସଭାପତି କାହ୍ନୁଚରଣ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ବିଶ୍ୱରଞ୍ଜନ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ସଦସ୍ୟ କେଶବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**ଜାରକା ଇନରହୁଇଲ କ୍ଲବ୍:** ଜାରକା ଇନରହୁଇଲ କ୍ଲବ୍ ପକ୍ଷରୁ ସ୍ଥାନୀୟ ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ସଭାପତି ରଶ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡ଼ଚଣା ସେବା କେନ୍ଦ୍ର ମୁଖ୍ୟ ବ୍ରହ୍ମକୁମାରୀ ମାନସୀ ମୁଖ୍ୟଅତିଥି, କଟକ ତୁଳସୀପୁର ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମକୁମାରୀ ସନ୍ଧ୍ୟା ଭଉଣୀ ମୁଖ୍ୟବକ୍ତା ଓ କୁଆଖିଆ ସେବାକେନ୍ଦ୍ର ବ୍ରହ୍ମକୁମାରୀ ସୁଧା ଭଉଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତେ ନିଜ ନିଜ ଗୁଣରେ ସ୍ୱାବଲମ୍ବୀ ହେବାକୁ ଉପସ୍ଥିତ ମହିଳାଙ୍କୁ ଆହ୍ୱାନ କରିଥିଲେ। କ୍ଲବର ପୂର୍ବତନ ସଭାପତି ମିନତୀ ସାହୁ ବିଶ୍ୱ ମହିଳା ଦିବସ ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ଅନ୍ୟତମ ପୂର୍ବତନ ସଭାପତି ମାଧୁରୀ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧକ୍ଷ ଶକୁନ୍ତଳା ମହାନ୍ତି, ଅର୍ଚ୍ଚନା ସ୍ୱାଇଁ, ଇନ୍ଦୁପ୍ରଭା ସାମଲ, ଅରୁଣାରଶ୍ମି ସାମଲ, ବିଶ୍ୱମିତ୍ରା ସାହୁ, କଳ୍ପନା ନାୟକ ଓ ପ୍ରଭାତ ନଳିନୀ ସାହୁ ପ୍ରମୁଖ ସହାୟତା କରିଥିଲେ। ସମ୍ପାଦକ ଲୋପାମୁଦ୍ରା ଷେଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

**ସିଂହପୁର:** ହାବଳଗଣ୍ଡପାଟଣା ବିକେବି ହାଇସ୍କୁଲ୍ ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି। ପୂର୍ବତନ ପ୍ରଧାନଶିକ୍ଷକ ମିହିର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ସଞ୍ଜୟ ସାମଲ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ପ୍ରିୟଦର୍ଶୀ ବେହେରା, ରୋଜି ବେହେରା, ପ୍ରଜ୍ଞାରାଣୀ ଦାସଙ୍କୁ ବିଦ୍ୟାଳୟ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ସୂତାର, ରତିକାନ୍ତ ଦାସ, ଅଭିମନ୍ୟୁ ବାରିକ, ଶିକ୍ଷାକର୍ମୀ ପୀତାମ୍ବର ରାଉତ, ଅନୁପ ପରିଡ଼ା ପ୍ରମୁଖ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା କହିଥିଲେ, ଯଦି ମହିଳାଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ପ୍ରଦାନ କରାଯାଏ, ତେବେ ଆଜି ଦିବସ ପାଳନର ଲକ୍ଷ୍ୟ ସାଧିତ ହେବ। ଛାତ୍ରୀ କାମିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଲିଚନ୍ଦ୍ରପୁର:** ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତରେ ଅବସ୍ଥିତ ଲୁଥେରାନ ବିଶ୍ୱ ସେବା ସଂସ୍ଥା ଭାରତ ଟ୍ରଷ୍ଟ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ବାଲିଚନ୍ଦ୍ରପୁର ପଞ୍ଚାୟତର ନାନପୁର ଗ୍ରାମରେ ପାଳିତ ହୋଇଛି। ବାଲିଚନ୍ଦ୍ରପୁର ସର୍କଲ ସିଆରସିସି ଏକାଦଶୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଏଲଡବ୍ଲୁଏସଆଇଟି ସଂସ୍ଥା କେନ୍ଦ୍ରାପଡ଼ା, ଯାଜପୁର ପ୍ରକଳ୍ପର ପ୍ରକଳ୍ପ ଅଧିକାରୀ ପ୍ରତୀମା ସାହୁ, ଅଙ୍ଗନବାଡି କର୍ମୀ ଅଞ୍ଜଳି ଜେନା ଯୋଗ ଦେଇଥିଲେ। ଲୁଥେରାନ ସଂସ୍ଥାର ପ୍ରଦୀପ୍ତ ଧଳ ଓ ଚିତ୍ତରଞ୍ଜନ ସାମଲ ପ୍ରମୁଖ ଅଭିଭାଷଣ ରଖିଥିଲେ। ମା' ମଙ୍ଗଳା ଗ୍ରାମ୍ୟ ଉନ୍ନୟନ କମିଟି ସଭାନେତ୍ରୀ ସୁଷମା ଜେନା, ସମ୍ପାଦିକା ଝରଣା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଞ୍ଚଟି ପଞ୍ଚାୟତରୁ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମାଜସେବୀ ଶରତ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ମଙ୍ଗଳପୁର:** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ବଡଳାଙ୍ଗସ୍ଥ ଏଡୁପ୍ରୋ ବୈଷୟିକ ଶିକ୍ଷାନୁଷ୍ଠାନରେ ମହିଳା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗନେଇଥିଲେ।ସେମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏଥିସହ ଫିଟନେସ କ୍ୟାମ୍ପ ଓ ପଦଯାତ୍ରା କରାଯାଇଥିଲା। ଶିକ୍ଷାନୁଷ୍ଠାନର ସମ୍ପାଦକ ସତ୍ୟବ୍ରତ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ସରସ୍ୱତୀ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ଦିବସ ଉପରେ ଆଲୋକପାତ କରିଥିଲେ। ସୁଜାତା ବେହେରା, ସସ୍ମିତା ଜେନା, ଲିଜା ଦାସ, ଅନୁସୟା ଦାସ, ସନ୍ତୋଷ ନାୟକ, ରଜନୀକାନ୍ତ ଦାସ, ପରମେଶ୍ୱର ସେଠୀ, ଶୁଭମ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବରୀ:** ଅଭିମନ୍ୟୁ ବାଲିଆସ୍ଥ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏଥିରେ ଅନୁଷ୍ଠାନର ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ସମସ୍ତ ଅଧ୍ୟାପିକା, ମହିଳା କର୍ମଚାରୀ ଓ ପରୀକ୍ଷା ନିରୀକ୍ଷକ, ବ୍ଲକ ପ୍ରତିନିଧିଙ୍କୁ ବନ୍ଦାପନା କରିବା ସହିତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ସରୋଜିନୀ ପୃଷ୍ଟି, ପ୍ରଗତୀ ଦାସ, ରଶ୍ମିତା ସାହୁ, ଶ୍ରୁତି ପଟ୍ଟନାୟକ, ଶୁଭଶ୍ରୀ ଦାସ, ମନ୍ଦାକିନୀ ସାମନ୍ତରାୟ, ପରୀକ୍ଷା ନିରୀକ୍ଷକ ଅଧ୍ୟାପିକା କନକ କୁସୁମ ଜେନା, ବ୍ଲକ ପ୍ରତିନିଧି ଆରତୀ ମାଡାମ, କିରାଣୀ ସୁପ୍ରଭା ପରିଡ଼ା, ଗ୍ରନ୍ଥାଗାର ସହାୟିକା ରୁନୁଲତା ପ୍ରଧାନ, ଡାଟା ଏଣ୍ଟ୍ରି ଅପରେଟର ସଙ୍ଗୀତା ଧଳ, ବାଳିକା ସାଧାରଣ କକ୍ଷ ସହାୟିକା ଅନୀତା ଦଳାଇ ଓ ଜାତୀୟ ସେବା ଯୋଜନାର ପରାମର୍ଶଦାତା କୁଞ୍ଜବିହାରୀ ରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ନାରୀ ନିଜ ଭିତରେ ଥିବା ଲୁକ୍କାୟିତ ଗୁଣ ଓ ଶକ୍ତିକୁ ଚିହ୍ନିବା ଦରକାର ଓ ଜଣେ ନାରୀ ବାହ୍ୟ ସାଜସଜ୍ଜା ପ୍ରତି ଯେତିକି ଧ୍ୟାନ ଦେଉଛି, ତା'ଠୁ ଅଧିକ ନିଜର ଆନ୍ତରିକ ଶକ୍ତି ଓ ଗୁଣକୁ ଜାଗ୍ରତ କରି କଠୋର ପରିଶ୍ରମ କଲେ ସେ ଜୀବନରେ ସଫଳ ହୋଇପାରିବ ବୋଲି ଅଧ୍ୟାପିକାମାନେ ମତ ପ୍ରକାଶ କରିଥିଲେ। କର୍ମଚାରୀ ଶୁକଦେବ ଜେନା, ସୁରେଶ ରଥ, ପଦ୍ମନ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟକ୍ଷ ଡଃ ଜିତେନ୍ଦ୍ର କୁମାର ଦାଶଙ୍କ ତତ୍ତ୍ୱାବଧାନ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଦୀପ ମୁଦୁଲି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଶିଶୁ ବାଟିକାରେ ପିଲାଙ୍କୁ ପଢ଼ାଇବ କିଏ ?

## ପଢ଼ାଇବାକୁ ରୋକ୍‌ଠୋକ୍ ମନାକଲା ପ୍ରାଥମିକ ଶିକ୍ଷକ ସଂଘ




■ ଭିତ୍ତିଭୂମି ବିକାଶ ନ କରି ଲାଗୁ କରାଯାଇଛି ଜାତୀୟ ଶିକ୍ଷାନୀତି
■ ଶିଶୁ ବାଟିକା କାର୍ଯ୍ୟକ୍ରମ ବିଫଳ ହେବାନେଇ ଚେତାଇଲେ

**ଭୁବନେଶ୍ୱର, ୯ ।୩(ସମିସ):** ଆସନ୍ତା ଶିକ୍ଷାବର୍ଷରୁ ପ୍ରଥମ କରି ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହେଉଛି ଶିଶୁ ବାଟିକା। ପ୍ରାୟ ୪୫ ହଜାର ବିଦ୍ୟାଳୟରେ ଶିଶୁ ବାଟିକା ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ହେଲେ ସେମାନଙ୍କୁ ପଢ଼ାଇବ କିଏ? ଛୋଟ ପିଲାଙ୍କ ଶାରୀରିକ ଯତ୍ନ ନେବ କିଏ? ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ନ କରି ସରକାରଙ୍କ ଏହି ନିଷ୍ପତ୍ତି ପ୍ରାଥମିକ ଶିକ୍ଷକଙ୍କୁ ଅଧିକ ଚାପଗ୍ରସ୍ତ କରିବ। ତେଣୁ, ଶିଶୁବାଟିକାରେ ପିଲାଙ୍କୁ ପଢ଼ାଇବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛି ପ୍ରାଥମିକ ଶିକ୍ଷକ ସଂଘ। ରବିବାର ରାଜ୍ୟସ୍ତରୀୟ ସମ୍ମିଳନୀରେ ସଂଘ ଏପରି ଆଭିମୁଖ୍ୟ ସ୍ପଷ୍ଟ କରିବା ପରେ ସରକାର ଅଡୁଆରେ ପଡ଼ିଛନ୍ତି । ଶିକ୍ଷକ ଅଭାବରୁ ଶିଶୁଙ୍କ ଶୈକ୍ଷିକ ଓ ଶାରୀରିକ ବିକାଶ କିପରି ହେବ ବୋଲି ମଧ୍ୟ ପ୍ରଶ୍ନ ଉଠିଛି ।

ସଂଘର କହିବା କଥା, ରାଜ୍ୟରେ ପର୍ଯ୍ୟାପ୍ତ ପ୍ରାଥମିକ ଶିକ୍ଷକ ନାହାନ୍ତି । ବହୁ ବିଦ୍ୟାଳୟ ଜଣେ ଶିକ୍ଷକରେ ଚାଲୁଛି। ଏକାଧିକ ବିଦ୍ୟାଳୟରେ ଗୋଟିଏ ଘରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଛନ୍ତି । ଏପରି କ୍ଷେତ୍ରରେ ଶିଶୁ ବାଟିକା ପିଲାଙ୍କୁ କିଏ ପଢ଼ାଇବେ ଏବଂ ସେମାନେ କେଉଁଠି ପଢ଼ିବେ ବୋଲି ସଂଘ ପ୍ରଶ୍ନ କରିଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରାଥମିକ ଶିକ୍ଷାରେ ଶ୍ରେଣୀ ଓ ପିଲାଙ୍କ ସଂଖ୍ୟା ବଢୁଥିବା ବେଳେ ଶିକ୍ଷକ ସଂଖ୍ୟା ବଢ଼ାଯାଉନାହିଁ । ୧୯୯୭ ମସିହା କ୍ୟାଡର ରୁଲ୍ ଅନୁଯାୟୀ, ରାଜ୍ୟରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ୧ଲକ୍ଷ ୩୬ ହଜାର ୬୬୯ ଶିକ୍ଷକ ପଦ ଥିଲା । ତହିଁରୁ ୬୪ହଜାର ଶିକ୍ଷକ ପଦ ଖାଲି ରହିଛି । ଶିକ୍ଷା ଅଧିକାର ଆଇନ ଅନୁଯାୟୀ, ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ମିଶିଲା। ପ୍ରାୟ ୧୨ହଜାର ବିଦ୍ୟାଳୟ ପାଇଁ ହିନ୍ଦୀ, ସଂସ୍କୃତ ଓ ଅନ୍ୟ ଜଣେ ଶିକ୍ଷକ ଭାବେ ପ୍ରାୟ ୩୬ ହଜାର ପଦ ସୃଷ୍ଟି ହେବାର ଥିଲା । ସେହିପରି ସମ୍ପ୍ରତି ସରକାର ୪୫ ହଜାର ବିଦ୍ୟାଳୟରେ ବାଲ୍‌ବାଟିକା ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ଏଣୁ ବିଦ୍ୟାଳୟ ପିଛା ଜଣେ ଶିକ୍ଷକ ଭାବେ ୪୫ ହଜାର ପଦରେ ନିଯୁକ୍ତି ଦିଆଯିବା କଥା। ହେଲେ, ସରକାର ନୂତନ ପଦ ସୃଷ୍ଟି କରୁନାହାନ୍ତି । ଫଳରେ ପ୍ରାୟ ୧ଲକ୍ଷ ୪୫ ହଜାର ଶିକ୍ଷକ ପଦ ଖାଲି ପଡ଼ିଛି । ଏପରି ସ୍ଥିତିରେ ଶିଶୁ ବାଟିକା ପିଲାଙ୍କ ବୌଦ୍ଧିକ ଓ ଶାରୀରିକ ବିକାଶ କିପରି ହେବ ବୋଲି ସରକାରଙ୍କୁ ପ୍ରଶ୍ନ କରିଛି ସଂଘ।

ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବା ପୂର୍ବରୁ ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଛି। ତେଣୁ ଶିଶୁବାଟିକା କାର୍ଯ୍ୟକ୍ରମ ବିଫଳ ହେବା ନେଇ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ସରକାରଙ୍କୁ ଚେତାଇଛନ୍ତି । ସେହିପରି ସ୍କିମାଟିକ୍ ଉଚ୍ଛେଦ କରି ନିୟମିତ କରିବା, କେନ୍ଦ୍ରୀୟ ହାରରେ ଦରମା, ପଦୋନ୍ନତି ସହ ପୁରୁଣା ପେନସନ୍ ଯୋଗାଇଦେବାକୁ ଦାବି ହୋଇଛି। ଏହି କାର୍ଯ୍ୟକ୍ରମରେ ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଫେସର୍ ସୁରେନ୍ଦ୍ର କୁମାର ଜେନା, ଉପଦେଷ୍ଟା ଗଜେନ୍ଦ୍ର ମାଝୀ, କାର୍ଯ୍ୟକାରୀ ସଭାପତି ଅଗାଧୁ ସେଠୀ, ବାମନ ବାରିକ, କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ବହୁ ଶିକ୍ଷକ/ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

# ବନ୍ଧୁକ ମୁନରେ ଗାଁ ଦାଣ୍ଡରୁ ଯୁବକଙ୍କୁ ଅପହରଣ

**ଖୋର୍ଦ୍ଧା, ୯ ।୩(ସମିସ):** ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। କିଛି ଦିନ ତଳେ ପଥରମାଫିଆଙ୍କ ମଧ୍ୟରେ ଗୁଳିକାଣ୍ଡ ଘଟିଥିବା ବେଳେ ଆଜି ସଂଧ୍ୟାରେ ଜଣେ ଯୁବକଙ୍କୁ ବନ୍ଧୁକ ମୁନରେ ଅପହରଣ କରାଯାଇଛି। ଅପହୃତ ଯୁବକ ହେଲେ, ଛତ୍ରମା ଗ୍ରାମର ସୁବ୍ରତ ସୁନ୍ଦରାୟ। ଆଜି ସଂଧ୍ୟାରେ ୭ରୁ ୮ ଜଣ ଯୁବକ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସୁବ୍ରତଙ୍କୁ ତାଙ୍କ ଗାଁ ଦାଣ୍ଡରୁ ଉଠାଇ ନେଇଥିଲେ। ତେବେ ସେମାନେ ତାଙ୍କୁ ନିର୍ଦ୍ଧୁମ୍ ମାଡ଼ ମାରିବା ପରେ ଅରୁଗୁଳ ନିକଟ ଏକ ଜଙ୍ଗଲରେ ଫୋପାଡ଼ି ଚାଲି ଯାଇଥିଲେ। ଏ ସଂପର୍କରେ ସବ୍ରତ ଫୋନ୍ ଯୋଗେ ପୁଲିସ୍‌କୁ ସୂଚନା ଦେବା ପରେ ତାଙ୍କୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ପୁଲିସ୍ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଇଥିଲା । ତେବେ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ତାଙ୍କୁ ବିଳମ୍ବିତ ରାତିରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । କିନ୍ତୁ ଏ ସଂପର୍କରେ ପୁଲିସ୍ ଅଧିକ ତଥ୍ୟ ଦେବାକୁ ମନା କରିଦେଇଛି ।

ସୂଚନାନୁସାରେ, ଗତ ୭ ତାରିଖରେ ଏକ ବାହାଘର ଉତ୍ସବରେ ସୁବ୍ରତଙ୍କ ସହ ନନ୍ଦପୁରର କିଛି ଯୁବକଙ୍କ ବଚସା ହୋଇଥିଲା। କଥା ବଢ଼ିବାରୁ ଥାନାକୁ ଯାଇଥିଲା। ତେବେ ନନ୍ଦପୁରର କିଛି ଗ୍ରାମବାସୀ ଏଥିରେ ହସ୍ତକ୍ଷେପ କରି ଆପୋଷ ବୁଝାମଣା ମାଧ୍ୟମରେ ମାମଲା ସମାଧାନ ପାଇଁ ଚେଷ୍ଟା କରିଥିଲେ। ତେଣୁ ପୁଲିସ୍ ଏହି ଘଟଣାରେ ମୁଣ୍ଡ ଖେଳାଇନଥିଲା। ତେବେ ଆଜି ସନ୍ଧ୍ୟାରେ ଭଦ୍ରଲୋକଙ୍କ ଉପସ୍ଥିତିରେ ନନ୍ଦପୁର ପଞ୍ଚାୟତର ହୁଡାମହାଦେବ ମନ୍ଦିରଠାରେ ଘଟଣାର ଆପୋଷ ସମାଧାନ ଲାଗି ବୈଠକ ଚାଲିଥିବା ବେଳେ

**ଗୁରୁତର ଅବସ୍ଥାରେ ଜଙ୍ଗଲରୁ ଯୁବକ ଉଦ୍ଧାର**

ନନ୍ଦପୁରର ୭/୮ ଜଣ ଯୁବକ ଛତ୍ରମା ଗାଁରେ ପହଞ୍ଚି ଏକ କାର୍ ଯୋଗେ ସୁବ୍ରତଙ୍କୁ ଅପହରଣ କରିନେଇଥିଲେ । ଖବର ପାଇ ପୁଲିସ ସୁବ୍ରତଙ୍କୁ ଖୋଜୁଥିବା ବେଳେ ଅପହରଣକାରୀମାନେ ଆହତ ଅବସ୍ଥାରେ ସୁବ୍ରତଙ୍କୁ ଅରୁଗୁଳ ନିକଟ ଏକ ଜଙ୍ଗଲରେ ଫୋପାଡି ଚାଲିଯାଇଥିବା ନେଇ ସୁବ୍ରତ ଥାନାକୁ ଖବର କରିଥିଲେ । ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି ।

ଏନେଇ ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କୁ ପଚାରିବାରୁ ଅପହରଣ ଘଟଣାକୁ ସ୍ୱୀକାର କରିଛନ୍ତି। କିନ୍ତୁ ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଅଧିକ କିଛି କହିବାକୁ ମନା କରିଦେଇଥିଲେ।

## ନୂଆପଡ଼ାରେ ପୁଣି ବାଘ ଆତଙ୍କ

**ଝରଣାମାଲ ଗାଁରେ କୁକୁର ମାରିଲା**

**ନୂଆପଡ଼ା/କୋମନା, ୯ ।୩(ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ୍ ଥାନା ଅନ୍ତର୍ଗତ ଝରଣାମାଲ ଗାଁରେ ପୁଣି କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି । ଗତ ବିଳମ୍ବିତ ରାତିରେ ଗାଁର ଚିନ୍ଦାପଡ଼ା ବସ୍ତିରେ ପଶି ବାଘଟି ଗୋଟିଏ କୁକୁର ମାରିଥିବା ଜଣାପଡ଼ିଛି । ଏହା ଦେଖି ସ୍ଥାନୀୟ ଲୋକ ଚିତ୍କାର କରିବାରୁ ବାଘଟି କୁକୁରକୁ ଛାଡ଼ି ଗାଁ ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା । ଏହା ପୂର୍ବରୁ ଉକ୍ତ ବାଘଟି ଗାଁର ନରସିଂହ କଟା ଓ କ୍ଷୀରସିନ୍ଧୁ ମାଝୀଙ୍କ ୨ଟି ବଳଦ ମାରିଥିଲା । ବାଘ ଭୟରେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଠେଙ୍ଗାବାଡ଼ି ଧରି ଗାଁ ମୁଣ୍ଡରେ ପାଳି କରି ଜଗି ରହିଛନ୍ତି । ଖବର ପାଇ କୋମନା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ କରିବା ସହ ବାଘର ଗତିବିଧି ଉପରେ ନଜର ରଖିଛନ୍ତି ।

# ଗହୀରମଥାରେ ଅଣ୍ଡା ଦେଲେଣି ସାଢ଼େ ୫ଲକ୍ଷ ଅଲିଭରିଡ୍‌ଲେ

## ୫ଦିନ ହେଲା ନାସୀ-୨ ଓ ୪ ଦିନ ହେଲା ଏକକୂଳାନାସୀରେ ଅଣ୍ଡାଦାନ ଜାରି

**ରାଜନଗର, ୯ ।୩(ସମିସ):** ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଏନ୍ତୁଡ଼ିଶାଳ କେନ୍ଦ୍ରାପଡ଼ା ଉପକୂଳର ଗହୀରମଥାଠାରେ କଇଁଛଙ୍କ ଅଣ୍ଡାଦାନ ପକ୍ରିୟା ଜାରି ରହିଛି। ଫେବୃୟାରୀରେ ରେକର୍ଡସଂଖ୍ୟକ ଅଲିଭରିଡଲେ ଗଣ ଅଣ୍ଡାଦାନରେ ସାମିଲ ହେବା ପରେ ଚଳିତବର୍ଷ ଗହୀରମଥାରେ ଗଣ ଅଣ୍ଡାଦାନ ହେବ କି ନାହିଁ ଆଶଙ୍କା ପ୍ରକାଶ ପାଇଥିଲା । ମାତ୍ର ସବୁ ଆଶଙ୍କାର ଅବସାନ ଘଟାଇ ଗତ ୫ ଦିନ ହେଲା ନାସୀ -୨ ଓ ୩୧ ବର୍ଷ ପରେ ଏକକୂଳା ନାସୀରେ ୪ଦିନ ହେଲା ଗଣଅଣ୍ଡାଦାନ ଜାରି ରହିଛି। ୫ଦିନ ମଧ୍ୟରେ ଗହୀରମଥାର ନାସୀ-୨ରେ ୨ ଲକ୍ଷ ୫୩ ହଜାର ୪୨୬ ଅଲିଭରିଡ୍‌ଲେ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇ ସାରିଥିବା ବେଳେ ଏକକୂଳା ନାସିରେ ୨ ଲକ୍ଷ ୯୬ ହଜାର ୪୩୬ କଇଁଛ ଅଣ୍ଡାଦାନ କରିଛନ୍ତି।

ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନାସୀ ୨ରେ ୫ ତାରିଖରେ ୭୮,୭୪୩ ଅଲିଭରିଡଲେ କଇଁଛ ଅଣ୍ଡାଦାନ ପକ୍ରିୟାରେ ସାମିଲ



ହୋଇଥିବା ବେଳେ ୬ ତାରିଖରେ ୧,୧୪,୦୦୨, ୭ ତାରିଖରେ ୭୧,୯୧୨, ୮ ତାରିଖରେ ୩୧, ୭୭୯ କଇଁଛ ଗଣ ଅଣ୍ଡାଦାନ କରିଛନ୍ତି । ଏକକୂଳା ନାସୀ ରେ ୬ ତାରିଖରେ ୩୦୦୦, ୭ ତାରିଖରେ ୧,୬୬,୩୪୮, ୮ ତାରିଖରେ ୮୪, ୦୭୮ କଇଁଛ ଅଣ୍ଡାଦାନ କରି ସାରିଲେଣି। ୮ତାରିଖ ସୁଦ୍ଧା ୫,୪୯,୮୬୨ କଇଁଛ ଗଣ ଅଣ୍ଡାଦାନ କରିସାରିଥିବା ବେଳେ ଆଜି ମଧ୍ୟ ଗଣଅଣ୍ଡାଦାନ ପକ୍ରିୟା ଜାରି ରହିଥିବା ଜଣାପଡ଼ିଛି।

ମାଆ କଇଁଛମାନେ ବେଳାଭୂମିର ନରମ ବାଲିରେ ପଛପଟ ଗୋଡ଼ରେ ୧ଫୁଟ୍‌ରୁ ଦେଢ଼ଫୁଟ୍ ଗଭୀରର ଗାତ ଖୋଳିଥାଏ । ଗାତ ଖୋଳିବା ପରେ ମାଆ କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାଏ। ପ୍ରତ୍ୟେକ ଅଣ୍ଡାର ଆକାର ଗୋଟିଏ ପିଙ୍ଗ ପିଙ୍ଗବଲ ପରି । ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗଳିବା ସମୟରେ ତାହା ଫାଟିନଥାଏ। ଅଣ୍ଡା ଦେଇସାରିବା ପରେ ମାଆ କଇଁଛ ତାର ଗାତକୁ ବାଲି ଗୋଡ଼ାଇ ଲୁଚାଇ ପକାଏ ଓ ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତ୍ତାପରେ ଉଷୁମ ହୋଇ ଅଣ୍ଡାଗୁଡ଼ିକରୁ ୪୫ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। କଇଁଛ ଅଣ୍ଡାଦାନ ପକ୍ରିୟାରେ ସାମିଲ ହେବା ଦିନଠାରୁ ଗହୀରମଥାର ନାସୀ ଦ୍ୱୀପଠାରୁ ଅଳ୍ପ ଦୂରରେ ଥିବା ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗର କ୍ଷେପଣାସ୍ତ୍ର ଘାଟିର ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାକୁ ବନ୍ଦ କରାଯାଇଛି ।

# ଭୁବନେଶ୍ୱରରୁ ୧୦ ବାଂଲା ଅନୁପ୍ରବେଶକାରୀ ଗିରଫ

## ଆସାମ ସୀମା ଦେଇ ଭାରତରେ ପଶିବା ପରେ ଟ୍ରେନ୍‌ରେ ଆସିଥିଲେ

**ଭୁବନେଶ୍ୱର, ୯ ।୩(ସମିସ):** ଭୁବନେଶ୍ୱର ରେଳଷ୍ଟେସନ୍‌ରୁ ଆଜି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ୧୦ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୬ପୁରୁଷ, ୩ ମହିଳା ଓ ଜଣେ ନାବାଳକ ଅଛନ୍ତି। ସେମାନେ ହେଲେ, ବାଂଲାଦେଶ ଭାଲୁକା ଥାନା ଗଙ୍ଘାଟିଆର ଏମ୍‌ଡି.ହାସିମ (୪୬), ବାଗେରହାଟରସୋଜିବ ଖାନ୍ ଓରଫ ଏମ୍‌ଡିସୋଜିବ (୨୪), ମୋରେଲଗଞ୍ଜର ଆଲାମ ଶାଇକା (୪୧), ବାଗେରହାଟର ଏମ୍‌ଡି.ଆଜିମ (୪୦), ଅଲତାଫ ଓରଫ ଦିଲାର ଶେକ୍ (୪୫), ଏମ୍‌ଡି.ସୋହା ତାଲୁକଦାର (୩୬), କରିମା ବେଗମ (୨୫), ମୋନିରା ବେଗମ (୩୦), ସାହାନା ବେଗମ୍(୪୫) ଓ ଜଣେ ୧୪ବର୍ଷୀୟ ନାବାଳକ। ସେମାନଙ୍କଠାରୁ ୭ଟି ମୋବାଇଲ, କିଛି ବାଂଲାଦେଶୀ ମୁଦ୍ରା ଓ କିଛି ଭାରତୀୟ ମୁଦ୍ରା ଜବତ ହୋଇଛି ।

ପୁଲିସ୍ ସୂଚନାନୁଯାୟୀ, ଏମାନେ ଆସାମ ସୀମା ଦେଇ ଭାରତରେ ପ୍ରବେଶ କରିବା ପରେ ଟ୍ରେନ୍‌ରେ ଆସି ଭୁବନେଶ୍ୱରରେ ଓହ୍ଲାଇଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଟିମ୍ ସେମାନଙ୍କୁ ଗିରଫ କରିଛି। ସେମାନେ କୌଣସି ପାସ୍‌ପୋର୍ଟ, ଭିସା କିମ୍ବା ବୈଧ ପ୍ରମାଣପତ୍ର ଦେଖାଇ ନପାରିବାରୁ ସେମାନଙ୍କୁ ଗିରଫ କରାଯାଇଥିଲା । ତେବେ କେଉଁ ଦଲାଲ୍ ସହାୟତାରେ ସେମାନେ ଭାରତରେ ପ୍ରବେଶ କରିଛନ୍ତି, ସେନେଇ ଏସ୍‌ଟିଏଫ୍ ଖୋଳତାଡ଼ ଜାରି ରଖିଛି । ଖସିଯାଇଥିବା ଦଲାଲ୍‌କୁ ଗିରଫ କରିବା ପାଇଁ ଏସ୍‌ଟିଏଫ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

# ଅବଶିଷ୍ଟାଂଶ...

## ସରକାରଙ୍କୁ ଘେରିବେ...

ରାଜ୍ୟର ଭୋଟରଙ୍କୁ ପୁଣି ଭୋଟର ତାଲିକାରେ ସାମିଲ କରାଯାଉଛି । ପ୍ରଥମେ ଏହି ମାମଲାକୁ ଅସ୍ୱୀକାର କରୁଥିବା କମିସନ୍ ତ୍ରୁଟି ସଂଶୋଧନ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତାକାଲି ତୃଣମୂଳ କଂଗ୍ରେସର ଏକ ପ୍ରତିନିଧି ଦଳ ନିର୍ବାଚନ କମିସନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି ଯେ ଭୋଟ୍ ଜାଲିଆତି କରି ବିଜେପି ନିର୍ବାଚନ ଜିତୁଛି ଏବଂ ଏଥିରେ ଏହାକୁ ସହାୟତା କରୁଛନ୍ତି ନିର୍ବାଚନ କମିସନ । ମହାରାଷ୍ଟ୍ର ବିଧାସଭା ନିର୍ବାଚନ ବେଳେ ଏଭଳି ଅଭିଯୋଗ ମଧ୍ୟ ଉଠିଥିଲା । କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟା ଆଉ ସ୍ୱଚ୍ଛ ହୋଇ ରହିନାହିଁ । ଇଣ୍ଡିଆ ମେଣ୍ଟର ଅଂଶୀଦାର ପକ୍ଷରୁ ଏହାକୁ ମୁଖ୍ୟ ପ୍ରସଙ୍ଗ କରାଯିବ ।

ଏହାସହିତ ଦକ୍ଷିଣ ଭାରତର ରାଜ୍ୟମାନେ ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଧାରଣ ପ୍ରସଙ୍ଗରେ ସରକାରଙ୍କୁ ଘେରିବେ । ସେମାନେ ଯୁକ୍ତି କରିଛନ୍ତି ଯେ ଜନସଂଖ୍ୟା ଭିତ୍ତିରେ ସୀମା ପୁନଃନିର୍ଧାରଣ ହେଲେ ଏହି ରାଜ୍ୟଗୁଡ଼ିକ ବେଶି କ୍ଷତିଗ୍ରସ୍ତ ହେବେ । ତେଣୁ ତାମିଲନାଡୁ ନେତୃତ୍ୱରେ ଏହାର ଜୋରଦାର ବିରୋଧ କରାଯିବ । ଏସଂପର୍କରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଓଡ଼ିଶା ସମେତ କର୍ଣ୍ଣାଟକ, କେରଳ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ପଞ୍ଜାବ ଏବଂ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଦଳର ନେତାମାନଙ୍କୁ ଚିଠି ଲେଖି ଏହି ପ୍ରସଙ୍ଗରେ ମିଳିତ ସ୍ୱର ଉତ୍ତୋଳନ କରିବାକୁ ପରାମର୍ଶ ଦେଇଛନ୍ତି ।

ଅନ୍ୟପକ୍ଷରେ ଏହି ଅଧିବେଶନରେ ବଜେଟ ପ୍ରକ୍ରିୟା ଶେଷ କରିବା ସହିତ ବିବାଦୀୟ ୱାକଫ ବିଲ୍ ଅନୁମୋଦନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ୱାକଫ୍ ବିଲ୍ ଅନୁମୋଦନ ଲାଗି ବିଜେପି ପାଖରେ ଆବଶ୍ୟକ ସଂଖ୍ୟା ନଥିବାରୁ ଦଳ ଏଥିଲାଗି ନୀତୀଶଙ୍କ ଜେଡିୟୁ ଏବଂ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସମର୍ଥନ ଉପରେ ନିର୍ଭର କରୁଛି । ତେବେ ଏହି ଦୁଇ ଦଳର ଆଭିମୁଖ୍ୟ ଉପରେ ସବୁକିଛି ନିର୍ଭର କରୁଛି ।

## ଡିଏମକେ ବୈଠକରେ ଷ୍ଟାଲିନଙ୍କ ପଣ

### ତାମିଲନାଡୁକୁ ଜନସଂଖ୍ୟା ନିୟନ୍ତ୍ରଣର ଦଣ୍ଡ ଭୋଗିବାକୁ ଦେବୁ ନାହିଁ

**ଚେନ୍ନଇ, ୯ ।୩(ଏଜେନ୍ସି):** ଜନସଂଖ୍ୟା ଆଧାରରେ ସଂସଦୀୟ କ୍ଷେତ୍ରର ସୀମା ପୁନଃ ନିର୍ଦ୍ଧାରଣ ଏବଂ ଜାତୀୟ ଶିକ୍ଷା ନୀତି ପ୍ରଣୟନ ଭଳି ଦୁଇଟି ପ୍ରସଙ୍ଗକୁ ନେଇ କେନ୍ଦ୍ର ଏବଂ ତାମିଲନାଡୁ ସରକାରଙ୍କ ଭିତରେ ବିବାଦ ତୀବ୍ର ହେବାରେ ଲାଗିଛି। ଜନସଂଖ୍ୟାକୁ ଆଧାର କରି ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ କରାଗଲେ ତାମିଲନାଡୁ ସାଂସଦଙ୍କ ସଂଖ୍ୟା ହ୍ରାସ ପାଇବ । ଯାହାକି ରାଜ୍ୟ ପାଇଁ ଦଣ୍ଡ ସଦୃଶ । କିନ୍ତୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ତାମିଲନାଡୁବାସୀଙ୍କୁ ଏଭଳି ଦଣ୍ଡ ଭୋଗିବାକୁ ଦିଆଯିବ ନାହିଁ ବୋଲି ଡିଏମ୍‌କେ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ ପଣ କରିଛନ୍ତି । ରବିବାର ଦଳୀୟ ସାଂସଦମାନଙ୍କ ସହ ଷ୍ଟାଲିନ ଏକ ବୈଠକରେ ଯୋଗ ଦେଇ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲା ବେଳେ ତାମିଲନାଡୁର ସଂସଦୀୟ ପ୍ରତିନିଧିତ୍ୱକୁ ନେଇ କୌଣସି ସ୍ତରରେ ବୁଝାମଣା କରାଯାଇପାରିବ ନାହିଁ ବୋଲି କହିଛନ୍ତି । କେବଳ ତାମିଲନାଡୁ ନୁହେଁ, ଜନସଂଖ୍ୟାକୁ ନେଇ ଅନ୍ୟ ରାଜ୍ୟମାନଙ୍କ ସଂସଦୀୟ ପ୍ରତିନିଧିତ୍ୱକୁ ନେଇ ଯଦି ସମସ୍ୟା ରହିଛି ତେବେ ସେମାନଙ୍କୁ ମଧ୍ୟ ଏକାଠି କରିବାକୁ ଷ୍ଟାଲିନ ସାଂସଦମାନଙ୍କୁ କହିଛନ୍ତି । ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣକୁ ନେଇ ସବୁ ରାଜ୍ୟଙ୍କ ଅଧିକାର ସୁନିଶ୍ଚିତ କରିବାକୁ ସେ ବିରୋଧୀ ଇଣ୍ଡିଆ ମେଣ୍ଟର ସବୁ ଦଳ ସହ ଆଲେଚନା କରିବାକୁ କହିଛନ୍ତି । ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗ ବ୍ୟତୀତ ଜାତୀୟ ଶିକ୍ଷା ନୀତି ବ୍ୟବସ୍ଥାରେ ତିନି ଭାଷା ପ୍ରଣୟନକୁ ନେଇ ଏବେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ବିବାଦ ବଢିଥିଲା ବେଳେ ଏହି ପ୍ରସଙ୍ଗରେ ମଧ୍ୟ ସବୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକୁ ଏକାଠି କରିବାକୁ ଷ୍ଟାଲିନ ଆହ୍ୱାନ ଦେଇଛନ୍ତି। ଏହି ଦୁଇଟି ପ୍ରସଙ୍ଗରେ ଡିଏମକେ ସାଂସଦମାନେ ସଂସଦରେ ପ୍ରଶ୍ନ ଉଠାଇବା ସହିତ ଏହାକୁ ବିରୋଧ କରିବେ ବୋଲି କହିଛନ୍ତି ।

## ରାସନ କାର୍ଡ...

କରି ମାଗଣା ଚାଉଳ ପାଇପାରିବେ ନାହିଁ। ଏହାବ୍ୟତୀତ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଭଳି ସ୍ୱାସ୍ଥ୍ୟ ସେବା ପାଇବାରୁ ମଧ୍ୟ ବଞ୍ଚିତ ହେବେ । ମନ୍ତ୍ରୀ ଏ ସମ୍ପର୍କରେ ଜାଣିବା ଆବଶ୍ୟକ ଓ ଏହାକୁ ଦୃଷ୍ଟିରେ ରଖି ରାସନ କାର୍ଡ ପ୍ରଦାନ ମାନଦଣ୍ଡ ସ୍ଥିର କରିବା ଆବଶ୍ୟକ । ମାତ୍ର ଏହାକୁ ଦୃଷ୍ଟି ନ ଦେଇ ଶ୍ରମିକମାନଙ୍କ ରାସନ କାଡର୍ କାଟିଲେ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଶ୍ରମିକ ସଙ୍ଗଠନଗୁଡ଼ିକ ଚେତାବନୀ ଦେଇଛନ୍ତି ।

ଶ୍ରମିକ ନେତା ବୀରକିଶୋର ନାୟକ କହିଛନ୍ତି ଯେ ଆମ ରାଜ୍ୟର ଶ୍ରମିକମାନେ ବିଭିନ୍ନ ସମୟରେ କାମ ନ ପାଇବାରୁ ବହୁ କଷ୍ଟରେ କାଳାତିପାତ କରୁଛନ୍ତି । ରାଜ୍ୟରେ କାମ ଅଭାବରୁ ବାଧ୍ୟ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି; ତଥାପି ମଧ୍ୟ ଶ୍ରମିକଙ୍କ ଆୟ ସୁଧୁରି ପାରୁନି । ତେଣୁ ସରକାର ଶ୍ରମିକମାନଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା ଆପଣାଇବା ଆବଶ୍ୟକ । ଶ୍ରମ କାର୍ଡରେ ମିଳୁଥିବା ସୁବିଧା ଉପରେ ସ୍ୱଚ୍ଛତା ଆଣିବା ସହ ଶ୍ରମିକମାନେ କିଭଳି ସହଜରେ ଯୋଜନାର ଲାଭ ଉଠାଇ ପାରିବେ, ତା'ଉପରେ ଦୃଷ୍ଟି ଦେବା ଆବଶ୍ୟକ । ହେଲେ ସରକାର ସେଥିପ୍ରତି ଧ୍ୟାନ ନ ଦେଇ ସାଧାରଣ ଗରିବ ଲୋକଙ୍କ ରାସନ କାର୍ଡ କାଟି ଦଳୀୟ ଲୋକଙ୍କୁ ଦେବାକୁ ମସୁଧା କରୁଛନ୍ତି । ସରକାର ଯଦି କୌଣସି ଜଣେ ବି ଯୋଗ୍ୟ ବ୍ୟକ୍ତିଙ୍କ ରାସନ କାର୍ଡ କାଟନ୍ତି, ତେବେ ରାଜ୍ୟବ୍ୟାପୀ ଜନଆନ୍ଦୋଳନ ତୀବ୍ରତର ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ଦୁର୍ଘଟଣା ନେଲା...

ଦ୍ରୁତଗାମୀ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ମାଡ଼ି ଯାଇଥିଲା । ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ୍ କଣିହାଁ ଅଞ୍ଚଳରୁ ଜବତ କରିଥିବା ଜଣାଯାଇଛି । ସେହିପରି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଗାଦିଆଗୁଡ଼ା ପଞ୍ଚାୟତ ବାଲିଘାଟ ଛକ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ହେମନ୍ତ ଖୋସଲା ଓ ପଙ୍କଜ ସାଉନ୍ତା। ସୂଚନାନୁଯାୟୀ, ହେମନ୍ତ ନିଜ ସ୍ତ୍ରୀଙ୍କ ସହ ବାଇକ୍‌ରେ ଦଶମନ୍ତପୁରରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଏକ ବାଇକ୍‌ରେ ଆସୁଥିବା ପଙ୍କଜ ଓ ଅନ୍ୟ ଦୁଇଜଣଙ୍କ ସହ ବାଲିଘାଟ ଛକ ନିକଟରେ ତାଙ୍କର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହେମନ୍ତ ଓ ପଙ୍କଜଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ଆହତ ତିନିଜଣଙ୍କୁ ପୋଡ଼ାଗଡ଼ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ କୋରାପୁଟ ସଦର ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ହୋଲିରେ ୪୦...

ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିବ । କେବଳ ଦିନ ନୁହେଁ, ରାତିର ତାପମାତ୍ରା ମଧ୍ୟ ୪ ଡିଗ୍ରୀ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଜିଲ୍ଲାଗୁଡ଼ିକରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବାର ଆଶଙ୍କା ରହିଛି, ସେହି ଜିଲ୍ଲାର ଜିଲ୍ଲାପାଳମାନେ ଖରା ଜନିତ ସତର୍କ ସୂଚନା ପ୍ରଚାରପ୍ରସାର କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୁହାଯାଇଛି । ଟାଣ ଖରା ଶିଶୁ, ବୟସ୍କ ଓ ଅସୁସ୍ଥମାନଙ୍କ ପାଇଁ ଅସହଜ ହୋଇପାରେ । ତେଣୁ ଏହାପ୍ରତି ସତର୍କ ନଜର ରଖିବା ସହ ଜରୁରୀ ନ ଥିଲେ ଦିନ ୧୧ରୁ ଅପରାହ୍ଣ ୩ ଟା ମଧ୍ୟରେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ଯଦି ଏହି ସମୟରେ କେହି ବାହାରକୁ ଯାଆନ୍ତି, ତେବେ ଆବଶ୍ୟକୀୟ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି । ରାଜ୍ୟରେ ଧୀରେ ଧୀରେ ତାପମାତ୍ରା ବଢ଼ି ୧୧ କିମ୍ବା ୧୨ ତାରିଖ ବେଳକୁ ଗ୍ରୀଷ୍ମ ଲହରୀ (ହିଟ୍ ୱେଭ୍) ସ୍ଥିତି ପାଇଁ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି। ତେବେ ୧୪-୨୦ ତାରିଖ ମଧ୍ୟରେ ଏହି ସ୍ଥିତି ପିକ୍‌ରେ ରହିବ ବୋଲି ଅନୁମାନ କରାଯାଉଛି ।

## ପରଲୋକରେ ପୂର୍ବତନ ମନ୍ତ୍ରୀ...

ହୋଇ ବାଲେଶ୍ୱର ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ, ନୀଳଗିରି ତହସିଲଦାର, ଭଦ୍ରକ ଓ ପୁରୀ ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ୨୦୦୪ ମସିହାରେ ସେ ବିଜେଡି ଟିକଟରେ ଭୋଗରାଇ ଆସନରୁ ବିଜୟୀ ହୋଇଥିଲେ । ଏହାପରେ ସେ କ୍ରମାଗତ ଭାବରେ ୨୦୧୯ ମସିହା ପର୍ଯ୍ୟନ୍ତ ଭୋଗରାଇ ବିଧାନସଭା କ୍ଷେତ୍ରରୁ ଲଗାତର ୪ଥର ବିଜୟୀ ହୋଇଥିଲେ । ଜିଲ୍ଲା ବିଜୁ ଜନତା ଦଳ ସଭାପତି, ବିଧାନସଭାରେ ସରକାରୀ ଦଳର ମୁଖ୍ୟ ସଚେତକ, ଶିକ୍ଷ ଓ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ପଦ ସମ୍ଭାଳିଥିଲେ । ପରବର୍ତ୍ତୀ ସମୟରେ ସେ ଜିଲ୍ଲା ଯୋଜନା ବୋଡର୍ ଅଧକ୍ଷ ଭାବରେ କାର୍ଯ୍ୟ କରିଥିଲେ ।

ଅନନ୍ତ ଦାସଙ୍କ ପରଲୋକ ଖବର ପାଇ ବିଜେଡ଼ି ସୁପ୍ରିମୋ ତଥା ବିରୋଧୀଦଳ ନେତା ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି । ସେଠାରୁ ମରଶରୀର ବାଲେଶ୍ୱର ସ୍ଥିତ ବାସଭବନ ନିଆଯାଇଛି। ବିଳମ୍ବିତ ରାତିରେ ଭୋଗରାଇ ଦେହୁର୍ଦ୍ଧା ସ୍ଥିତ ବାସଭବନରେ ସ୍ୱର୍ଗତ ଦାସଙ୍କ ପାର୍ଥିବ ଶରୀର ପହଞ୍ଚିଛି । ଆସନ୍ତା କାଲି ଜନ୍ମମାଟି କୁରୁଠିଆରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ସୂଚନା ମିଳିଛି ।

## ଓଡ଼ିଶା ଜଣେ ଅଭିଜ୍ଞ...

ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତ ଦାସ ଜଣେ ଦକ୍ଷ ସଂଗଠକ, ଅଭିଜ୍ଞ ପ୍ରଶାସକ ଏବଂ ଲୋକପ୍ରିୟ ରାଜନେତା ଥିଲେ । ଓଡ଼ିଶା ସରକାରରେ ମନ୍ତ୍ରୀ ଭାବେ ସେ ଶିକ୍ଷ, ଉଚ୍ଚଶିକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଭାବେ କାର୍ଯ୍ୟକରି ରାଜ୍ୟର ବିକାଶରେ ଉଲ୍ଲେଖନୀୟ ଯୋଗଦାନ ରଖିଯାଇଛନ୍ତି। ବିଜୁ ଜନତା ଦଳ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ମଧ୍ୟ ସେ ଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଅଭିଜ୍ଞ ଓ ଦରଦୀ ରାଜନେତାଙ୍କୁ ହରାଇଲା । ବିଜୁ ଜନତା ଦଳ ଜଣେ ଦକ୍ଷ ସଂଗଠକଙ୍କୁ ହରାଇଲା ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରି ପରଲୋକଗତ ଆତ୍ମାର ସଦଗତି କାମନା କରିଛନ୍ତି । ଏହି ଅବସରରେ ବିଜୁ ଜନତା ଦଳର ବିଧାୟକ, ବିଧାୟିକା, ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ, କର୍ପୋରେଟର୍, ଛାମୁଆ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳିଅର୍ପଣ କରିଥିଲେ। ଏହା ପରେ ସ୍ୱର୍ଗତ ଦାସଙ୍କ ପାର୍ଥିକ ଶରୀରକୁ ବିଧାନସଭା ପରିସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

## ଜୟ-ଜହର...

ବିଜେଡି ବରିଷ୍ଠ ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ ଯେଉଁମାନଙ୍କ ବଳିଦାନରେ ଓଡ଼ିଶା ପ୍ରଦେଶ ଗଠନ ହୋଇଛି, ସେମାନଙ୍କ ପ୍ରତି ଜୟନାରାୟଣଙ୍କ ମନ୍ତବ୍ୟ ଉପହାସ । ଏହା ଏକ ପ୍ରକାର ବାଚାଳାମୀ । ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ବିଜେପି ଜୟନାରାୟଣଙ୍କ ମନ୍ତବ୍ୟକୁ କିପରି ସହ୍ୟ କରୁଛି ତାହା ସେମାନଙ୍କୁ ଜଣା । ଏ ସରକାରର ହାତ କ'ଣ କରୁଛି ମୁଣ୍ଡ ଜାଣୁ ନାହିଁ ବୋଲି ପ୍ରତାପ ଦେବ କଟାକ୍ଷ କରିବା ସହ ଏ ସମ୍ପର୍କରେ ଉଭୟ ବିଜେପି ଓ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦେବା ଉଚିତ ବୋଲି ପ୍ରତାପ ଦେବ୍ କହିଛନ୍ତି ।

ବିଜେଡି ନେତା ରୋହିତ ପୂଜାରୀ କହିଛନ୍ତି ଯେ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ସରକାରରେ ମନ୍ତ୍ରୀପଦ ମିଳିଲା ନାହିଁ । ତେଣୁ ସେ ଏପରି କାଣ୍ଡ ଘଟାଉଛନ୍ତି । ବିରୋଧୀଦଳ ନେତା ଥିବା ବେଳେ ବିଧାନସଭାରେ ରାଜ୍ୟସଙ୍ଗୀତ ଗାନ ସମୟରେ ସେ ଠିଆ ହୋଇ ସମ୍ମାନ ଜଣାଉଥିଲେ । ମାତ୍ର ଏବେ ତାଙ୍କ ଆଚରଣ ଓ ଉଚ୍ଚାରଣ ଭିନ୍ନ ହୋଇଛି । ମନ୍ତ୍ରୀପଦ ନ ମିଳିବା ଯୋଗୁଁ ତାଙ୍କୁ କେହି ସମ୍ମାନ ଦେଉ ନାହାନ୍ତି । ତାଙ୍କ ସାଥିରେ ଆଉ କେହି ଲୋକ ନାହାନ୍ତି । ଏହାକୁ ସେ ସହଜରେ ଗ୍ରହଣ କରିନପାରି ଏପରି ବିବାଦୀୟ ମନ୍ତବ୍ୟ ଦେଉଛନ୍ତି । ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଅଛି । ଯଦି ଜୟନାରାୟଣ ମିଶ୍ରଙ୍କୁ ତାଙ୍କ ଦଳ ସମର୍ଥନ କରୁଛି, ତେବେ ଏହା ଭଲ କଥା । ଦଳ ଓ ସରକାର ଏହାକୁ ସ୍ପଷ୍ଟ କରୁ । ଯଦି ଜୟନାରାୟଣଙ୍କୁ ଦଳରୁ ସମର୍ଥନ ମିଳୁନାହିଁ, ତେବେ ସେ ବିଧାୟକ ପଦରୁ ଇସ୍ତଫା କାହିଁକି ଦେଉ ନାହାନ୍ତି ବୋଲି ରୋହିତ ପ୍ରଶ୍ନ କରିଛନ୍ତି ।

ଅନ୍ୟପଟେ ଜୟ ନାରାୟଣ ମିଶ୍ର ନିଜ ବିବାଦୀୟ ବୟାନ ପାଇଁ କ୍ଷମା ମାଗନ୍ତୁ ବୋଲି ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଶ୍ରୀ ମିଶ୍ର ଯେଉଁ ବକ୍ତବ୍ୟ ଦେଇଛନ୍ତି, ତାହା ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରିବ ବୋଲି ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଉଲ୍ଲେଖ କରି ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ରାଜ୍ୟ ସରକାର ଓ ବିଜେପି ମଧ୍ୟ ଏଭଳି ବିଚ୍ଛିନ୍ନତାବାଦୀ ବକ୍ତବ୍ୟ ଉପରେ ମତ ସ୍ପଷ୍ଟ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

**AFFIDAVIT**

I, Rajni Kant Mahato, S/O-Late Purna Chandra Mahto, resident of H.No-191, Ward-10, Jamid, PS-Chakradharpur, Dist- West Singhbhum, Pin-833102 Jharkhand declare by this affidavit No. 72AA 928521 dtd-06/03/2025 that now onwards I shall be known as RAJANI KANT MAHTO for all future purposes.

**NOTICE**

By virtue of an Affidavit sworn before the Notary Public Bhubaneswar, on dated 26.12.2024, I Seema Ojha residing At - Banahara, Po-Baulanga, PS- Gop, Dist- Puri, Odisha, Pin- 752107 declare that I have changed my name from Priyanka Ojha to Seema Ojha. Henceforth, I shall be known as **SEEMA OJHA** for all future purposes.

**AFFIDAVIT**

By virtue of an Affidavit in the court of the Executive Magistrate Jajpur, dt. 06.03.2025 No. 2038, I, Goutam Samal, Son of Madhusudan Samal, resident of Village- Baratikari, PO-Gobindpur, PS- Khaira, Dist-Balasore, Odisha, Pin-756049 state that my Son's name is Swarnanta Samal; instead of Souranta Samal. Swarnanta Samal and Souranta Samal is one and same person. Henceforth he is known as Swarnanta Samal, S/o Goutam Samal in all purposes.

ସକାଳ
THE SAKALA

# ସମ୍ପାଦକୀୟ



ଜାତୀୟ ସୁରକ୍ଷା ଯେକୌଣସି ସରକାରର ପ୍ରଥମ କର୍ତ୍ତବ୍ୟ; କିନ୍ତୁ ନାଗରିକଙ୍କ ସାମ୍ବିଧାନିକ ସ୍ୱାଧୀନତାର ସୁରକ୍ଷା ପାଇଁ ମଧ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହେବା ଦରକାର।
- ଥେରେସା ମେ

## ସ୍ମାର୍ଟଫୋନ୍ ଆସକ୍ତି

ପ୍ଲାଷ୍ଟିକ୍ ପରି ସ୍ମାର୍ଟଫୋନ୍‌ର କୁପ୍ରଭାବ ସାମାଜିକ ଜନଜୀବନ ଉପରେ ଯେତେ ବଢ଼ିଚାଲୁଛି, ତା'ସହିତ ତାଳ ଦେଇ ତାହାର ବ୍ୟବହାର ସଂଖ୍ୟାରେ ପ୍ରତିଦିନ ନୂଆ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଚାଲିଛି। ଏପରିକି ଏହି ଦୁଇ ବୈଜ୍ଞାନିକ ଉଦ୍‌ଭାବନ ଆଧୁନିକ ମାନବ ସଭ୍ୟତାରେ ଜନଜୀବନର ଅପରିହାର୍ଯ୍ୟ ଅଙ୍ଗ ପାଲଟି ଯାଇଛି, ଯାହା ବିନା ଜୀବନ ଜିଇଁବା ଅସମ୍ଭବ ମନେ ହେଉଛି। ଆଧୁନିକ ଜୀବନଶୈଳୀକୁ ସହଜ, ସରଳ ଓ ସତ୍ୱର କରିବାରେ ସ୍ମାର୍ଟଫୋନ୍‌ର ଭୂମିକା ଅନସ୍ୱୀକାର୍ଯ୍ୟ। କିନ୍ତୁ ଏହାଦ୍ୱାରା ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେବାର ଆଶଙ୍କା ମଧ୍ୟ ଅପ୍ରତିହତ। କେବଳ ବ୍ୟବହାରରେ ସଂଯମ ହିଁ ସ୍ମାର୍ଟଫୋନ୍‌ର କୁପ୍ରଭାବରୁ ସମାଜକୁ ମୁକ୍ତ କରିପାରିବ। ଏହା ମଧ୍ୟ କଷ୍ଟସାଧ୍ୟ ନୁହେଁ। ଆମେରିକାର ଟାରିଫ୍ ଯୁଦ୍ଧ ଘୋଷଣାର କୋଳାହଳ ମଧ୍ୟରେ ଏଭଳି ଏକ ଦ୍ୱନ୍ଦ୍ୱାତ୍ମକ ଅଥଚ ସମ୍ବେଦନଶୀଳ ପ୍ରସଙ୍ଗରେ ଆମ ଦେଶର ଅଦାଲତ ଦେଇଥିବା ଏକ ଯୁଗାନ୍ତକାରୀ ରାୟ ଲୁଚି ଯାଇଛି।

ଗତ ମାସ ଶେଷ ସପ୍ତାହରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ବିଦ୍ୟାଳୟମାନଙ୍କରେ ସ୍ମାର୍ଟଫୋନ୍ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ଏହି ରାୟ ଦେବା ସମୟରେ ଉଚ୍ଚ ନ୍ୟାୟାଳୟ ଆଧୁନିକ ଶିକ୍ଷା ପଦ୍ଧତିରେ ସ୍ମାର୍ଟଫୋନ୍‌ର ଗୁରୁତ୍ୱକୁ ସ୍ୱୀକାର କରିଥିଲେ ମଧ୍ୟ ଏହାଦ୍ୱାରା ଉପୁଜୁଥିବା ଅବାଞ୍ଛିତ ଘଟଣା ପ୍ରତି ଉଦ୍‌ବେଗ ପ୍ରକାଶ କରିଛନ୍ତି। ସ୍ମାର୍ଟଫୋନ୍‌ର ଉଭୟ ଉପକାରୀ ଓ ଅପକାରୀ ଗୁଣକୁ ତର୍ଜମା କରିବା ପରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ସ୍ମାର୍ଟଫୋନ୍‌କୁ କେବଳ ଏକ ସୂଚନା ଓ ସଂଯୋଗକାରୀ ଉପକରଣ ଭାବେ ବ୍ୟବହାର କରାଯାଇପାରିବ। ସେହି ଦୃଷ୍ଟିକୋଣରୁ ବିଦ୍ୟାଳୟକୁ ସ୍ମାର୍ଟ ଫୋନ୍ ଦେବାରେ କିଛି ଅସୁବିଧା ନାହିଁ; କିନ୍ତୁ ଶ୍ରେଣୀଗୃହରେ ଏହାର ବ୍ୟବହାର ଶିକ୍ଷାଦାନ ଓ ଶିକ୍ଷାଗ୍ରହଣକୁ ବିଶୃଙ୍ଖଳିତ ଓ ଭ୍ରଷ୍ଟ କରୁଛି। ଆଜିକାଲିର ଆସାମାଜିକ ତତ୍ତ୍ୱପୂର୍ଣ୍ଣ ଆମ ପରିବେଶରେ ପିଲାଟିଏ ଘରୁ ବାହାରି ପୁଣି ସୁରକ୍ଷିତ ଭାବେ ଘରେ ପହଞ୍ଚିବା ନିଶ୍ଚିତ କରିହେଉନାହିଁ। ଏ କ୍ଷେତ୍ରରେ ସ୍ମାର୍ଟଫୋନ୍ ଜଣେ ସହାୟକ ବା ସାହାଯ୍ୟକାରୀ ବନ୍ଧୁର ଭୂମିକା ନିର୍ବାହ କରୁଛି। ତେଣୁ ଘରୁ ବାହାରିବା ବେଳେ ସ୍ମାର୍ଟଫୋନ୍ ସାଙ୍ଗରେ ଆଣି ବିଦ୍ୟାଳୟରେ ଶ୍ରେଣୀଗୃହରେ ପ୍ରବେଶ କରିବା ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସେଗୁଡ଼ିକୁ ରଖିଦେଇ ପୁଣି ଘରକୁ ଯିବା ବେଳେ ନେଇଯିବା ଲାଗି ନ୍ୟାୟାଳୟ ଯୁଗୋପଯୋଗୀ ପରାମର୍ଶ ଦେଇଛନ୍ତି। ଏଥିସହିତ ସ୍ମାର୍ଟଫୋନ୍‌ର ମାତ୍ରାଧିକ ବ୍ୟବହାରର କୁପ୍ରଭାବ ବିଷୟରେ ଶ୍ରେଣୀଗୃହରେ ସଚେତନତା ସୃଷ୍ଟି ଉପରେ ମଧ୍ୟ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି।

ଶ୍ରେଣୀଗୃହରେ ସ୍ମାର୍ଟଫୋନ୍ ବ୍ୟବହାରକୁ ନେଇ ଜଣେ ଛାତ୍ର ଉପରେ ଶିକ୍ଷକଙ୍କ ମାତ୍ରାଧିକ ଦଣ୍ଡବିଧାନ ମାମଲାର ବିଚାର କରି ଦିଲ୍ଲୀ ଉଚ୍ଚ ନ୍ୟାୟଳୟଙ୍କ ଖଣ୍ଡପୀଠ କହିଛନ୍ତି ଯେ ସ୍ମାର୍ଟଫୋନ୍ ନିଷେଧାଦେଶ ଅନୁପାଳନ କଠୋର ହେବା ସହିତ ଖିଲାପକାରୀଙ୍କ ବିରୋଧରେ ଦଣ୍ଡବିଧାନ ମଧ୍ୟ ନମନୀୟ ଓ ସ୍ୱଚ୍ଛ ହେବା ଦରକାର। ଖିଲାପୀଙ୍କ ବିରୋଧରେ କି ପ୍ରକାର ଦଣ୍ଡବିଧାନ ହେବ ସେ ଦାୟିତ୍ୱ ଶିକ୍ଷକ, ଅଭିଭାବକ, ବିଦ୍ୟାଳୟର ପରିଚାଳନା ସମିତି ଉପରେ ଖଣ୍ଡପୀଠ ନ୍ୟସ୍ତ କରିଛନ୍ତି। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ କଟକଣା ପୂର୍ବରୁ ଏକାଧିକ ସରକାରୀ ସଂସ୍ଥା ଏ ସମ୍ପର୍କିତ ମାର୍ଗଦର୍ଶିକା ଜାରି କରିଥିଲେ ହେଁ ତାହା ପ୍ରଭାବହୀନ ସାବ୍ୟସ୍ତ ହୋଇଛି। ୟୁନେସ୍କୋ ମଧ୍ୟ ଏ ପ୍ରସଙ୍ଗରେ ଏକ ସନ୍ତୁଳିତ ମାର୍ଗଦର୍ଶିକା ଜାରି କରିବା ଉପରେ ଅତୀତରେ ଗୁରୁତ୍ୱ ଦେଇଛି। ତେଣୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶର ପ୍ରଭାବ ବା ସ୍ମାର୍ଟଫୋନ୍‌ର କୁପ୍ରଭାବକୁ ଦୂରେଇ ହେବ କି ନାହିଁ ତାହା ଆଦେଶ ଅନୁପାଳନର ମାନସିକତା ଉପରେ ନିର୍ଭର କରୁଛି।

ବର୍ତ୍ତମାନର ତୀବ୍ର ଜ୍ଞାନ-ପ୍ରତିଯୋଗିତା ପୂର୍ଣ୍ଣ ଛାତ୍ରଜୀବନରେ ଇଣ୍ଟରନେଟ୍ ଓ ସ୍ମାର୍ଟଫୋନର୍ ଅପରିହାର୍ଯ୍ୟ ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଏହାର ଦୁରୁପଯୋଗ(ଅନ୍‌ଲାଇନ୍ ଗେମିଂ, ଯୌନ ଉଦ୍ଦୀପକ ଚିତ୍ର ଉତ୍ତୋଳନ, ଦର୍ଶନ, ପ୍ରଦର୍ଶନ, ନିର୍ଯାତନା) କିଶୋର ଓ ଯୁବପିଢ଼ିଙ୍କୁ ଆକର୍ଷିତ କରୁଥିବା ବେଳେ ତହିଁରେ ଶିକାର ହେବା ସେମାନଙ୍କୁ ହତାଶ, ଅବସାଦ ଓ ଅପରାଧ ମୁହାଁ କରୁଛି। ଏପରିକି କୋମଳମତି ଛାତ୍ରଛାତ୍ରୀ ଜୀବନ ହାରୁଥିବାର ଦୁଃଖଦ ଘଟଣାମାନ ଘଟୁଛି। ତେଣୁ ଶୈଶବ ଓ କୈଶୋରରୁ ହିଁ ସ୍ମାର୍ଟଫୋନ୍ ଆସକ୍ତି ଦୂର କରିବାକୁ ସରକାରୀ ସ୍ତରରେ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ କେନ୍ଦ୍ର ସରକାର ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ ଆଇନ ୨୦୨୩ ଅଧୀନରେ ଏକ ଚିଠା ଅଧିନିୟମ ଆଗତ କରିଛନ୍ତି, ଯେଉଁଥିରେ ୧୮ ବର୍ଷରୁ କମ୍ ବୟସର ପୁଅଝିଅ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲିବା ପାଇଁ ପିତାମାତା ଓ ଅଭିଭାବକଙ୍କ ଅନୁମୋଦନ ନେବା ନିହାତି ଆବଶ୍ୟକ। କିଶୋରମାନଙ୍କର ବ୍ୟକ୍ତିଗତ ସୂଚନା, ଜନ୍ମ ତାରିଖ ଓ ଅନ୍ୟାନ୍ୟ ବାଇଓମାଟ୍ରିକ୍ ତଥ୍ୟର ଦୁରୁପଯୋଗକୁ ଯେପରି ନିୟନ୍ତ୍ରଣ କରାଯାଇପାରିବ ଏବଂ ପିତାମାତାଙ୍କର ଅନୁମତି ନିଆଯିବ ବା ସୂଚିତ କରାଯିବ ସେ ବିଷୟରେ ମଧ୍ୟ ନୂଆ ଚିଠା ଅଧିନିୟମରେ ଉଲ୍ଲେଖ ରହିଛି। ଏହାଦ୍ୱାରା ପିଲାମାନଙ୍କର ସାମାଜିକ ଗଣମାଧ୍ୟମରେ କାର୍ଯ୍ୟକଳାପ ଉପରେ ପିତାମାତା ନଜର ରଖିପାରିବେ ଏବଂ ସେମାନଙ୍କୁ ଠିକଣା ବାଟକୁ ଆଣିପାରିବେ ବୋଲି ଚିଠା ଅଧିନିୟମରେ ମହତ୍ ଲକ୍ଷ୍ୟ ରହିଛି।

ବିଶାଳ ଜନସଂଖ୍ୟା ବିଶିଷ୍ଟ ଭାରତବର୍ଷରେ ଇଣ୍ଟରନେଟ୍ ବିସ୍ଫୋରଣ ଓ ତଦ୍‌ଜନିତ ଆପରାଧିକ କାର୍ଯ୍ୟକଳାପ ତୁଳନାତ୍ମକ ଭାବେ ଅଧିକ ଥିବାରୁ ଏହି ଧରଣର ଆଇନ କାନୁନର ଆବଶ୍ୟକତା ଅଧିକ ଜରୁରୀ। କିନ୍ତୁ ଏ କ୍ଷେତ୍ରରେ ଭାରତ କେତେକମାତ୍ରାରେ ପଛରେ ପଡ଼ିଯାଇଛି ବୋଲି ମନେ ହୁଏ। କାରଣ ଅଷ୍ଟ୍ରେଲିଆ, ନରୱେ, ଜର୍ମାନୀ, ଆମେରିକା, ବେଲ୍‌ଜିୟମ ଆଦି ଦେଶରେ ଅପ୍ରାପ୍ତ ବୟସ୍କଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାରରେ କଟକଣା ଲାଗୁ ବହୁପୂର୍ବରୁ କରାଯାଇଛି। ବିଦ୍ୟାଳୟ ପରିସରରେ ସ୍ମାର୍ଟଫୋନ୍ ବ୍ୟବହାର କଟକଣା ଲାଗୁ କରିବାରେ ନେଦରଲ୍ୟାଣ୍ଡ ହିଁ ଭାରତ ପୂର୍ବରୁ ଏକମାତ୍ର ଦେଶ।

ଆଇନ ପ୍ରଣୟନ ହେଲେ ମଧ୍ୟ ଏହାର ରୂପାୟନରେ ଅନେକ ଦ୍ୱନ୍ଦ୍ୱ ଓ ପ୍ରତିବନ୍ଧକ ରହୁଛି। କାରଣ ସାମାଜିକ ଗଣମାଧ୍ୟମର ସିଂହଭାଗ ବ୍ୟବହାରକାରୀ କିଶୋର ଓ ଯୁବବର୍ଗ ହୋଇଥିବାରୁ ସେମାନଙ୍କୁ ସେଥିରୁ ଦୂରେଇ ରଖିଲେ ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ବିପୁଳ କ୍ଷତି ସହିବା ନିଶ୍ଚିତ। ତେଣୁ ସେମାନେ ଅର୍ଥଚାପରେ ନୀତି ନିର୍ଦ୍ଧାରକଙ୍କୁ ପ୍ରଭାବିତ କରିବା ଅସମ୍ଭବ ନୁହେଁ, ଯାହାର ଉଦାହରଣ ଆମ ଦେଶ ଓ ବିଦେଶରେ ବହୁଳ। ତେଣୁ ଉପରୋକ୍ତ ଦେଶରେ ଆଇନ ପ୍ରଣୟନ ସତ୍ତ୍ୱେ ତାହା ଏ ଯାବତ୍ କାର୍ଯ୍ୟକାରୀ ହୋଇପାରିନାହିଁ। ଯଦିଓ କିଶୋରକିଶୋରୀଙ୍କୁ ସମ୍ପୂର୍ଣ୍ଣ ରୂପେ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖିବା ଏକ କଷ୍ଟସାଧ୍ୟ ବ୍ୟାପାର ଏହା ଅଲଂଘ୍ୟ ମଧ୍ୟ ନୁହେଁ। ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ କେବଳ ଆଇନ ଏ ଦିଗରେ କିଛି କରିପାରିବ ନାହିଁ। ଶିକ୍ଷକ, ଅଭିଭାବକଙ୍କ ଉଦାସୀନତାକୁ ଆଇନ କିଛିମାତ୍ରାରେ ଦୂର କରି ସେମାନଙ୍କୁ ଜାଗ୍ରତ କରି ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିପାରିବ।

## ନାରୀ ସଶକ୍ତୀକରଣ ଓ ଅଙ୍ଗଦାନ

**ଡା ଅନ୍ତର୍ଜିତା ନାୟକ**

ସମଗ୍ର ଭାରତରେ ଲିଙ୍ଗଗତ ଅସମାନତା ଯଦିଓ ଉଭୟ ଲିଙ୍ଗର ଜୀବନ ଉପରେ ପ୍ରଭାବ ପକାଇଥାଏ, ପରିସଂଖ୍ୟାନ ଦୃଷ୍ଟିରୁ ଝିଅମାନେ ହିଁ ଅଧିକାଂଶ କ୍ଷେତ୍ରରେ ପ୍ରଭାବିତ ହୋଇଥା'ନ୍ତି। ବିଶ୍ୱସ୍ତରରେ ଝିଅମାନଙ୍କର ଜନ୍ମ ସମୟରେ ବଞ୍ଚିବାର ହାର ଅଧିକ ଥାଏ, ବିକାଶମୂଳକ ମାର୍ଗରେ ରହିବାର ସମ୍ଭାବନା ଏବଂ ପ୍ରାକ୍ ବିଦ୍ୟାଳୟରେ ଅଂଶଗ୍ରହଣ କରିବାର ସମ୍ଭାବନା ମଧ୍ୟ ଅଧିକ ଥାଏ। କିନ୍ତୁ ଭାରତ ହେଉଛି ଏକମାତ୍ର ବୃହତ ଦେଶ, ଯେଉଁଠାରେ ପୁଅମାନଙ୍କ ଅପେକ୍ଷା ଝିଅମାନେ ଜନ୍ମ ପୂର୍ବରୁ ଓ ଜନ୍ମ ପରେ ଅଧିକସଂଖ୍ୟାରେ ମୃତ୍ୟୁବରଣ କରନ୍ତି। ଭାରତରେ ପୁଅ ଓ ଝିଅଙ୍କର ଲାଳନପାଳନରେ ମଧ୍ୟ ପାର୍ଥକ୍ୟ ଦେଖିବାକୁ ମିଳିଥାଏ, ଯେଉଁଥିରେ ପୁଅମାନଙ୍କୁ ଅଧିକ ଶ୍ରେୟ ଦିଆଯାଇଥାଏ। ବୟସ ବଢ଼ିବା ସହିତ ଅସମାନତା ମଧ୍ୟ ବଢ଼ିଥାଏ। ପୁଅମାନେ ଅଧିକ ସ୍ୱାଧୀନତା ଲାଭ କରୁଥିବା ବେଳେ ଝିଅମାନେ ସେମାନଙ୍କ କାର୍ଯ୍ୟ, ଶିକ୍ଷା, ବିବାହ ଓ ସାମାଜିକ ସମ୍ପର୍କକୁ ପ୍ରଭାବିତ କରୁଥିବା ନିଷ୍ପତ୍ତି ନେବା ଏବଂ ମୁକ୍ତ ଜୀବନଯାପନରେ ଅନେକ ପ୍ରତିବନ୍ଧକର ସାମ୍ନା କରନ୍ତି। ଯଦିଓ କିଛି ଭାରତୀୟ ମହିଳା ବିବିଧ କ୍ଷେତ୍ରରେ ବିଶ୍ୱସ୍ତରୀୟ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି, ଅଧିକାଂଶ ମହିଳା ବା ଝିଅମାନେ ପୁରୁଷକୈନ୍ଦ୍ରିକ ଚିନ୍ତାଧାରା, ଦୃଷ୍ଟିକୋଣ, ନିୟମ, ପରମ୍ପରା କାରଣରୁ ଅନେକ ଅଧିକାରରୁ ବଞ୍ଚିତ ହୋଇଥା'ନ୍ତି। ସେମାନେ ଲିଙ୍ଗଗତ ପାର୍ଥକ୍ୟ ଦୃଷ୍ଟିରୁ ସୀମିତ ପରିସର, ସୁଯୋଗ, ନିର୍ଯାତନା, ଅବହେଳା ଓ ଅସମାନତାର ସମ୍ମୁଖୀନ ହୋଇଥା'ନ୍ତି। ଏହା ମଧ୍ୟ ସେମାନଙ୍କ ଆର୍ଥିକ, ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନକୁ ପ୍ରଭାବିତ କରେ। ଲିଙ୍ଗଗତ ଭେଦଭାବ ଏବଂ ସାମାଜିକ କୁପ୍ରଥାର ପ୍ରସାର ସହିତ ଝିଅମାନେ ବାଲ୍ୟବିବାହ, କିଶୋରାବସ୍ଥାରେ ଗର୍ଭଧାରଣ, ଘରୋଇ ଶିଶୁ ହିଂସା, ଅବହେଳିତ ଶିକ୍ଷା ଓ ସ୍ୱାସ୍ଥ୍ୟ, ଯୌନ ଶୋଷଣ ଭଳି ଅନେକ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି।

ବର୍ଷ-ବର୍ଷ ଧରି ଭାରତରେ ଲିଙ୍ଗଗତ ଅସମାନତା ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟା ହୋଇରହିଛି। ଆମକୁ ଦେଖା ଯାଉଥିବା ଲିଙ୍ଗଗତ ଅସମାନତା ବା ସାଧାରଣ ଭାବରେ ଆମେ ବୁଝିପାରୁଥିବା ଲିଙ୍ଗଗତ ଅସମାନତା ବାଦ, ଅନ୍ୟ ଏକ ଲିଙ୍ଗଗତ ଅସମାନତା ରହିଛି, ଯାହା ପ୍ରାୟତଃ ଅଣଦେଖା। ଭାରତର ଜାତୀୟ ଅଙ୍ଗ ଓ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ ଦ୍ୱାରା ୨୦୨୧ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଭାରତରେ ଅଙ୍ଗ ଗ୍ରହଣକାରୀଙ୍କ ମଧ୍ୟରୁ ୮୦% ପୁରୁଷ ଥିବା ବେଳେ ଅଙ୍ଗଦାତାଙ୍କ ମଧ୍ୟରୁ ୭୫% ମହିଳା। ଏହା ଭାରତରେ ଲିଙ୍ଗଗତ ଅସମାନତା ଏବଂ ଭାରତୀୟ ସମ୍ବିଧାନର ଧାରା ୧୪ ଓ୧୫ରେ ପ୍ରତିଷ୍ଠିତ ନ୍ୟାୟ ଏବଂ ସମାନତାର ପରିପନ୍ଥୀ ବୋଲି ମତ ପ୍ରକାଶ ପାଉଛି। ଭାରତରେ ଅଙ୍ଗଦାନ ଓ ଅଙ୍ଗପ୍ରତିରୋପଣରେ ଲିଙ୍ଗଗତ ଅସମାନତା ଭେଦଭାବପୂର୍ଣ୍ଣ ମାନସିକତା ପ୍ରତିଫଳିତ କରେ ଏବଂ ଏହା ପୁରୁଷକୈନ୍ଦ୍ରିକ ଆଦର୍ଶର ଏକ ଅଭିବ୍ୟକ୍ତିକୁ ମଧ୍ୟ ଦର୍ଶାଏ। ଏହି ଲିଙ୍ଗଗତ ଅସନ୍ତୁଳନ ମହିଳାଙ୍କ ସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରର ଉଲ୍ଲଂଘନ ମଧ୍ୟ କରେ। ମହିଳାମାନଙ୍କର ଅଙ୍ଗଦାନ ନିଷ୍ପତ୍ତି ବା ପଦକ୍ଷେପ ବିଶେଷ ଭାବରେ ସାମାଜିକ, ପାରିବାରିକ ଓ ଆର୍ଥିକ ନିର୍ଭରଶୀଳତା ଦ୍ୱାରା ପ୍ରଭାବିତ ଓ ପରିଚାଳିତ।

ଅଙ୍ଗଦାନରେ ଲିଙ୍ଗଗତ ଅସମାନତା ସୃଷ୍ଟି କରୁଥିବା ମନସ୍ତାତ୍ତ୍ୱିକ କାରଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି, ମହିଳାଙ୍କର କଷ୍ଟସହିଷ୍ଣୁତା ଓ ସହନଶୀଳତା। ସାଧାରଣ ଭାବରେ ଏହା ସମସ୍ତଙ୍କର ଧାରଣା ଯେ, ଯଦି ଜଣେ ମହିଳା ସିଜେରିଆନ୍ ମାଧ୍ୟମରେ ପେଟ ଚିରି ଗୋଟେ ଛୁଆକୁ ଜନ୍ମ ଦେଇପାରୁଛି ଏବଂ ପରବର୍ତ୍ତୀ ସମୟରେ ସୁସ୍ଥ ମଧ୍ୟ ହୋଇଯାଉଛି, ତେବେ ଅଙ୍ଗଦାନ କରିବା ମଧ୍ୟ ମହିଳାଙ୍କ ପକ୍ଷରେ ଏତେ ଯନ୍ତ୍ରଣାଦାୟକ ନ ହୋଇପାରେ। ଅନୁସନ୍ଧାନ ଅନୁଯାୟୀ, ପିତା-ମାତାଙ୍କ ମଧ୍ୟରେ ମା'ମାନେ ପ୍ରାଥମିକ ଅଙ୍ଗଦାତା ହୋଇଥା'ନ୍ତି, ଯାହା ମୋଟ ଅଙ୍ଗଦାନର ୭୩%। ବିବାହିତ ଦମ୍ପତିମାନଙ୍କ ମଧ୍ୟରେ ୯୧% ଘଟଣାରେ ପତ୍ନୀମାନେ ଅଙ୍ଗଦାନ କରିଥା'ନ୍ତି। ଲିଙ୍ଗଗତ ଅସମାନତା ବିଷୟରେ ଏହା କୁହାଯାଇପାରିବ ଯେ, ପୁରୁଷମାନେ ଅଙ୍ଗଦାନ କରିବାରେ ଅନିଚ୍ଛା ପ୍ରଦର୍ଶନ କରନ୍ତି, ଯାହାର ମୂଳ କାରଣ ହେଉଛି ପୁରୁଷଙ୍କ ସମାଜ ବା ପରିବାରରେ ଏକ ବିଶେଷ ସ୍ଥାନ ଏବଂ ପୁରୁଷଙ୍କ ଉପରେ ପରିବାରର ଆର୍ଥିକ ନିର୍ଭରଶୀଳତା। ଯେହେତୁ ପୁରୁଷଙ୍କ ଅଙ୍ଗଦାନ ଅସ୍ତ୍ରୋପଚାର ଓ ପୁନରୁଦ୍ଧାର ପରିଚାଳନାରେ ଆର୍ଥିକ ସମସ୍ୟା ସୃଷ୍ଟି ହୋଇପାରେ, ସେଥିପାଇଁ ମହିଳାମାନଙ୍କୁ ଅଙ୍ଗଦାନ ଅସ୍ତ୍ରୋପଚାର କରିବାକୁ ବାଧ୍ୟ କରାଯାଏ।

ଏକାଧିକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭାରତରେ ମହିଳାମାନେ ଅଙ୍ଗଦାନ କରିବାରେ, ବିଶେଷକରି ବୃକକ୍ ଓ ଯକୃତ ଦାନ କରିବାରେ ବିଶ୍ୱରେ ପ୍ରଥମ। ତା'ତୁଳନାରେ ଅଙ୍ଗ ପ୍ରତିରୋପଣର ପ୍ରାପ୍ତକର୍ତ୍ତା ଭାବରେ ମହିଳାଙ୍କ ସଂଖ୍ୟା ବହୁତ କମ। 'ଇଣ୍ଡିଆନ ଜର୍ଣ୍ଣାଲ ଅଫ ୟୁରୋଲୋଜି' ଦ୍ୱାରା ୨୦୧୮ରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭାରତରେ ୭୦% ବୃକକ୍‌ଦାତା ମହିଳା ଥିଲା ବେଳେ ମହିଳା ବୃକକ୍ ଗ୍ରହଣକାରୀଙ୍କ ସଂଖ୍ୟା ୩୦%ରୁ କମ୍। ସେହିପରି ଯକୃତ ପ୍ରତିରୋପଣ କ୍ଷେତ୍ରରେ ଅଧିକାଂଶ ଦାତା ମହିଳା, କିନ୍ତୁ ଅଙ୍ଗ ପ୍ରାପ୍ତକର୍ତ୍ତାଙ୍କ ଅନୁପାତରେ ମହିଳାଙ୍କ ସଂଖ୍ୟା ଅତି କମ। ଏହା ମହିଳାମାନଙ୍କ ନିମ୍ନ ସାମାଜିକ ଏବଂ ଆର୍ଥିକ ସ୍ଥିତିକୁ ଦର୍ଶାଉଛି, ଯାହା ସ୍ପଷ୍ଟ ଭାବେ ଲିଙ୍ଗଗତ ଅସମାନତା ଆଡ଼କୁ ମଧ୍ୟ ଇଙ୍ଗିତ କରୁଛି।

ଅଙ୍ଗଦାନ କ୍ଷେତ୍ରରେ ଏହି ଅସମାନତା ସାମାଜିକ କାରକ ଦ୍ୱାରା ପ୍ରଭାବିତ। ମହିଳାମାନଙ୍କୁ ପ୍ରାଥମିକ ସେବା ଯତ୍ନ ପ୍ରଦାନକାରୀ ଭାବେ ସମାଜ ଗ୍ରହଣ କରିସାରିଥିବାରୁ ସେମାନେ ପ୍ରାୟତଃ ନିଜ ପରିବାର ପାଇଁ ନିଜର ସ୍ୱାସ୍ଥ୍ୟକୁ ବଳିଦାନ ଦେଇଥା'ନ୍ତି। ଅପରପକ୍ଷେ ଅଙ୍ଗ ପ୍ରତିରୋପଣ ପାଇଁ ପୁରୁଷମାନଙ୍କୁ ପ୍ରାଥମିକତା ଦିଆଯାଏ। କାରଣ ପୁରୁଷକୈନ୍ଦ୍ରିକ ସାମାଜିକ ବ୍ୟବସ୍ଥାରେ ପୁରୁଷମାନଙ୍କୁ ଅଧିକ ଶ୍ରେୟ ମିଳେ। ସେଥିପାଇଁ ମହିଳାଙ୍କ ତୁଳନାରେ ପୁରୁଷଙ୍କର ବଞ୍ଚିବାର ଅଧିକାର ବେଶୀ। ଏଭଳି ସାମାଜିକ ପକ୍ଷପାତିତା କେବଳ ଲିଙ୍ଗଗତ ସମାନତାକୁ ପ୍ରତିହତ କରେ ନାହିଁ, ବରଂ ଚିକିତ୍ସାରେ ପାତରଅନ୍ତର ମଧ୍ୟ ସୃଷ୍ଟି କରେ।

ସମାଜରେ ସମାନତା, ସମାବେଶୀ ବିକାଶ ଓ ମହିଳାଙ୍କ ଅଧିକାରର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଲିଙ୍ଗଗତ ଅସାମାନତାକୁ ଦୂର କରିବା ଜରୁରୀ। ଯଦିଓ ମାନବ ଅଙ୍ଗ ପ୍ରତିରୋପଣ ଅଧିନିୟମ - ୧୯୯୪ ଏକ ଲିଙ୍ଗ-ନିରପେକ୍ଷ ଆଭିମୁଖ୍ୟକୁ ଉତ୍ସାହିତ କରେ, କିନ୍ତୁ ପ୍ରକୃତ କାର୍ଯ୍ୟକାରିତା ଲିଙ୍ଗଗତ ଅସମାନତାର ଜଟିଳ ଚିତ୍ରକୁ ବର୍ଣ୍ଣନା କରେ। ଅଙ୍ଗ ପ୍ରତିରୋପଣରେ ଲିଙ୍ଗଗତ ଅସମାନତାର ପ୍ରସଙ୍ଗକୁ ସମାଧାନ କରିବାର ଏକ ମୌଳିକ ପଦକ୍ଷେପ ହେଲା ସଚେତନତା ସୃଷ୍ଟି କରିବା। ଅଙ୍ଗଦାନ ପଛରେ ମହିଳାମାନେ ଯେମିତି ଅନ୍ତର୍ନିହିତ ଅତ୍ୟାଚାର, ବାଧ୍ୟବାଧକତା, ଧମକ ଓ ହିଂସାର ଶିକାର ନ ହୁଅନ୍ତି, ସେଥିପାଇଁ ପ୍ରାକ-ପ୍ରତିରୋପଣ ମୂଲ୍ୟାଙ୍କନ, ମନୋସାମାଜିକ ଓ ଅର୍ଥନୈତିକ ଦିଗର ଅଧ୍ୟୟନ ବା ଯାଞ୍ଚ ଜରୁରୀ। ଅଙ୍ଗ ପ୍ରତିରୋପଣରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରୁଥିବା ନୀତି ବିକଶିତ କରିବା ପାଇଁ ଗବେଷଣାତ୍ମକ ଅଧ୍ୟୟନ ଏବଂ ତୃଣମୂଳ ସ୍ତରରେ ସଠିକ୍ ପରିସଂଖ୍ୟାନ ସଂଗ୍ରହ କରିବା ଅପରିହାର୍ଯ୍ୟ। ଅଙ୍ଗଦାନ ପ୍ରକ୍ରିୟା ପାଇଁ ଅଙ୍ଗଦାନକାରୀଙ୍କୁ ଚିକିତ୍ସା ସହାୟତା ଅତ୍ୟାବଶ୍ୟକ। ଅଙ୍ଗଦାନ କ୍ଷେତ୍ରରେ ଲିଙ୍ଗଗତ ଅସନ୍ତୁଳନ ଦୂର କରିବା ପାଇଁ ଶିକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ ଉପରେ ଧ୍ୟାନ ଦେବା ସହିତ ଅନ୍ୟାନ୍ୟ ଦିଗଗୁଡ଼ିକର ବିଶ୍ଳେଷଣ ମଧ୍ୟ ଆବଶ୍ୟକ, ଯେଉଁଥିରେ ପରିବାରରେ ମହିଳାମାନଙ୍କର ଭୂମିକାକୁ ଗମ୍ଭୀରତାର ସହିତ ଗ୍ରହଣ କରାଯିବ।

ଭାରତରେ ମହିଳାମାନେ ପ୍ରାଣଦାୟିନୀ ଭାବରେ ନିଜ ପ୍ରିୟଜନମାନଙ୍କୁ ବଞ୍ଚାଇବାକୁ ହେଉ ବା ନିଜ ପରିବାରକୁ ଆର୍ଥିକ ଭାବରେ ସାହାଯ୍ୟ କରିବାକୁ ହେଉ ନିଜ ସୁଖ, ସ୍ୱାଚ୍ଛନ୍ଦ୍ୟକୁ ବଳିଦାନ ଦେଇ ଅଙ୍ଗଦାନ କ୍ଷେତ୍ରରେ ଅଗ୍ରଭାଗରେ ସ୍ଥାନିତ। ଏହାଛଡ଼ା, ଅଙ୍ଗ ପ୍ରତିରୋପଣ ଗ୍ରହଣରେ ତୀବ୍ର ଲିଙ୍ଗଗତ ଅସମାନତା, ଯେଉଁଥିରେ ମହିଳାମାନେ ମୃତ୍ୟୁବରଣ କରିବାର ଚିତ୍ର ଏକ ଗୁରୁତର ସାମାଜିକ ଅସମାନତା ଉପରେ ଆଲୋକପାତ କରେ। ମହିଳାମାନଙ୍କୁ ଅଙ୍ଗ ପ୍ରତିରୋପଣ ପାଇଁ ସମାନ ଅଧିକାର ସୁନିଶ୍ଚିତ କରିବା, କେବଳ ନିରପେକ୍ଷତାର ବିଷୟ ନୁହେଁ, ବରଂ ଏହା ସମାଜର ସାମଗ୍ରିକ କଲ୍ୟାଣ ପାଇଁ ଅତ୍ୟାବଶ୍ୟକ। ଲିଙ୍ଗଗତ ଅସମାନତାକୁ ଦୂର କରି ଆମେ ସୁନିଶ୍ଚିତ କରିପାରିବା ଯେ ଲିଙ୍ଗ ନିର୍ବିଶେଷରେ ସମସ୍ତ ଜୀବନ ମୂଲ୍ୟବାନ ଅଟେ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ସରକାରୀ ମାଗଣା ଯୋଜନା

**ଗଣେଶ୍ୱର ନାୟକ**

ଭାରତ ଭଳି ବିକାଶଶୀଳ ରାଷ୍ଟ୍ର ପାଇଁ ଜନସାଧାରଣଙ୍କୁ ମାଗଣା ବା ରିହାତିଯୁକ୍ତ ଯୋଜନା ନିହାତି ଜରୁରୀ। କାରଣ ବିକାଶଶୀଳ ରାଷ୍ଟ୍ରରେ ସବୁ ନାଗରିକ ସମାନ ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ଆର୍ଥିକ ଭାବେ ସକ୍ଷମ ହୋଇନଥା'ନ୍ତି। ସମସ୍ତଙ୍କର କ୍ରୟକ୍ଷମତା ମଧ୍ୟ ସମାନ ନୁହେଁ। ତେଣୁ ସରକାରୀ ସ୍ତରରେ ସମାଜର ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ପାଇଁ ବିଭିନ୍ନ ଯୋଜନା ହୋଇଥାଏ। ଲକ୍ଷ୍ୟ ରୁହେ - ମଣିଷର ଦୈନନ୍ଦିନ ରୋଜଗାର ସହିତ ଅତିରିକ୍ତ ସରକାରୀ ସହଯୋଗ ରହିଲେ ମଣିଷର ଜୀବନଧାରଣ ମାନ ଅପେକ୍ଷାକୃତ ଉନ୍ନତ ହେବ।

ସରକାର ସ୍ୱଳ୍ପମିଆଦୀ, ଦୀର୍ଘମିଆଦୀ ଆଦି ବିଭିନ୍ନ ଯୋଜନା ସହିତ ଲୋକମାନଙ୍କୁ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଏବଂ ମାଗଣା ଖାଦ୍ୟଶସ୍ୟ ମଧ୍ୟ ଯୋଗାଇ ଆସୁଛନ୍ତି। କିନ୍ତୁ ଅଭିଯୋଗ ହେଉଛି, ଏହି ଯୋଜନାର ସିଂହଭାଗ ସବଳ ଶ୍ରେଣୀ ଆପଣେଇ ନେଉଛନ୍ତି। ଅନେକ ହିତାଧିକାରୀ ପ୍ରକୃତ ଲାଭରୁ ବଞ୍ଚିତ ହେଉଛନ୍ତି, ସମାଜର ମୁଖ୍ୟସ୍ରୋତକୁ ଆସି ପାରୁନାହାନ୍ତି। ଏ ସବୁକୁ ଲକ୍ଷ୍ୟ କରି ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ, ସରକାରୀ ଯୋଜନାର ମାତ୍ର ପନ୍ଦର ଭାଗ ଲୋକଙ୍କ ପାଖରେ ପହଞ୍ଚୁଛି। ଅର୍ଥାତ୍ ପଞ୍ଚାଅଶୀ ଭାଗ ପ୍ରାୟ ବାଟମାରଣା ହୋଇଯାଉଛି।

ସରକାରୀ ଯୋଜନାଟିଏ ପ୍ରଣୟନ ହେଲେ ଆମେ ତାହା ପ୍ରତି ସହାନୁଭୂତିଶୀଳ ହେବା ପରିବର୍ତ୍ତେ ନିଷ୍ଠୁର ହୋଇପଡୁ। ଅର୍ଥାତ୍ ସେଥିରୁ କିପରି ଆମେ ଅଧିକ ଲାଭବାନ ହେବୁ ତାହା ସର୍ବଦା ଚେଷ୍ଟା କରିଥାଉ। ଆମେ ହିତାଧିକାରୀ ହେଉ ବା ନହେଉ, ଆମରି ନାଆର ଆମେ ନାଉରୀ ପାଇଁ ବୋଧହୁଏ ଏହି ମାନସିକତା। ଭୋଟ୍ ରାଜନୀତିରେ ଭୋଟର୍‌ଙ୍କ ପାଇଁ ମାଗଣା ଯୋଜନା ନେତାମାନଙ୍କର ଏକ ସହଜ,



ସରଳ ପଥ ହୋଇଗଲାଣି। ଦେଶରେ ଏମିତି କୌଣସି ରାଜନୈତିକ ଦଳ ନାହିଁ ଯେ ଏହାକୁ ଆପଣାଉ ନାହିଁ। ରାଜନୈତିକ ଦଳ ମଧ୍ୟରେ ଯେମିତି ପ୍ରତିଯୋଗିତା ଚାଲିଛି କିଏ କେତେ ମାଗଣାଖିଆ ଯୋଜନା କରିପାରିବ ଆଉ ଭୋଟର ମଧ୍ୟରେ ମଧ୍ୟ ପ୍ରତିଯୋଗିତା ଚାଲିଛି କିଏ କେତେ ଏହାକୁ ହାତେଇ ପାରିବ। ଦେଶର ଋଣ ଭାର, ରାଜ୍ୟମାନଙ୍କର ଋଣ ଭାର କିନ୍ତୁ ବଢ଼ି ବଢ଼ି ଚାଲିଛି। ଏପରିକି ବଜେଟ୍‌ର ଏକ ବଡ଼ ଭାଗ ଏ ବାବଦ ଋଣ ଓ ସୁଧ ଶୁଝିବାରେ ବ୍ୟୟ ହେଉଛି। ଏଭଳି ମାଗଣା ଯୋଜନାକୁ ଅନେକ ନାପସନ୍ଦ କରି ଏହାକୁ ବନ୍ଦ କରିବା ପାଇଁ ବିଚାରାଳୟକୁ ଯାଇଛନ୍ତି। ଅନେକଙ୍କ ମତ ଯେ ଖଟି ଖାଇଲେ ମଣିଷର ଆତ୍ମସମ୍ମାନ ବଢ଼ିବା ସହିତ ନୈତିକତା ମଧ୍ୟ ବଢ଼ିବ। କିନ୍ତୁ ମାଗଣା ଯୋଜନା କଲେ ମଣିଷ ଦିନକୁଦିନ ଶାରୀରିକ ଓ ମାନସିକ ଭାବେ ଦୁର୍ବଳ ହୋଇ ନୈତିକତା ହରାଇବ। ଯଦି ଅଧିକରୁ ଅଧିକ ଖଟି ଖାଇବା ଯୋଜନା ହୁଏ, ତାହା ପ୍ରକୃତ ସମାଜର ଉନ୍ନତି କରିବ।

ଦିନଥିଲା, ମଣିଷ କୌଣସି କାରଣରୁ ଜେଲ୍ ଗଲେ, ସମସ୍ତେ ତା'କୁ ଘୃଣା ଚକ୍ଷୁରେ ଦେଖୁଥିଲେ। ସେହିପରି ସରକାରୀ ସାହାଯ୍ୟରେ ବଞ୍ଚିବା ପାଇଁ ମଣିଷ ନିଜକୁ ଲଜ୍ଜାବୋଧ କରୁଥିଲା। କିନ୍ତୁ ଏସବୁ ଏବେ ପାରିବାପଣିଆର ଏକ ମାଧ୍ୟମ ଭାବେ ଉଭା ହୋଇଛି। ନଅଙ୍କ ଦୁର୍ଭିକ୍ଷରେ ସରକାରୀ ଛତ୍ର ଖାଉଥିବା ମଣିଷକୁ ସେତେବେଳର ସମାଜ 'ଛତରଖିଆ' କହି ଆଡ଼େଇ ଦେଉଥିଲା। କଷ୍ଟ କରି ପିଲାଙ୍କୁ ମଣିଷ କଲେ ପିଲାମାନଙ୍କ ଉପରେ ତାହାର ସୁପ୍ରଭାବ ପଡ଼ି ପିଲାଏ ଦାୟିତ୍ୱବାନ ବ୍ୟକ୍ତିଭାବେ ସମାଜରେ ପ୍ରତିଷ୍ଠିତ ହୋଇଥା'ନ୍ତି। କଷ୍ଟକୁ ବୁଝିପାରୁଥିବା ପିଲାଏ, ସେମାନଙ୍କ ପିତାମାତାଙ୍କୁ ଜରାଶ୍ରମକୁ ପଠାଇବାକୁ ପାପ ବୋଲି ମଣନ୍ତି। ଜଣେ ମନୋଚିକିତ୍ସିକଙ୍କ ମତରେ ମାଗଣା ଯୋଜନାର ପ୍ରାବଲ୍ୟ ସମାଜରେ ବିକୃତ ମାନସିକତାର ମଣିଷ ସୃଷ୍ଟି କରିବା ସହିତ ଅନେକ ନିଶଖୋରଙ୍କୁ ମଧ୍ୟ ସୃଷ୍ଟି କରିବ। ମାଗଣା ଯୋଜନା ମଣିଷକୁ ଆତ୍ମନିର୍ଭର ନକରି ନିର୍ଭରଶୀଳତା ଶିଖାଇବ, ମଣିଷର ସୃଜନଶୀଳତାକୁ ମଧ୍ୟ ଧ୍ୱଂସ କରିବ। କଥାରେ ଅଛି ଯେ ମାଗି ଖାଇଲାଣି, ସେ ଖଟି ଖାଇବ ନାହିଁ।

ଅନେକ ଟିକସଦାତାଙ୍କ ମତ ସେମାନଙ୍କ ଟିକସ ଠିକ୍ ବାଟରେ ବ୍ୟୟ ହେଉ। କେହି କେହି ନିଜର ମାସିକ ଆୟ ଟିକସ ଆକାରରେ ଦେବା ପାଇଁ ବାଧ୍ୟ ହୋଇଥା'ନ୍ତି। ଜନମଙ୍ଗଳକାରୀ ରାଷ୍ଟ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ମାଗଣା ହେଉ। ପ୍ରକୃତ ଅସହାୟ ମଣିଷକୁ ସବୁ କିଛି ମାଗଣାରେ ଦିଆଯାଇପାରେ। ଯୋଗ୍ୟ ହିତାଧିକାରୀ ଚୟନ ପାଇଁ ପ୍ରଯୁକ୍ତିବିଦ୍ୟାର ଅଧିକ ଉପୋଯୋଗ ହେଉ। ସାହାଯ୍ୟ କରି କାହାକୁ ଧନୀ କରି ପାରିବା ନାହିଁ। ସର୍ବଦା ହାତ ପତାଇବା ଯୋଜନା କଲେ ଜଣେ କଦାପି ସୁନାଗରିକ ହୋଇପାରିବ ନାହିଁ। ମାଗଣାରେ ଦେଶର ସମ୍ପଦକୁ ବାଣ୍ଟିଲେ ତାହାର ଅନେକ ଦୁରୁପଯୋଗ ହେବ। କାରଣ ମାଗଣା ସମ୍ପଦର ମୂଲ୍ୟ ମଣିଷ ବୁଝିପାରେନା। ଶ୍ରମ ବଦଳରେ ସବୁକିଛି ଆବଶ୍ୟକତା ପୂରଣ କରାଯାଉ।

ଜନମଙ୍ଗଳ ରାଷ୍ଟ୍ରରେ ଜନମଙ୍ଗଳ ଯୋଜନା ଜରୁରୀ। ମାଗଣା ଯୋଜନା ଜନମଙ୍ଗଳ ଯୋଜନା ନୁହେଁ। ଖଟି ଖାଇବା ଯୋଜନା ହିଁ ଜନମଙ୍ଗଳ ଯୋଜନା, ଯାହା ଆଉ ସୁସ୍ଥ ମଣିଷ, ସୁସ୍ଥ ସମାଜ, ସୁସ୍ଥ ଦେଶ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ।

ଗୋଗଲ(ଯାଜପୁର), ମୋ: ୯୭୭୭୭୪୯୭୨୭

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ନାଗେଶ୍ୱର

**ସୌଭାଗ୍ୟସୁନ୍ଦର**

ନାଗେଶ୍ୱର ବା ନାଗଚମ୍ପା ହେଉଛି ଶ୍ରୀଲଙ୍କା, ଭାରତ, ନେପାଳ, ମିଆଁମାର, ଥାଇଲ୍ୟାଣ୍ଡ, ଇଣ୍ଡୋଚୀନା, ଇଣ୍ଡୋନେସିଆ, ବାଂଲାଦେଶ, ଚୀନ, ଫିଲିପାଇନ୍ସ, ମାଲେସିଆ ଓ ସୁମାତ୍ରାରେ ଦେଖାଯାଉଥିବା ଏକ ସୁନ୍ଦର ଗଛ, ଯାହା ଚିରହରିତ ଜଙ୍ଗଲର ଆର୍ଦ୍ର, ଉଷ୍ମମଣ୍ଡଳୀୟ ଅଞ୍ଚଳରେ, ବିଶେଷକରି ନଦୀ ଉପତ୍ୟକାରେ ବଢ଼ିଥାଏ। ଏହା ଭାରତର ହିମାଳୟ ସମେତ ଉତ୍ତର-ପୂର୍ବାଞ୍ଚଳରେ ଏବଂ ପଶ୍ଚିମ ଘାଟମାଳା ଅଞ୍ଚଳରେ ପ୍ରାୟ ୧୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ସାଧାରଣତଃ ଦେଖିବାକୁ ମିଳେ। ସୁନ୍ଦର ଆକୃତି, ଆକର୍ଷଣୀୟ ଗୋଲାପୀରୁ ଲାଲ କଅଁଳିଆ ପତ୍ର ସହିତ ଧୂସର-ସବୁଜ ପତ୍ର, ସୁଗନ୍ଧିତ ଧଳା ଫୁଲ ପାଇଁ ଏହାକୁ ଏକ ଆଳଙ୍କାରିକ ଉଦ୍ଭିଦ ରୂପେ ବ୍ୟାପକ ଭାବରେ ଚାଷ କରାଯାଏ। ଭାରତରେ ଏହାକୁ ଏକ ପବିତ୍ର ଗଛ ଭାବରେ ବିବେଚନା କରାଯାଏ। ଏହା ମିଜୋରାମର 'ରାଜ୍ୟ-ଗଛ' ଏବଂ ତ୍ରିପୁରାର 'ରାଜ୍ୟ-ଫୁଲ'। ଶ୍ରୀଲଙ୍କାର ଏହା 'ଜାତୀୟ-ଉଦ୍ଭିଦ'। ଏହା ଏକ ଦୀର୍ଘଜୀବୀ ଗଛ। ପ୍ରାୟତଃ ଶହେରୁ ଅଧିକ ବର୍ଷ ଯାଏଁ ବଞ୍ଚି ରହେ।

ପ୍ରାୟ ୩୦ ମିଟର ଉଚ୍ଚ, ୩ମିଟର ଗୋଲେଇ ବିଶିଷ୍ଟ ଏହି ଗଛର ପତ୍ର ୭ ସେମି ଲମ୍ବା ଓ ୨ ରୁ ୫ ସେମି ଚଉଡ଼ା, ସରଳ, ନୀଳ-ଧୂସରରୁ ଗାଢ଼ ସବୁଜ ରଙ୍ଗର ଏବଂ ତଳ ଭାଗ ଧଳା। କଅଁଳିଆ ପତ୍ରଗୁଡ଼ିକ ତଳମୁହାଁ ହୋଇ ଝୁଲି ପଡ଼ିଥାଏ। ଫୁଲଗୁଡ଼ିକ ଉଭୟଲିଙ୍ଗୀ, ଧଳା, ସୁଗନ୍ଧିତ, ଆକର୍ଷଣୀୟ। ଫୁଲ ଫୁଟିବା ସମୟ ମାର୍ଚ୍ଚ - ଜୁଲାଇ ଏବଂ ଫଳ ଆସିବା ସମୟ ଅକ୍ଟୋବର - ନଭେମ୍ବର। ଫଳ ଡିମ୍ବାକାରରୁ ଗୋଲାକାର କ୍ୟାପସୁଲ୍ ଭଳି, ଯେଉଁଥିରେ ଗୋଟିଏ ବା ଦୁଇଟି ମଞ୍ଜି ବା ବିହନ ଥାଏ। ବିହନଗୁଡ଼ିକ ଶୁଖିଲା ପରେ ଆପେ ଆପେ କିମ୍ବା ପଶୁପକ୍ଷୀ ଓ ମଣିଷ ଦ୍ୱାରା ବିସ୍ତାରିତ ହୋଇଥାଏ। ଏହାର କାଠ ବହୁତ ଓଜନିଆ, ମଜବୁତ ଓ ସ୍ଥାୟୀ। ଏହା ମୁଖ୍ୟତଃ ରେଳ ଧାରଣା ବନ୍ଧନ ଏବଂ ଭାରୀ ନିର୍ମାଣ କାର୍ଯ୍ୟ ପାଇଁ ବ୍ୟବହୃତ ହୁଏ। ଶ୍ରୀଲଙ୍କାରେ କାଣ୍ଡି ନିକଟରେ ୧୪ଶ ଶତାବ୍ଦୀର ଏମ୍ବେକେ ମନ୍ଦିରର ସ୍ତମ୍ଭଗୁଡ଼ିକ ଏହି ଗଛ କାଠରେ ତିଆରି ହୋଇଥିବାର ଜଣାଯାଏ।

ଆୟୁର୍ବେଦ, ପୁରାତନ ଔଷଧ ଚିକିତ୍ସା, ସୋୱା-ରିଗ୍ପା, ୟୁନାନୀ, ସିଦ୍ଧରେ ଏହି ଉଦ୍ଭିଦର ବ୍ୟବହାର ବିଷୟରେ ଉଲ୍ଲେଖ କରାଯାଇଛି। ଉଦ୍ଭିଦର ପ୍ରତ୍ୟେକ ଅଂଶ ଆର୍ଥିକ ଏବଂ ଔଷଧୀୟ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଫୁଲ, ପତ୍ର, ବିହନ ଓ ମୂଳକୁ ବିଭିନ୍ନ ଔଷଧୀୟ ଉପାଦାନ ଭାବରେ ଏବଂ ଧୂପକାଠି ପ୍ରସ୍ତୁତରେ ବ୍ୟବହାର କରାଯାଏ। ପତ୍ରରେ ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଫଙ୍ଗାଲ୍ ଏବଂ ପ୍ରଦାହ-ନିରୋଧୀ ଗୁଣ ଅଛି। ଫୁଲଗୁଡ଼ିକ କୁଷ୍ଠ, ଶ୍ୱାସ, କାଶ, ଜ୍ୱର, ବାନ୍ତି, ନପୁଂସକତା ଭଳି ଚିକିତ୍ସାରେ ଉପଯୋଗୀ ଅଟେ। ଏହାର ଫୁଲ ଏବଂ ପତ୍ରକୁ ସାପ କାମୁଡ଼ାର ପ୍ରତିଷେଧକ ଭାବରେ, ଝାଡ଼ା ବାନ୍ତି, ରକ୍ତସ୍ରାବ, ଅର୍ଶ ଏବଂ ପାଦ ଜଳା ପୋଡ଼ା ଚିକିତ୍ସାରେ ବ୍ୟବହାର କରାଯାଏ। ଫଳର ଚୋପା କୃମି ଓ ପେଟ ରୋଗ ପାଇଁ ଉପଯୋଗୀ ଅଟେ। ବିହନ ତେଲକୁ ଘା', କ୍ଷତ ଓ ବାତ ରୋଗର ଉପଶମ ପାଇଁ ବ୍ୟବହାର କରାଯାଏ। ଏହାଛଡ଼ା ପାଟି ଦୁର୍ଗନ୍ଧ, ଚର୍ମ ରୋଗ, କଫ, ପିତ୍ତ ଭଳି ଅନେକ ରୋଗ ଚିକିତ୍ସାରେ ଏହାର ଛାଲି ବ୍ୟବହୃତ ହୁଏ। ଏଥିରେ ଜାଣ୍ଥୋନ୍ସ, କୁମାରିନ୍, ଟେର୍ପେନୋଏଡ୍ସ, ଷ୍ଟେରଏଡ୍ସ ଇତ୍ୟାଦି ଭଳି ଚମତ୍କାର ଜୈବିକ ଉପାଦାନର ଉପସ୍ଥିତି ଯୋଗୁଁ ଏହା ମଧ୍ୟ କର୍କଟ ରୋଗ ପ୍ରତିରୋଧୀ।

ବ୍ରିଟିଶମାନଙ୍କ ଦ୍ୱାରା କିରାସିନି ପ୍ରଚଳନ ପୂର୍ବରୁ ଏହାର ମଞ୍ଜିରୁ ଉତ୍ପାଦିତ ତେଲକୁ ଦୀପ ବା ଲଣ୍ଠନ୍‌ର ଇନ୍ଧନ ଭାବେ ବ୍ୟବହାର କରାଯାଉଥିଲା। ଝଙ୍କାଳିଆ ଘନ ପତ୍ରର ସନ୍ନିବିଷ୍ଟ ଯୋଗୁଁ ଏହି ଉଦ୍ଭିଦ ଧୂଳି ପ୍ରଦୂଷଣ ରୋକିବାରେ ସହାୟକ ହୋଇଥାଏ। ଥେରାୱାଡ଼ି ବୌଦ୍ଧ ଧର୍ମ ଅନୁଯାୟୀ ଏହି ବୃକ୍ଷ ତଳେ ମଙ୍ଗଳା, ସୁମନା, ରେୱତା ଓ ସୋଭିଥ ନାମକ ଚାରିଜଣ ବୌଦ୍ଧ ସନ୍ୟାସୀ ଜ୍ଞାନପ୍ରାପ୍ତ ହୋଇଥିଲେ। ବୌଦ୍ଧ ଧର୍ମାବଲମ୍ବୀମାନେ ବିଶ୍ୱାସ କରନ୍ତି ଯେ ପରବର୍ତ୍ତୀ ବୁଦ୍ଧ ମୈତ୍ରେୟ ମଧ୍ୟ ଏହି ଗଛ ତଳେ ଜାଗରିତ ହେବେ। ବୌଦ୍ଧ ଗ୍ରନ୍ଥଗୁଡ଼ିକରେ ଏହାକୁ ପ୍ରାୟତଃ ନାଗପୁଷ୍ପ କୁହାଯାଏ।

ଏବେ ବିକାଶ ଆଳରେ ଏହି ପ୍ରଜାତିର ପ୍ରାକୃତିକ ଆବାସ ସଙ୍କୁଚିତ ହେବାରେ ଲାଗିଛି। ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ ନାଗେଶ୍ୱର ଗଛକୁ ଲାଲ କିତାବ ତାଲିକାରେ ବିପନ୍ନ କିମ୍ବା ଦୁର୍ବଳ ବର୍ଗରେ ପଞ୍ଜିକୃତ କରିସାରିଲାଣି। ଏହି ବୃକ୍ଷ ବର୍ଗର ସୁରକ୍ଷାରେ ସ୍ଥାନୀୟ ସମ୍ପ୍ରଦାୟଙ୍କ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ

## ପନିକି ଚୋଟରେ ବାଛୁରୀ ମୃତ; ଅଭିଯୁକ୍ତ ଗିରଫ

ଦଶରଥପୁର, ୯।୩ (ସମିସ): ଦଶରଥପୁର ବ୍ଲକ ଯାଜପୁରଟାଉନ ଥାନା ଅନ୍ତର୍ଗତ ଅକରପଡ଼ା ଗ୍ରାମରେ ଜଣେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଭଗବାନ ମଲ୍ଲିକ ତାଙ୍କ ଗାଈ ଓ ବାଛୁରୀକୁ ଘର ପଛରେ ଥିବା ଖୋଲା ପଡ଼ିଆରେ ଘାସ ଚରିବାକୁ ଛାଡ଼ିଥିଲେ। କିଛି ସମୟ ପରେ ପଡ଼ିଆରୁ ଗଁ ଗଁ ଶବ୍ଦ ଶୁଣି ପଡ଼ିଆକୁ ଦୌଡ଼ି ଆସି ଦେଖନ୍ତି ତାଙ୍କ ଗ୍ରାମର ଜଣେ ନିଶାସକ୍ତ ଯୁବକ ଆଶିଷ ମଲ୍ଲିକ ବାଛୁରୀକୁ ପନିକିରେ ଚୋଟ ପରେ ଚୋଟ ପକାଇବାରେ ଚାଲିଛି। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ବାଛୁରୀଟି ତଳେ ପଡ଼ି ଛଟପଟ ହେଉଥିବା ବେଳେ ଭଗବାନଙ୍କୁ ଦେଖି ଆଶିଷ ସେଠାରୁ ଦୌଡ଼ି ପଳାଇଥିଲା। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଜରୁରୀ ବୈଠକରେ ମିଳିତ ହେବା ସହ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ପହଞ୍ଚି ଅଭିଯୁକ୍ତ ଆଶିଷ ବ୍ୟବହାର କରିଥିବା ପନିକି, ଶାବଳ ଓ ବାଉଁଶ କିଳା ଜବତ କରିବା ସହ ଆଶିଷକୁ ହେପାଜତ୍‌କୁ ନେଇଥିବା ଜଣାଯାଇଛି। ଆଶିଷ ବର୍ଷକ ମଧ୍ୟରେ ଗ୍ରାମରେ ବୁଲାବୁଲି କରୁଥିବା ଦୁଇଟି ଷଣ୍ଢ, ଗୋଟିଏ ଗୋରୁକୁ ଗୋଡାଇ ଗୋଡ଼ାଇ କଟୁରିରେ ହାଣିଦେଇଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଥିବା ସହ ଅଭିଯୁକ୍ତ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ୪ ବାଲି ବୋଝେଇ ହାଇୱା ଜବତ

ପାଣିକୋଇଲି, ୯।୩ (ସମିସ): ପ୍ରତିଦିନ ପାଣିକୋଇଲି ଥାନା ଅନ୍ତର୍ଗତ ବୈତରଣୀ ଓ ବୁଢ଼ା ନଦୀଘାଟରୁ ଶହ ଶହ ଟ୍ରିପ ବାଲି ଜିଲ୍ଲା ଓ ରାଜ୍ୟ ବାହାରକୁ ଚୋରା ଚାଲାଣ ହେଉଛି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ତେବେ ପାଣିକୋଇଲି ଥାନା ଅନ୍ତର୍ଗତ ବୁଢା ନଦୀଘାଟରୁ ବାଲି ଚାଲାଣ ହେଉଥିବାବେଳେ ୪ଟି ବାଲି ବୋଝେଇ ହାଇୱାକୁ ପାଣିକୋଇଲି ପୁଲିସ ଜବତ କରିବାରେ ସକ୍ଷମ ହୋଇଛି। ଥାନାରେ ମାମଲା ରୁଜୁ ହେବା ଦୁଇଜଣ ଚାଳକଙ୍କୁ କୋର୍ଟ ଚାଲାଣ କରିଛି।




ପାଣିକୋଇଲି ପୁଲିସ ସନ୍ଧ୍ୟାକାଳୀନ ପାଟ୍ରୋଲିଂ କରୁଥିବାବେଳେ ରୁଢିଆ ନିକଟରେଦୁଇଟିଓସକାଳୁଦୁଇଟିବାଲିବୋଝେଇହାଇୱାଷଠିପୁରଆଡ଼କୁଆସୁଥିବାବେଳେ ପୁଲିସଅଟକାଇବାଲିଚାଲାଣକାଗଜପତ୍ରମାଗିଥିଲା।ହାଇୱା ଚାଳକ ଦେଖାଇ ନ ପାରିବାରୁ ପୁଲିସ ହାଇୱାକୁ ଥାନାକୁ ନେଇଥିଲା। ଏ ନେଇ ଥାନାରେ ୫୦/୨୫ ଓ ୫୧/୨୫ ମାମଲା ରୁଜୁ କରାଯିବା ସହିତ ହାଇୱା ଚାଳକଙ୍କୁ ଥାନାକୁ ଅଣାଯାଇଥିଲା। ହାଇୱା ଚାଳକ କଟକ ଜିଲ୍ଲା ନରସିଂପୁର ଥାନା ମନ୍ଦାଠୋଲା ଗ୍ରାମର ପ୍ରଭାତ ସାହୁଙ୍କ ପୁଅ ବିଭୂତି ସାହୁ ଓ ଭଦ୍ରକ ଜିଲ୍ଲା ଭଦ୍ରକ ଗ୍ରାମାଞ୍ଚଳ ଥାନା ରାଣୀତାଲ ତଗିରା ଗ୍ରାମର ଚନ୍ଦ୍ରମଣି ବଳଙ୍କ ପୁଅ ରାଜେନ୍ଦ୍ର ବଳ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରଞ୍ଜିତ ମହାନ୍ତି ସୂଚନା

## ସୁଭଦ୍ରା ଯୋଜନା ଶୋଭାଯାତ୍ରା

ଟମକା, ୯।୩(ସମିସ): ସ୍ଥାନୀୟ ଥାନା ଅନ୍ତର୍ଗତ ଦେଉଳକଣ, କିଆଝର, ଓସ୍ତପାଳ, ଗୋବର୍ଦ୍ଧନପୁର, ଚିତ୍ରୀ, ବାଙ୍ଗରକୋଟା, ନଛିପୁରା ଓ ଉଛବାଲି ପଞ୍ଚାୟତର କାର୍ଯ୍ୟାଳୟରୁ ବିଭିନ୍ନ ଗ୍ରାମ ପର୍ଯ୍ୟନ୍ତ ସୁଭଦ୍ରା ଯୋଜନାର ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ଶୋଭାଯାତ୍ରା କରାଯାଇଛି। ସ୍ଥାନୀୟ ଦେଉଳକଣ ଓ କିଆଝରସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ବିଜୟ ଜେନା, ପିଇଓ ମନୋରଞ୍ଜନ ନାୟକ, ରବୀନ୍ଦ୍ରମୋହନ ସୋରେନ, ଏମ୍‌ବିକେ, ଅଙ୍ଗନବାଡ଼ି କର୍ମୀ, ସିଆରପି, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସୁଭଦ୍ରା ଟଙ୍କା ଏକାଥରେ କିମ୍ବା ଦୁଇଟି କିସ୍ତିରେ ୫୦ ହଜାର ଟଙ୍କା ଦେଇଥିଲେ, କିଛି ବେପାରରେ ଲଗାଇ ପରିବାର ପୋଷଣ ହୋଇପାରିଥା'ନ୍ତେ ବୋଲି କିଛି ମହିଳା ପ୍ରକାଶ କରିଛନ୍ତି।

## ଚୋରା ବାଲି ଗାଡ଼ି ଜବତ, ଡ୍ରାଇଭର ଗିରଫ



ବ୍ରହ୍ମବରଦା, ୯।୩ (ସମିସ): ରସୁଲପୁର ତହସିଲ ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳ ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ଦିବାଲୋକରେ ମାଫିଆ ଖୋଲାଖୋଲି ଭାବେ ବାଲି ଚାଲାଣରେ ମାତିଛନ୍ତି। ଏ ଘଟଣାକୁ ନେଇ ବାରମ୍ବାର ଖବର ପ୍ରକାଶ ପରେ ଗତକାଲି ବିଳମ୍ବିତ ରାତିରେ ବ୍ରହ୍ମବରଦା ପୁଲିସ ମାଛ ମାର୍କେଟ ନିକଟରୁ ଏକ ଚୋରା ବାଲି ବୋଝେଇ ହାଇୱାକୁ ଜବତ କରି ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରିଛି। ଡ୍ରାଇଭର ଜଣକ କୁଆଖିଆ ଥାନା ଅଧୀନସ୍ଥ ନରସିଂହପୁର ଗ୍ରାମର ରଞ୍ଜନ ସାହୁ ବୋଲି ଜଣାପଡ଼ିଛି। ବ୍ରହ୍ମବରଦା ସୀମାରେ ପ୍ରବାହିତ ବ୍ରହ୍ମଣୀ ନଦୀରୁ ପ୍ରତିଦିନ ବାଲି ଚୋରା ଚାଲାଣ ହେଉଛି। ଏହି ବାଲି ବୋଝେଇ ଗାଡ଼ି ଯିବା ଦ୍ୱାରା ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ଗାଡ଼ି ଅଟକ ରଖିବା ସହିତ ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି କେବେ ପଦକ୍ଷେପ ନେବେ, ତାହା ଦେଖିବାକୁ ବାକି ରହିଲା।

ସାମାଜିକ ଗଣମାଧ୍ୟମରେ ଅପପ୍ରଚାର

# ପ୍ରଭାବିତ ସାମାଜିକ ଜୀବନ; ଦୁଶ୍ଚିନ୍ତାରେ ପରିବାର

ଯାଜପୁର, ୯।୩(ସମିସ)

ସମାଜରେ ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆର ପ୍ରଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ପ୍ରଭାବ ଫଳରେ ଅନେକ ଲୁକ୍କାୟିତ ପ୍ରତିଭା ଓ ଘଟଣା ଲୋକଲୋଚନକୁ ଆସିପାରୁଛି ସତ, ଏହାର ଅସଦ୍‌ବ୍ୟବହାର ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ସାମାଜିକ ଜୀବନ ପ୍ରଭାବିତ ହେଉଛି। ଛତୁ ଫୁଟିଲା ଭଳି ୟୁଟ୍ୟୁବ୍ ଚ୍ୟାନେଲ ନିଜର ଶସ୍ତା ଲୋକପ୍ରିୟତା ଓ ଅଧିକ ଭିୟୁଜ ପାଇବା ପାଇଁ ଲୋକଙ୍କ ଭାବପ୍ରବଣ ସହ ଖେଳି ମନଇଚ୍ଛା ଫଟୋ ଓ ଭିଡିଓ ଛାଡୁଛନ୍ତି। ଏହି ସୋସିଆଲ ମିଡିଆ ଉପରେ କାହାର ନିୟନ୍ତ୍ରଣ ନ ଥିବାରୁ ଏହା ଦ୍ୱାରା ଅନେକ ନିରୀହ ଓ ନିର୍ଦ୍ଦୋଷ ବ୍ୟକ୍ତି ବା ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି। ସାମାଜିକ ଗଣମାଧ୍ୟମ ଯୋଗୁଁ ଅନେକ ଅଖ୍ୟାତ ବ୍ୟକ୍ତିଙ୍କୁ ରାତାରାତି ବିଖ୍ୟାତ କରିବା ଉଦାହରଣ ସମସ୍ତଙ୍କ ପାଖରେ ଥିବ, କିନ୍ତୁ ଏହାର ଅପବ୍ୟବହାର ଯୋଗୁଁ କିଭଳି ସାମାଜିକ ଜୀବନ ବାଧାପ୍ରାପ୍ତ ହେଉଛି, ତାହା କେହି ନିଜ ଆଖିରେ ନ ଦେଖିଲେ ବୁଝିପାରିବନାହିଁ। ଏଭଳି ଘଟଣା ଜ୍ୟୋତିରାଣୀ ଜେନାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।





ଯାଜପୁର ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରହୁଛନ୍ତି ୭୫ ବର୍ଷୀୟ ଜ୍ୟୋତିରାଣୀ ଜେନା। ସେ ଘରେ ଏକମାତ୍ର ବୟସ୍କ ବ୍ୟକ୍ତି ଭାବେ ଦିନ କାଟୁଛନ୍ତି। ସ୍ୱାମୀ ଜ୍ଞାନେନ୍ଦ୍ର ଘର ଛାଡ଼ି ଦୀର୍ଘବର୍ଷ ଧରି ଏଠିସେଠି ବୁଲୁଛନ୍ତି। ଜ୍ୟୋତି ଅନେକ ଦୁଃଖକଷ୍ଟ ସହି ପୁଅଙ୍କୁ ବଡ଼ କଲେ। ସେଥିରେ ବାପା ହିସାବରେ ଜ୍ଞାନେନ୍ଦ୍ର କୌଣସି ଯତ୍ନ ନେଇ ନ ଥିବା ଜ୍ୟୋତି ଓ ଅନ୍ୟ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ପୁଅ ବିବାହ କରିବା ପରଠାରୁ ବୋହୂ ସହ ନୂଆଦିଲ୍ଲୀରେ ଚାକିରି କରିଛନ୍ତି। ଏଠି ଚଳିବା ପାଇଁ ପୁଅ ସମସ୍ତ ବ୍ୟବସ୍ଥା ମଧ୍ୟ କରିଛନ୍ତି। ପ୍ରତିଦିନ ମାଆଙ୍କ ସେବା ଯତ୍ନ ପାଇଁ ସହାୟିକା ନିଯୁକ୍ତ କରିଛନ୍ତି। ପୁଅ ପାଖକୁ ଯାଇ ମଝିରେ ମଝିରେ ରହି ଏଠାକୁ ପଳାଇ ଆସନ୍ତି ଜ୍ୟୋତି। ସ୍ୱାମୀଙ୍କ ସହିତ କୌଣସି ଭଲ ସମ୍ପର୍କ ନ ଥିଲେ ମଧ୍ୟ ପୁଅ ଓ ବୋହୂର ଆଦର ପାଇ ବେଶ ଖୁସିରେ ଜ୍ୟୋତି ଦିନ କାଟୁଥିଲେ। ତେବେ ନିକଟରେ ସ୍ୱାମୀଙ୍କ ଏକ ମିଛ ଭାଇରାଲ ଭିଡିଓ ତାଙ୍କ ପରିବାରରେ ଅଶାନ୍ତିର ଝଡ଼ ସୃଷ୍ଟି କରିଛି। ପୁଅ ବିରୋଧରେ କରିଥିବା କିଛି ମିଛ ଅଭିଯୋଗର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ତାଙ୍କ ପରିବାର ଲୋକଙ୍କୁ ଏବେ ଅଡୁଆ ସ୍ଥିତିରେ ପକାଇଛି। ବିଭିନ୍ନ ଲୋକଙ୍କ ଟାହି ଟାପରା ସହିବା ସହିତ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଗାଳିଗୁଲଜ ସହିବାକୁ ପଡୁଛି। ଏଥିପାଇଁ ନାନା ମାନସିକ ଦୁଃଶ୍ଚିନ୍ତାରେ ଦିନ କାଟୁଛନ୍ତି ଜ୍ୟୋତିରାଣୀଙ୍କ ପରିବାର। ସେମାନଙ୍କର ସାମାଜିକ ଜୀବନ ଏକପ୍ରକାର ପ୍ରଭାବିତ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ଦିଲ୍ଲୀରେ ରହୁଥିବା ପୁଅ ପାଖକୁ ଲୋକେ ଫୋନ କରିବାଠାରୁ ଆରମ୍ଭ କରି ଗାଳିଗୁଲଜ କରୁଛନ୍ତି। ଏପରିକି ତାଙ୍କ ଚାକିରି ପ୍ରତି ଏକପ୍ରକାର ବିପଦ ସୃଷ୍ଟି କରିଛି। ଏଭଳି ଏକ ପରିସ୍ଥିତିରେ ପରିବାରର ସମସ୍ତେ ଅବସାଦ ମଧ୍ୟରେ ଦିନ କାଟୁଛନ୍ତି। ବାସ୍ତବରେ ଅଭିଯୋଗ କରିଥିବା ଜ୍ଞାନେନ୍ଦ୍ର ବର୍ଷ ବର୍ଷ ଧରି ଏମାନଙ୍କଠାରୁ ଦୂରରେ ରହୁଛନ୍ତି। କିନ୍ତୁ ସୋସିଆଲ ମିଡିଆରେ ନିଜର ବୟସ୍କ ହେବାର ଦୁର୍ବଳତାର ଫାଇଦା ନେଇ ସମବେଦନା ସାଉଣ୍ଟୁଛନ୍ତି ବୋଲି ପଡ଼ୋଶୀ ଓ ସମ୍ପର୍କୀୟ ମତ ଦେଇଛନ୍ତି। ତେଣୁ ଏଭଳି ଏକ ସମୟରେ ସୋସିଆଲ ମିଡିଆରେ ଘୁରି ବୁଲୁଥିବା କୌଣସି ଭିଡିଓ ବା ଫଟୋ ସମ୍ପର୍କରେ କୌଣସି ମତ, ମନ୍ତବ୍ୟ ଦେବା ବା ସେୟାର କରିବା ପୂର୍ବରୁ ଏହାର ବାସ୍ତବତାକୁ ପରିଖି ନେବା ଉଚିତ ବୋଲି ବୁଦ୍ଧିଜୀବୀ କୈଳାସ ନାୟକ ମତ ଦେଇଛନ୍ତି।

■ ଥାଲକୁଡି ପଞ୍ଚାୟତରେ ଦୁର୍ନୀତି

## ଅଡିଟ୍‌ବେଳେ ଧରାପଡ଼ିଥିଲା ଜାଲିଆତି; ହେଉନି କାର୍ଯ୍ୟାନୁଷ୍ଠାନ

ଦଶରଥପୁର, ୯।୩(ସମିସ): ଗ୍ରାମନନ୍ଦିପୁର ସରପଞ୍ଚ ସଂଯୁକ୍ତା ମହାନ୍ତି ୧. ୭୨ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ଗତମାସ ୧୯ ତାରିଖରେ ନିଲମ୍ବିତ ହୋଇଥିଲେ। ଏହି ଘଟଣାର ଚର୍ଚ୍ଚା ଶେଷ ହୋଇ ନ ଥିବାବେଳେ ପୁଣି ଆସିଛି ଥାଲକୁଡି ପଞ୍ଚାୟତ ଟଙ୍କା ହରିଲୁଟର ତଥ୍ୟ। ୨୦୧୬ରୁ ୨୦୧୮ ମଧ୍ୟରେ ୪୨ ଲକ୍ଷ ୬୪ ହଜାର ୨୭୫ ଟଙ୍କାର ହିସାବ ମିଳୁ ନ ଥିବାବେଳେ ୧୬ ଲକ୍ଷ ୩୧ ହଜାର ୪୭୭ ଟଙ୍କା ହଡ଼ପ କରାଯାଇଥିବା ଅଡିଟରେ ଧରାପଡ଼ିଛି। ଏହି ଘଟଣାରେ ଅଡିଟର ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ସମସ୍ତ ତଥା ସହ ଅବଗତ କରାଯାଇଥିଲା। ଏଣୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୩୪୧୮ ରେ ୨୦୨୨ ଫେବୃଆରୀ ୨୧ ତାରିଖରେ ଯାଜପୁର ଜିଲ୍ଲାପାଳଙ୍କୁ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବା ନିର୍ଦ୍ଦେଶ ଦେଇଥିଲେ। ୨୦୧୨ରୁ ୨୦୧୭ ମଧ୍ୟରେ ଲକ୍ଷ୍ମୀପ୍ରିୟା ବେହୁରିଆ, ୨୦୧୭ରୁ ୨୦୨୨ ମଧ୍ୟରେ ଆନନ୍ଦ ଚନ୍ଦ୍ର ବାରିକ ସରପଞ୍ଚ ଦାୟିତ୍ୱରେ ଥିଲେ। ପିଇଓ ଦାଶରଥି ଦଣ୍ଡସେନା, କବିନ୍ଦ୍ର ରାୟ, ନରେନ୍ଦ୍ର କୁମାର ସାହୁଙ୍କଠାରୁ ୧୬ ଲକ୍ଷ ୩୧ ହଜାର ୪୭୭ ଟଙ୍କା ଆଦାୟ ପାଇ ନିର୍ଦ୍ଦେଶ ଥିଲା। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ଚିଠି ସଂଖ୍ୟା ୧୫୭୩ରେ ୨୦୨୨ ମାର୍ଚ୍ଚ ୨୮ ତାରିଖରେ ଦଶରଥପୁର ବିଡିଓଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦଶରଥପୁର ବିଡିଓଙ୍କ ପକ୍ଷରୁ ଚିଠି ସଂଖ୍ୟା ୧୩୭୯ରେ ୨୦୨୨ ଏପ୍ରିଲ ୧୪ ତାରିଖରେ ଥାଲକୁଡି ପଞ୍ଚାୟତର ୨ ସରପଞ୍ଚ ଓ ୩ ପିଇଓଙ୍କୁ ହଡପ କରାଯାଇଥିବା ଦର୍ଶାଇ ଟଙ୍କା ଫେରସ୍ତ କରିବାକୁ ଚିଠି କରାଯାଇଥିଲା। ମାତ୍ର ଘଟଣାକୁ ୩ ବର୍ଷ ବିତିଯାଇଥିଲେ ମଧ୍ୟ ହଡ଼ପ ଟଙ୍କା ଫେରସ୍ତ କରାଯାଇନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ବ୍ଲକ ପ୍ରଶାସନ ନିଦରେ ଶୋଇ ରହିଥିବା ଅଭିଯୋଗ ହୋଇଛି।

## ଥାନାରେ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବ୍ରହ୍ମବରଦା, ୯।୩(ସମିସ): ଥାନାକୁ ସାଧାରଣ ଲୋକ କୌଣସି ଅଭିଯୋଗ ନେଇ ଆସିଲେ, ପୁଲିସ ସେମାନଙ୍କୁ ଉତ୍ତମ ବ୍ୟବହାର ଦେଖାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାର ବଡ଼ ବ୍ୟତିକ୍ରମ ଦେଖିବାକୁ ମିଳିଛି ବ୍ରହ୍ମବରଦା ଥାନାରେ। ଥାନାଧିକାରୀଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ଜଣେ ଯୁବକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଯୁବକ ଜଣକ କୁଆଖିଆ ଥାନା ଅଧୀନ ଅତଲାପୁର ପଞ୍ଚାୟତର ଦେବଦତ୍ତ ସାହୁ। ଦେବଦତ୍ତଙ୍କ ଜଣେ ସାଙ୍ଗଙ୍କ ବାଲି ବୋଝେଇ ହାଇୱାକୁ ବ୍ରହ୍ମବରଦା



ପୁଲିସ ଗତକାଲି ରାତିରେ ଜବତ କରିଥିଲା। ଉକ୍ତ ଘଟଣା ବିଷୟରେ ଜାଣିବାକୁ ଦେବଦତ୍ତ ସାଙ୍ଗଙ୍କ ସହିତ ବ୍ରହ୍ମବରଦା ଥାନାକୁ ଯାଇଥିଲେ। ବ୍ରହ୍ମବରଦା ଥାନା ଅଧିକାରିଣୀ ଶ୍ରୀମତୀ ଅଂଶୁମାଳା ଦାସ ତାଙ୍କୁ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଦେବଦତ୍ତ ମନା କରିବାରୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହିତ ମିଛ ମାମଲାରେ ଫସାଇ ଦେବାକୁ ଧମକ ଦେଇଥିବା ଦେବଦତ୍ତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏ ନେଇ ବ୍ରହ୍ମବରଦା ଥାନା ଅଧିକାରିଣୀ ଅଂଶୁମାଳା ଦାସଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

## ଭାରତର ବିଜୟ ପରେ ଯାଜପୁରରେ ଅଦିନିଆ ଦୀପାବଳି

ଯାଜପୁର, ୯।୩(ସମିସ): ଦୁବାଇରେ ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ଭାରତର ଦମଦାର ବିଜୟ ପରେ ଯାଜପୁରରେ ଅଦିନିଆ ଦୀପାବଳୀ ପାଳନ କରିଛନ୍ତି କ୍ରିକେଟପ୍ରେମୀ। ଆଜି ଦିନ ତମାମ ଦର୍ଶକ ରାସ୍ତାର କଡ଼େ କଡ଼େ ବଡ ବଡ ଟିଭି ସ୍କ୍ରିନ ମାଧ୍ୟମରେ ମ୍ୟାଚ୍ ଉପଭୋଗ କରିଥିଲେ। ବ୍ୟାଟ୍ସମ୍ୟାନଙ୍କ ଦମଦାର ବ୍ୟାଟିଂ ବଳରେ ଚାମ୍ପିଅନ୍ସ ଟ୍ରଫି ଜିତି ନେଇଥିଲା ଭାରତ। ଏହି ବିଜୟ ଲାଭ କରିବା ପରେ ବିଭିନ୍ନ ଛକ, ବଜାରରେ ଆତସବାଜି ଦେଖିବାକୁ ମିଳିଥିଲା। ସତେ ଯେମିତି ଅଦିନିଆ ଦୀପାବଳି ଅନୁଭୂତ ହୋଇଥିଲା।



## ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ

ସୁକିନ୍ଦା, ୯।୩(ସମିସ): ସୁକିନ୍ଦା ପୁଲିସ ଅଭା ଗ୍ରାମ ନିକଟରୁ ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଅଭା ବାଲିପଠାରୁ ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗହୋଇଥିଲା।ସୁକିନ୍ଦାଥାନାଅଧିକାରୀବିଲ୍ୱମଙ୍ଗଳସେଠୀରବିବାର ସକାଳୁ ଅଭା ରାସ୍ତାରୁ ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଚୋରା ଦେଶୀମଦ ଜବତ, ଜଣେ ଗିରଫ

ସୁକିନ୍ଦା, ୯।୩(ସମିସ): ସୁକିନ୍ଦା-ହାତିବାରୀ ରାସ୍ତାରୁ ପୁଲିସ ଚୋରା ଦେଶୀମଦ ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାରକା ଅଞ୍ଚଳର ଜଣେ ଯୁବକ ବାଇକ୍‌ରେ ଦେଶୀମଦ ନେଇ ଯାଉଥିବା ସୂଚନା ପାଇ ସୁକିନ୍ଦା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ନିର୍ଦ୍ଦେଶରେ ଏକ ଟିମ ହାତିବାରୀ ରାସ୍ତାରେ ଚଢ଼ଉ କରି ମଦ ଓ ବାଇକ୍ ଜବତ କରିବା ସହ ସାର ଭୂୟାଁଙ୍କ ପୁଅ ଅବିନାଶ ଓରଫ ମିଟୁ (୩୫)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଦୁର୍ଘଟଣା ପରେ ଜଳିଗଲା ବାଇକ୍

ପାଣିକୋଇଲି, ୯।୩(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ରବିବାର ୧୧ଟା ସମୟରେ ବାଇକ୍ ଦୁର୍ଘଟଣା ଘଟି ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଆରୋହୀ ଗୁରୁତର ଆହତ ହୋଇ ଏମ୍‌ସକୁ ସ୍ଥାନାନ୍ତର ହୋଇଛନ୍ତି। ଗୋଳେଇପୁର ପଞ୍ଚାୟତ ହାଟସାହି ଗ୍ରାମର କୁଶିଆ ରଣାଙ୍କ ପୁଅ ଭରତ ବାଇକ୍‌ରେ ପାଣିକୋଇଲିରୁ ନିଜ ଗ୍ରାମକୁ ଯାଉଥିବାବେଳେ କୌଣସି କାରଣରୁ ବାଇକ୍ ଚକା ସ୍ଲିପ କରିଯିବାରୁ ତଳେ ପଡ଼ି କିଛି ବାଟ ଘୋଷାଡ଼ି ହୋଇଯାଇଥିଲା। ଫଳରେ ପେଟ୍ରୋଲ ଢାଳି ହୋଇ ବାଇକ୍‌ରେ ନିଆଁ। ଲାଗିଯାଇଥିଲା। ଭରତଙ୍କ ଦେହରେ ମଧ୍ୟ ନିଆଁ ଲାଗିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ଆମେ ଆପଣଙ୍କ ପାଇଁ ହେଲଫିଂ ଗ୍ରୁପର ସଦସ୍ୟ ଓ ପାଣିକୋଇଲି ପୁଲିସ ପହଞ୍ଚି ଭରତଙ୍କୁ ସ୍ଥାନୀୟ ଏକ ବେସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରି ଭୁବନେଶ୍ୱରସ୍ଥ ଏମ୍‌ସ ଡାକ୍ତରଖାନାକୁ ପଠାଇଥିଲେ। କୁଆଖିଆ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ ଓ ସେତେବେଳକୁ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ରାଜମିସ୍ତ୍ରି ଆହତ

ଦାନଗଦି, ୯।୩ (ସମିସ): ଦାନଗଦି ବ୍ଲକ ରାଣୀପଡ଼ା ପଞ୍ଚାୟତର ରାଜମିସ୍ତ୍ରି ଉପେନ୍ଦ୍ର ପାତ୍ରଙ୍କୁ ସୁଆଁଲୋ ଗ୍ରାମର କେତେକ ଯୁବକ ଆକ୍ରମଣ କରିଥିବା ନେଇ ଦାନଗଦି ଫାଣ୍ଡିରେ ଅଭିଯୋଗ ହୋଇଛି। ଉପେନ୍ଦ୍ର ପ୍ରତିଦିନ ଧୂଳିଗଡ଼ ଅଞ୍ଚଳରେ କାମ କରନ୍ତି। ୨୮ ତାରିଖ ଦିନ କାମ ସାରି ନିଜ ଘର ରାଣୀପଡ଼ାକୁ ଫେରୁଥିବାବେଳେ ସୁଆଁଲୋ ଛକ ନିକଟରେ ସୁଆଁଲୋ ଗ୍ରାମର କିଛି ଯୁବକ ତାଙ୍କୁ ଅଟକାଇ ମଦ ପିଇବା ପାଇଁ ଚାନ୍ଦା ମାଗିଥିଲେ। ସେ ଟଙ୍କା ଦେବାକୁ ଅସମର୍ଥତା ପ୍ରକାଶ କରିବାରୁ ନନ୍ଦ ନାୟକ, ନାଲୁ ନାୟକ ଓ ତାଙ୍କ ସାଥି ମିଶି ଉପେନ୍ଦ୍ରଙ୍କୁ ଆକ୍ରମଣ କରିବା ସହ ଗାଳିଗୁଲଜ କରିଥିଲେ। ତାଙ୍କଠାରୁ ମୋବାଇଲ ଫୋନ ସହ ଟଙ୍କା ଛଡ଼ାଇ ନେଇଥିଲେ। ଆକ୍ରମଣରେ ଉପେନ୍ଦ୍ରଙ୍କ ମୁଣ୍ଡ ଫାଟିଯାଇଛି। ଉପେନ୍ଦ୍ର ଦାନଗଦି ଫାଣ୍ଡିରେ ନ୍ୟାୟ ଭିକ୍ଷା ସହ ଦୋଷୀ ଯୁବକଙ୍କ ବିରୋଧରେ ଦୃଢ଼ କାଯ୍ୟାନୁଷ୍ଠାନ ଦାବି କରିଥିଲେ।

ସମସ୍ୟାରେ ଇଜାପୁର ପ୍ରାଥମିକ ବିଦ୍ୟାଳୟ

# ୨ଟି କୋଠରିରେ ୫ଟି ଶ୍ରେଣୀର ପିଲା

କୟାଁଗୋଲା, ୯।୩ (ସମିସ)

ସରକାରୀ ବିଦ୍ୟାଳୟରେ ଶିକ୍ଷକ ଓ ଶ୍ରେଣୀଗୃହ ଅଭାବ ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସରକାର ବିଦ୍ୟାଳୟର ଉନ୍ନତିକରଣ ପାଇଁ ପାଣି ଭଳି ଅର୍ଥ ଖର୍ଚ୍ଚ କରୁଥିବାବେଳେ କେତେକ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରଙ୍କ ଏହି ପ୍ରୟାସ ପଣ୍ଡ ହେବା ଦେଖାଯାଇଛି। ଯାହାର ଏକ ନିଛକ ଉଦାହରଣ ଦଶରଥପୁର ବ୍ଲକ ଅଧୀନସ୍ଥ ଇଜାପୁର ପଞ୍ଚାୟତର ଇଜାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ କାରଣରୁ ୨ଟି ଗୃହରେ ୫ଟି ଶ୍ରେଣୀର ପିଲା ପଢୁଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଇଜାପୁର ବିଦ୍ୟାଳୟ ୧୯୪୯ରେ ସ୍ଥାପିତ ହୋଇଥିଲା। ବିଦ୍ୟାଳୟର ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟକଲେ ବିଦ୍ୟାଳୟର ଛାତ୍ରଛାତ୍ରୀ କିଭଳି ବିପଦସଂକୁଳ ଅବସ୍ଥାରେ ବିଦ୍ୟାଳୟକୁ ଯାଉଛନ୍ତି, ତାହା ସହଜରେ ଅନୁମେୟ କରିହେବ। ଏହି




ବିଦ୍ୟାଳୟ ସାମ୍ନାରେ ଏକ ବଡ଼ ପୋଖରୀ ଥିବାରୁ ପିଲା ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶେଣୀ ପର୍ଯ୍ୟନ୍ତ ଥିବାବେଳେ ଏଠାରେ ମାତ୍ର ୨ଟି ଶେଣୀ ଗୃହ ରହିଛି। ମୋଟ ଛାତ୍ର ଛାତ୍ରୀ ସଂଖ୍ୟା ୧୫୦। ଅଫିସ୍ ଗୃହ ନାହିଁ। ୩ ଜଣ ଶିକ୍ଷକଙ୍କୁ ନେଇ ଇଜାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ଚାଲିଛି। ୨ ବର୍ଷ ଧରି ଏଠାରେ ପ୍ରଧାନଶିକ୍ଷକ ନ ଥିବାରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଜେନା ଦାୟିତ୍ୱ ତୁଲାଉଛନ୍ତି। ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ଓ ୨ ଜଣ ଶିକ୍ଷକ ନିଯୁକ୍ତି ଦେବାକୁ ଅଭିଭାବକ ଦାବି କରିଛନ୍ତି।

## ଭାପୁର କପ୍ ଫୁଟ୍‌ବଲ, ଡିଫା ଚାମ୍ପିଅନ୍

ଧର୍ମଶାଳା, ୯।୩(ସମିସ): ଧର୍ମଶାଳା ଅଞ୍ଚଳର ପ୍ରତିଷ୍ଠିତ ଫୁଟବଲ ଟିମ୍ ଡିଫା ରାଜ୍ୟସ୍ତରୀୟ ଭାପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ସଂକଳ୍ପ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଧର୍ମଶାଳା ଫୁଟବଲ ଆସୋସିଏସନ ଏଥିରେ ଅଂଶଗ୍ରହଣ କରି ଫାଇନାଲ ମ୍ୟାଚ୍‌ରେ ୧-୦ ଗୋଲରେ ମା' ମଙ୍ଗଳ କ୍ଲବ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଛି। କ୍ୱାର୍ଟରଫାଇନାଲରେ ଖୋର୍ଦ୍ଧାର ଜୟଦୁର୍ଗା କ୍ଲବ୍‌କୁ ୨-୦ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଭୁବନେଶ୍ୱର ବଜରଙ୍ଗୀ କ୍ଲବ୍‌କୁ ୧-୦ ଗୋଲରେ ହରାଇ ଡିଫା ଫାଇନାଲରେ ପ୍ରବେଶ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଡିଫା କ୍ଲବର ଫୁଟବଲ କୋଚ୍ ପ୍ରମୋଦ ଲାଲା ଓ ମ୍ୟାନେଜର ପ୍ରଫୁଲ୍ଲ କବି ଖେଳାଳିଙ୍କୁ ନେବା ଆଣିବାରେ ସହଯୋଗ କରିଥିଲେ। ଡିଫା ଖେଳାଳିଙ୍କ ଏଭଳି ଉଚ୍ଚକୋଟୀର ପ୍ରଦର୍ଶନ କରି ଚାମ୍ପିଅନ ହୋଇଥିବାରୁ କ୍ଲବ୍‌ର ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ପ୍ରଶଂସା କରିଛନ୍ତି।



## ଧର୍ମଶାଳା ମହାବିଦ୍ୟାଳୟରେ ମହିଳା ଦିବସ

ଧର୍ମଶାଳା, ୯।୩ (ସମିସ): ଧର୍ମଶାଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସ୍ୱରୂପାନନ୍ଦ ପଣ୍ଡାଙ୍କ ସଭାପତିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ରଶ୍ମୀରେଖା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। କେନ୍ଦୁଝର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷା ଡକ୍ଟର ବୈଜନ୍ତୀମାଳା ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିଥିଲେ। କଲେଜ ରେଞ୍ଜରଙ୍କ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ରେଞ୍ଜର ଓ ରୋଭରଙ୍କ ଦ୍ୱାରା ନାରୀଶକ୍ତି ଉପରେ ନାଟକ ପରିବେଷଣ କରାଯାଇଥିଲା। +୩ର ରେଞ୍ଜର ଲିଡର ଡକ୍ଟର ଆରତୀ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। +୨ର ରେଞ୍ଜର ଲିଡର ଅଧ୍ୟାପିକା ସସ୍ମିତା ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଚାଳନା କରିଥିଲେ।

# ଭ୍ରମାତ୍ମକ ବିଜ୍ଞାପନ ପାଇଁ ଶାହରୁଖ, ଅଜୟ, ଟାଇଗରଙ୍କୁ କୋର୍ଟ ନୋଟିସ୍

ଜୟପୁର, ୯।୩ (ଏଜେନ୍ସି): ବଲିଉଡ ଅଭିନେତା ଶାହରୁଖ ଖାନ, ଅଜୟ ଦେବଗନ, ଟାଇଗର ଶ୍ରଫଙ୍କୁ ଜୟପୁରର ଏକ ଉପଭୋକ୍ତା ଅଦାଲତ ନୋଟିସ ଜାରି କରିଛନ୍ତି। ବିମଲ ପାନ ମସଲା କମ୍ପାନୀର ଭ୍ରମାତ୍ମକ ବିଜ୍ଞାପନକୁ ନେଇ କୋର୍ଟ ଏହି ପଦକ୍ଷେପ ନେଇଛନ୍ତି। କେଶର ନାମରେ ଲୋକଙ୍କୁ ଭ୍ରମିତ କରି ପାନ ମସଲା କ୍ରୟ ପାଇଁ ଉସୁକା ଯାଉଛି। କିନ୍ତୁ ଏଥିରେ ଜମାରୁ କେଶର ନାହିଁ। ଜୟପୁର ଓକିଲ ଯୋଗେନ୍ଦ୍ର ସିଂହ ବଡ଼ିୟାଲଙ୍କ ପକ୍ଷରୁ ଦାଏର ଏହି ଆବେଦନ ଉପରେ ଶୁଣାଣି କରି ଉପଭୋକ୍ତା କୋର୍ଟ ଏହି ପାନ ମସଲା ପ୍ରସ୍ତୁତକାରୀ କମ୍ପାନୀ ଜେବି ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ବିମଲ କୁମାର ଅଗ୍ରୱାଲଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି। ଗତ ୫ ତାରିଖରେ ଏହି ମାମଲାର ଶୁଣାଣି ହୋଇଥିଲା। ୧୯ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ଏହି ଦିନ ବ୍ୟକ୍ତିଗତ ଭାବେ କିମ୍ବା ପ୍ରତିନିଧି ପଠାଇ ହାଜର ହେବାକୁ କୋର୍ଟ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ଉପସ୍ଥିତ ନ ରୁହନ୍ତି ତେବେ ଏକପାଖିଆ ଭାବେ ନିଷ୍ପତ୍ତି ନିଆଯିବ ବୋଲି କୋର୍ଟ ଚେତାଇ ଦେଇଛନ୍ତି।



ଆବେଦନକାରୀ କହିଛନ୍ତି ଯେ ବିଜ୍ଞାପନରେ ବିମଲର ପ୍ରତି ଦାନାରେ କେଶର ଥିବା ଦାବି କରାଯାଉଛି। କିନ୍ତୁ ଉତ୍ପାଦରେ ଜମାରୁ କେଶର ନାହିଁ। ବଜାରରେ କେଶର କେଜି ୪ ଲକ୍ଷ ଟଙ୍କା ଥିବାବେଳେ ପାନ ମସଲାର ମୂଲ୍ୟ ୫ ଟଙ୍କା ରଖାଯାଇଛି। ଏହା ବିକ୍ରି କରି ଜେବି ଇଣ୍ଡଷ୍ଟ୍ରିଜ୍ କୋଟି କୋଟି ଟଙ୍କା ଆୟ କରୁଛି। ସାଧାରଣ ନାଗରିକ ନିୟମିତ ଭାବେ ପାନ ମସଲା ଖାଉଛନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା କର୍କଟ ଭଳି ରୋଗର କାରଣ ପାଲଟି ଯାଉଛି। ତେଣୁ ଭୁଲ୍ ସୂଚନା ପ୍ରଚାରପ୍ରସାର ପାଇଁ ଏବଂ ଜନତାଙ୍କୁ ମିଛ କହୁଥିବାରୁ ଏହାର ଉତ୍ପାଦନକାରୀ କମ୍ପାନୀ ଏବଂ ବିମଲ ପ୍ରଚାରରେ ସାମିଲ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଓକିଲ ଦାବି କରିଛନ୍ତି। ଏମାନଙ୍କ ବିରୋଧରେ ଜୋରିମାନା ଲଗାଇବାକୁ, ନ୍ୟାୟ ପାଇଁ ଏବଂ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପାନ ମସଲାର ବିଜ୍ଞାପନ ଉପରେ ତୁରନ୍ତ କଟକଣା ଲଗାଇବାକୁ ସେ ନିବେଦନ କରିଛନ୍ତି।

## ଆମେରିକାରେ ପୁଣି ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ

ୱାସିଂଟନ, ୯।୩ (ଏଜେନ୍ସି): ଆମେରିକାରେ ପୁଣି ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହୋଇଛି। କାଲିଫର୍ଣ୍ଣିଆ ଚିନୋ ହିଲ୍ସ ସ୍ଥିତ ଅଞ୍ଚଳରେ ଥିବା ମନ୍ଦିରରେ ଶନିବାର ଭଙ୍ଗାରୁଜା କରାଯାଇଛି। ଏହାର କାନ୍ଥରେ ଆପତ୍ତିଜନକ ସ୍ଲୋଗାନ ଲେଖାଯାଇଛି। ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଅଭଦ୍ର ଭାଷା ଲେଖା ଯାଇଛି। ସୋସିଆଲ ମିଡିଆରେ ଏହାର ଫଟୋ ଭାଇରାଲ ହେବାରେ ଲାଗିଛି। ମନ୍ଦିର ନିର୍ମାଣକାରୀ ସଂସ୍ଥା ବିଏପିଏସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଘଟଣାକୁ ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଲାଗି ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିବେଦନ କରାଯାଇଛି। ଏହା ସହିତ ପୂଜାସ୍ଥଳରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ କୁହାଯାଇଛି। ଆମେରିକାର ହିନ୍ଦୁ ସଂଗଠନ ସିଓଏଚଏନଏ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛି। ଗଣମାଧ୍ୟମ ଏହାକୁ ସାଧାରଣ ଘଟଣା ଭାବୁଛି। ହିନ୍ଦୁଙ୍କ ବିରୋଧରେ ଘୃଣା ସୃଷ୍ଟି କରାଯାଉଥିବାବେଳେ ଗଣମାଧ୍ୟମ ଏବଂ ବୁଦ୍ଧିଜୀବୀ ଏହାକୁ ମାନିବାକୁ ନାରାଜ। ଲସ୍ ଆଞ୍ଜେଲସରେ ଖଲିସ୍ତାନୀ ଜନମତ ସଂଗ୍ରହ କରିବାକୁ ଯାଉଥିବାବେଳେ ଏଭଳି ଘଟଣା ଘଟିବା ଲଜ୍ଜାଜନକ ବିଷୟ। ଏହା ପୂର୍ବରୁ ୭ ମାସ ତଳେ ସେପ୍ଟେମ୍ବରରେ କାଲିଫର୍ଣ୍ଣିଆର ସେକ୍ରାମେଣ୍ଟୋ ସ୍ଥିତ ଶ୍ରୀ ସ୍ୱାମୀନାରାୟଣ ମନ୍ଦିରରେ ଏଭଳି ଘଟଣା ଘଟିଥିଲା।

## ଏମ୍ସରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼

ନୂଆଦିଲ୍ଲୀ, ୯।୩ (ଏଜେନ୍ସି): ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ (୭୩)ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଛି। ଅଣନିଃଶ୍ୱାସୀ ଲାଗିବାରୁ ଏବଂ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଶନିବାର-ରବିବାର ରାତି



୨ଟାରେ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଛି। କାର୍ଡିଓଲୋଜି ବିଭାଗର ମୁଖ୍ୟ ଡ. ରାଜୀବ ନାରଙ୍ଗଙ୍କ ତତ୍ତ୍ୱାବଧାନରେ କ୍ରିଟିକାଲ କେୟାର ୟୁନିଟ (ସିସିୟୁ)ରେ ତାଙ୍କର ଚିକିତ୍ସା ଜାରି ରହିଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏମ୍ସକୁ ଯାଇ ଉପ-ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆରେ ଏହାର ସୂଚନା ଦେଇ ଧନଖଡ଼ଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହା ପୂର୍ବରୁ ସକାଳେ ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଏମ୍ସକୁ ଯାଇ ଉପ-ରାଷ୍ଟ୍ରପତିଙ୍କୁ ଭେଟିଥିଲେ।

## କୁଳଭୂଷଣଙ୍କୁ ଅପହରଣ କରିଥିବା ମୁଫ୍ତିକୁ ହତ୍ୟା

କ୍ୱେଟା, ୯।୩ (ଏଜେନ୍ସି): ଭାରତୀୟ ନୌସେନାର ପୂର୍ବତନ ଅଧିକାରୀ କୁଳଭୂଷଣ ଯାଦବଙ୍କୁ ଅପହରଣ କରିବାରେ ସହାୟତା କରିଥିବା ମୁଫ୍ତି ଶାହ ମିରକୁ



ପାକିସ୍ତାନର ବଲୁଚିସ୍ତାନରେ ହତ୍ୟା କରାଯାଇଛି। ଶୁକ୍ରବାର ରାତିରେ ନମାଜ ସାରି ମସ୍‌ଜିଦରୁ ଫେରୁଥିବାବେଳେ କିଛି ଅଜ୍ଞାତ ଆକ୍ରମଣକାରୀ ବାଇକରେ ଆସି ମୁଫ୍ତି ଉପରେ ଗୁଳିମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ମୁଫ୍ତିକୁ ମୃତ ଘୋଷଣା କରିଥିଲେ। ମାନବ ଚାଲାଣ ଏବଂ ଅସ୍ତ୍ରଶସ୍ତ୍ର ଚୋରାଚାଲାଣରେ ସାମିଲ ମୁଫ୍ତି ମିର୍ ଇସ୍‌ଲାମିକ ଚରମପନ୍ଥୀ ଦଳ ଜମିୟତ-ଇ-ଇସ୍‌ଲାମର ସଦସ୍ୟ ଥିଲା। ସୂଚନାଯୋଗ୍ୟ ଯେ ପାକିସ୍ତାନ ସେନା ୨୦୧୬ ମାର୍ଚ୍ଚ ୩ରେ କୁଳଭୂଷଣ ଯାଦବଙ୍କୁ ବଲୁଚିସ୍ତାନ ପ୍ରଦେଶରୁ ଗିରଫ କରିଥିଲା। ତାଙ୍କୁ ପ୍ରଥମେ ଇରାନରୁ ଅପହରଣ କରି ଅଣାଯାଇଥିଲା। ଏଥିରେ ମୁଫ୍ତି ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇକୁ ସହଯୋଗ କରିଥିଲା। ପାକିସ୍ତାନ କୁଳଭୂଷଣଙ୍କ ବିରୋଧରେ ଗୁଇନ୍ଦାଗିରି ଏବଂ ଦେଶବିରୋଧୀ କାର୍ଯ୍ୟକଳାପରେ ସାମିଲ ଥିବା ଅଭିଯୋଗ କରିଛି। ଅନ୍ତର୍ଜାତୀୟ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏହି ଦେଶ କୁଳଭୂଷଣଙ୍କୁ ଛାଡ଼ି ନାହିଁ।

# ସିରିଆରେ ସଂଘର୍ଷ; ଦୁଇ ଦିନରେ ହଜାରେ ମୃତ

## ମହିଳାମାନଙ୍କୁ ରାସ୍ତାରେ ଉଲଗ୍ନ କରି ପରେଡ୍ କରାଉଛି ସେନା

ଦାମାସ୍କ, ୯।୩(ଏଜେନ୍ସି):

କିଛି ଦିନର ବ୍ୟବଧାନରେ ସିରିଆରେ ପୁଣି ଏକ କଠିନ ସ୍ଥିତି ଉପୁଜିଛି। ୨୦୨୪ ଡିସେମ୍ବରରେ ସିରିଆ ରାଷ୍ଟ୍ରପତି ବସର ଅଲ ଆସଦଙ୍କୁ ଦେଶରୁ ବିତାଡ଼ିତ କରିବା ବେଳେ ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟି ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା ବେଳେ ଏହାର ତିନି ମାସ ପରେ ଏଠାରେ ପୁଣି ନରସଂହାର ଆରମ୍ଭ ହୋଇଛି। ସୁନ୍ନି ସଂପ୍ରଦାୟ ନେତୃତ୍ୱାଧୀନ ଏଚଟିଏସ ଗୋଷ୍ଠୀର ସେନା, ଆତଙ୍କବାଦୀ ଏବଂ ବିତାଡ଼ିତ ରାଷ୍ଟ୍ରପତି ଅଲ ଆସାଦଙ୍କ ସମର୍ଥକଙ୍କ ମଧ୍ୟରେ ଗତ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ସଂଘର୍ଷ ଏବେ ଭୀଷଣ ରୂପ ନେଇଛି। ସ୍ଥିତି ଏଭଳି ହୋଇଛି ଯେ, ଗତ ଦୁଇ ଦିନ ମଧ୍ୟରେ ଏକ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ଶତାଧିକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ କେବଳ ୭୫୦ରୁ ଅଧିକ ଲୋକଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ୧୨୫ ଜଣ ସରକାରୀ ସୁରକ୍ଷାକର୍ମୀ ଏବଂ ୧୪୮



**ଅଲ୍ ଆସାଦ ସମର୍ଥକ-ଆତଙ୍କବାଦୀ-ସେନା ମଧ୍ୟରେ ଲଢ଼େଇ**

**୨୦୧୧ ପରେ ସବୁଠୁ ବଡ଼ ଗଣହତ୍ୟା**

ଜଣ ଆତଙ୍କବାଦୀ ରହିଥିବା ବ୍ରିଟେନସ୍ଥିତ ସିରିୟାନ ମାନବାଧିକାର ପର୍ଯ୍ୟବେକ୍ଷକ ସଂସ୍ଥା କହିଛି।

ମିଳିଥିବା ଖବର ଅନୁସାରେ ଅଲ ଆସାଦଙ୍କ ପ୍ରତି ସମର୍ଥନ ରଖିଥିବା ସିରିଆର ଅଲାୱାଇଟ ଲଘୁ ସଂପ୍ରଦାୟ ବିରୋଧରେ ସୁନ୍ନି ନେତା ତଥା ଅନ୍ତରୀଣ ସରକାର ମୁଖ୍ୟ ଅହମ୍ମଦ ଅଲ ସାରା ଦ୍ୱାରା ଗତ ଗୁରୁବାର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ଏହି ସଂପ୍ରଦାୟର ଲୋକମାନେ ଅଲ ଆସାଦ ସେନାକୁ ହାତ କରି ବିଭିନ୍ନ ସ୍ଥାନରେ ଆକ୍ରମଣ କରୁଥିବା ଅଭିଯୋଗ କରାଯାଇଥିଲା। ଏହାପରେ ଅନ୍ତରୀଣ ସରକାର ସେନା,ଅଲାୱାଇଟ ସଂପ୍ରଦାୟ ଏବଂ ଅନ୍ୟ ଆତଙ୍କବାଦୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଥିଲା। ବର୍ତ୍ତମାନ ଏହି ସଂଘର୍ଷ ଉଗ୍ର ରୂପ ନେବା ସହିତ ଦୁଇ ଦିନ ମଧ୍ୟରେ ଏକ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଥିବା କୁହାଯାଇଛି। ଏହାଛଡ଼ା ସେନା ଅଲାୱାଇଟ ସଂପ୍ରଦାୟ ମହିଳାମାନଙ୍କୁ ଅକଥନୀୟ ନିର୍ଯାତନା ଦେଉଥିବା କୁହାଯାଉଛି। ସେନା ମହିଳାମାନଙ୍କୁ ରାସ୍ତାରେ ଉଲଗ୍ନ କରାଯାଇ ପରେଡ୍ କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ସ୍ଥିତି ଏଭଳି ହୋଇଛି ଯେ, ୨୦୧୧ ପରେ ଏହି ଘଟଣା ସବୁଠାରୁ ବଡ଼ ନରସଂହାର ବୋଲି କୁହାଯାଇଛି। ଏହାକୁ ନେଇ ବିଶ୍ୱସ୍ତରରେ ବିଭିନ୍ନ ମହଲରେ ଗଭୀର ଉଦବେଗ ପ୍ରକାଶ କରାଯାଇଛି। କିନ୍ତୁ ସିରିଆର ଆଭ୍ୟନ୍ତରୀଣ ସମସ୍ୟାକୁ ନେଇ ତୁରନ୍ତ ପଦକ୍ଷେପ ନେବା ସମ୍ଭବ ହୋଇନାହିଁ। ଉଲ୍ଲେଖଯୋଗ୍ୟ ଯେ, ସିରିଆର ବିଭିନ୍ନ ଭାଗ ଭିନ୍ନ ଭିନ୍ନ ସଂପ୍ରଦାୟ ଏବଂ ଆତଙ୍କବାଦୀ ସଂଗଠନ ଦ୍ୱାରା ପରିଚାଳିତ ହୋଇ ଆସିଥିଲା ବେଳେ ଏଠାରେ ବର୍ଷ ବର୍ଷ ଧରି ଗୃହଯୁଦ୍ଧ ସ୍ଥିତି ଲାଗି ରହିଛି।

## ୟୁକ୍ରେନ ଉପରେ ରୁଷର ଆକ୍ରମଣ ଜାରି

କିଭ୍, ୯।୩(ଏଜେନ୍ସି): ୟୁକ୍ରେନକୁ ନେଇ ଆମେରିକା ନିଜ ନୀତିରେ ପରିବର୍ତ୍ତନ କରିବା ପରେ ଏବେ ରୁଷ ଏହାର ଫାଇଦା ନେଇ ୟୁକ୍ରେନ ଉପରେ ଘନ ଘନ ଆକ୍ରମଣ ଚଳାଇଛି। ବିଶେଷକରି ଆମେରିକା ଗୁଇନ୍ଦା ସୂଚନା ବନ୍ଦ କରିବା ଏବଂ ସୁରକ୍ଷା ଗ୍ୟାରେଣ୍ଟିରୁ ଓହରିଯିବା ଘଟଣା ୟୁକ୍ରେନ ପାଇଁ କାଳ ହୋଇଥିଲା ବେଳେ ରୁଷ୍ ଆକ୍ରମଣ ଜୋର୍‌ଦାର୍ ହୋଇଛି। ଗତ ଶୁକ୍ରବାର ବିଳମ୍ବିତ ରାତିରେ ରୁଷ ୟୁକ୍ରେନ ଉପରେ ବଡ଼ ଧରଣର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରିବା ଦ୍ୱାରା ଦୋନେସ୍କ ସମେତ ଅନ୍ୟ କିଛି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହିତ ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ରବିବାର ରୁଷ ସେନା ପକ୍ଷରୁ ୟୁକ୍ରେନର ଏକ ପାଇପଲାଇନ ପ୍ରକଳ୍ପ ଉପରେ ଆକ୍ରମଣ କରାଯାଇଛି। ଆମେରିକାର ନୀତି ପରିବର୍ତ୍ତନ ମଧ୍ୟରେ ରୁଷର ଏଭଳି ଆକ୍ରମଣ ସମଗ୍ର ୟୁରୋପରେ ମଧ୍ୟ ଆତଙ୍କ ଖେଳାଇ ଦେଇଛି। କାରଣ ରୁଷ୍-ୟୁକ୍ରେନ ଯୁଦ୍ଧର ତିନି ବର୍ଷ ପରେ ରୁଷ ଆହୁରି କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲା ବେଳେ ୟୁକ୍ରେନକୁ ଆମେରିକାର ସହାୟତା ବନ୍ଦ ୟୁକ୍ରେନ ସ୍ଥିତିକୁ ଆହୁରି ଜଟିଳ କରିଦେବ ବୋଲି ବହୁ ୟୁରୋପୀୟ ରାଷ୍ଟ୍ର ଚିନ୍ତା କରିବା ଆରମ୍ଭ କରିଦେଇଛନ୍ତି। ଏହାବ୍ୟତୀତ ଯୁଦ୍ଧ ବନ୍ଦ ସହିତ ଶାନ୍ତି ପ୍ରତିଷ୍ଠା ପାଇଁ ରୁଷ ରାଷ୍ଟ୍ରପତି ପୁତିନ ଯେଉଁଭଳି ସର୍ତ୍ତ ରଖୁଛନ୍ତି ତାହା ମଧ୍ୟ ଚିନ୍ତାର କାରଣ ହୋଇଛି। ୟୁକ୍ରେନର ଅଧିକୃତ ଅଞ୍ଚଳରୁ ରୁଷ ହଟିବ ନାହିଁ ବୋଲି କ୍ରେମଲିନ ସର୍ତ୍ତ ରଖିଥିବାରୁ ଏହା ଆମେରିକାକୁ ମଧ୍ୟ ଚିନ୍ତିତ କରିଛି।

**ଆମେରିକା ଗୁଇନ୍ଦା ସୂଚନା ବନ୍ଦ କରିବା ପରେ ୟୁରୋପରେ ବି ଆତଙ୍କ**

■ ସେକ୍ସ ପାଇଁ ମନାକଲେ ଗାର୍ଲଫ୍ରେଣ୍ଡ, ପତ୍ନୀ

## ନାବାଳକକୁ ଗଣଦୁଷ୍କର୍ମ କରି ହତ୍ୟା

ଲକ୍ଷ୍ନୌ, ୯।୩(ଏଜେନ୍ସି): ଯୌନ ସୁଖ ପାଇଁ କିଛି ଯୁବକ ଜଣେ ୧୩ ବର୍ଷୀୟ ନାବାଳକକୁ ଗଣଦୁଷ୍କର୍ମ କରିବା ପରେ ତାକୁ ଜଘନ୍ୟ ଭାବେ ହତ୍ୟା କରି ଏକ କୂଅରେ ପକାଇ ଦେବା ଘଟଣା ଉତ୍ତରପ୍ରଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅଭିଯୁକ୍ତ ଯୁବକମାନଙ୍କ ପ୍ରେମିକା କିମ୍ବା ପତ୍ନୀ ଯୌନକ୍ରିୟା ପାଇଁ ମନା କରିବାରୁ ସେମାନେ ଯୌନ ସୁଖ ପାଇଁ ଏଭଳି କାଣ୍ଡ ଭିଆଇଥିବା ଜଣାପଡ଼ିଛି। ଏଭଳି ଘଟଣା ଉତ୍ତରପ୍ରଦେଶର କାନପୁର ନଗର ଜିଲ୍ଲା ମକନପୁର ଅଞ୍ଚଳରେ ଘଟିଛି।

ମିଳିଥିବା ସୂଚନା ଅନୁସାରେ ଏହି ଅଞ୍ଚଳର ୪ ଯୁବକ ସେହି ଗାଁର ଜଣେ ୧୩ ବର୍ଷୀୟ ନାବାଳକକୁ ଲୋଭ ଦେଖାଇ ଗାଁର ଏକ ନିକାଞ୍ଚନ ସ୍ଥାନକୁ ଡାକି ନେଇଥିଲେ। ସେଠାରେ ପୀଡ଼ିତ ବାଳକକୁ ଏହି ୪ ଯୁବକ ବାନ୍ଧି ଦେଇ ଗଣଦୁଷ୍କର୍ମ କରିଥିଲେ। ନାବାଳକ ଜଣକ ବିରୋଧ କରିବାରୁ ସେମାନେ ଉକ୍ତ ନାବାଳକକୁ ହତ୍ୟାକରିଥିଲେ। ଉକ୍ତ ଯୁବକମାନେ ପୁଲିସକୁ ଚକମା ଦେବା ଲାଗି ଏକ ଯୋଜନା ପ୍ରସ୍ତୁତ କରିବା ସହିତ ପୀଡ଼ିତ ନାବାଳକର ବାପାଙ୍କୁ ମେସେଜ ପଠାଇ ତାଙ୍କ ପୁଅକୁ ଅପହରଣ କରିନିଆଯାଇଛି ଏବଂ ୧୦ ଲକ୍ଷ ଟଙ୍କା ଦେଲେ ଛଡାଯିବ ବୋଲି କହିଥିଲେ।

କିନ୍ତୁ ଏଭଳି ମେସେଜ ପାଇବା ପରେ ନାବାଳକ ପରିବାର ଲୋକ ଚିନ୍ତାରେ ପଡ଼ି ପୁଲିସର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଏହି ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ନାବାଳକର ଶବ ଉଦ୍ଧାର କରିଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛି।

■ ମହିଳାଙ୍କୁ ମହାରାଷ୍ଟ୍ର ମନ୍ତ୍ରୀଙ୍କ ଅଜବ ପରାମର୍ଶ

## ପର୍ସରେ ଲିପଷ୍ଟିକ୍ ବ୍ୟତୀତ ଛୁରି, ଲଙ୍କାଗୁଣ୍ଡ ରଖ

ମୁମ୍ବଇ, ୯।୩(ଏଜେନ୍ସି): ଶିବସେନା ନେତା ତଥା ମହାରାଷ୍ଟ୍ର ମନ୍ତ୍ରୀ ଗୁଲାବରାଓ ପାଟିଲ ମହିଳାମାନଙ୍କୁ ଅଜବ ପରାମର୍ଶ ଦେଇଛନ୍ତି। ମହିଳାମାନେ ନିଜ ପର୍ସରେ ପାଉଡର, ଲିପଷ୍ଟିକ୍ ସହିତ ଏକ ଛୁରୀ ଏବଂ ଚିଲି ପାଉଡର(ଲଙ୍କା ଗୁଣ୍ଡ) ରଖିବା ଉଚିତ୍ ବୋଲି ଶ୍ରୀପାଟିଲ କହିବା ପରେ ଏହି ବିଷୟକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ବଢିଛି। ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀପାଟିଲ ମହିଳା ସଶକ୍ତିକରଣକୁ ନେଇ ରାଜ୍ୟ ସରକାର ନେଇଥିବା ପଦକ୍ଷେପ



ସମ୍ପର୍କରେ କହିଥିଲେ। ମୁମ୍ବଇ ସଡ଼କ ପରିବହନ ନିଗମ ବସ୍ ଭଡାରେ ୫୦ ପ୍ରତିଶତ ହ୍ରାସ ଏବଂ ବାଳିକାମାନଙ୍କ ପାଇଁ ମାଗଣା ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। କିନ୍ତୁ ଏସବୁ ସତ୍ତ୍ୱେ ସମାଜରେ ବହୁ ଖରାପ ଘଟଣା ଘଟୁଛି। ଏଥିପାଇଁ ଏକଦା ଶିବସେନା ପ୍ରତିଷ୍ଠାତା ବାଲ ଠାକରେ ମହିଳାମାନେ ସେମାନଙ୍କ ପର୍ସରେ ଲିପଷ୍ଟିକ୍ ସହିତ ଚିଲି ପାଉଡର ଏବଂ ରାମପୁରୀ ଛୁରୀ ରଖିବା ଉଚିତ୍ ବୋଲି କହିଥିଲେ। ଆମେ ମାନେ ବାଲ ଠାକରେଙ୍କ ଆଦର୍ଶରେ ଅନୁପ୍ରାଣିତ ରହିଛୁ ଏବଂ ଆଜି ମଧ୍ୟ ସାମାଜିକ ସ୍ଥିତି ସମାନ ରହିଛି। ତେଣୁ ମହିଳାମାନେ ଆତ୍ମରକ୍ଷା ପାଇଁ ବାଲ୍ ଠାକରେଙ୍କ ଏହି ଉପଦେଶ ମାନିବା ଉଚିତ ବୋଲି ଶ୍ରୀ ପାଟିଲ କହିଥିଲେ।

**ତେଲଙ୍ଗାନା ସୁଡ଼ଙ୍ଗ ଦୁର୍ଘଟଣା**

## ୧୫ ଦିନ ପରେ ଜଣଙ୍କ ମୃତଦେହ ଠାବ

ନାଗରକୁର୍ଣ୍ଣୁଲ, ୯।୩ (ଏଜେନ୍ସି): ତେଲଙ୍ଗାନା ସୁଡ଼ଙ୍ଗ (ଏସ୍‌ଏଲ୍‌ବିସି) ଦୁର୍ଘଟଣାର ୧୬ତମ ଦିନରେ ରବିବାର ଉଦ୍ଧାରକାରୀ ଟିମ୍ ଜଣଙ୍କ ମୃତଦେହ ଠାବ କରିଛି। ଏହି ଶ୍ରମିକଙ୍କ ମୃତଦେହ ମେସିନରେ ଲାଗି ରହିଛି। ବାହାରକୁ କେବଳ ହାତ ଦେଖାଯାଉଛି। ଏହା ବାହାର କରିବା ପାଇଁ ମେସିନ୍ କାଟିବା କାର୍ଯ୍ୟ ଜାରି ରହିଛି। ଏହା ପୂର୍ବରୁ ଶୁକ୍ରବାର ସନ୍ଧାନୀ କୁକୁରଙ୍କୁ ସୁଡ଼ଙ୍ଗକୁ ନିଆଯାଇଥିଲା। ଏହି କୁକୁର କିଛି ସ୍ୱତନ୍ତ୍ର ସ୍ଥାନରୁ ଦୁର୍ଗନ୍ଧ ଆସୁଥିବା ସନ୍ଧାନ କରିଥିଲେ। ଏହି ସ୍ଥାନରେ ତିନି ଜଣ ଶ୍ରମିକ ଥିବା ଜଣାପଡ଼ି ଥିଲା। ପରେ ଉକ୍ତ ସ୍ଥାନରୁ ଅବଶେଷ ହଟାଇବା କାର୍ଯ୍ୟ ଜାରି ରହିଥିଲା। ତେବେ ମୃତଦେହ କେଉଁ ସ୍ଥାନରୁ ମିଳିଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଆଉ ୭ ଜଣ ଶ୍ରମିକଙ୍କ ସନ୍ଧାନ ମିଳିନାହିଁ। ଉଦ୍ଧାରକାର୍ଯ୍ୟକୁ ଜୋରଦାର କରିବା ପାଇଁ ରୋବୋଟ ବ୍ୟବହାର କରାଯାଉଛି। ଶ୍ରମିକଙ୍କ ସନ୍ଧାନ କରିବା ପାଇଁ ୫୨୫ ଉଦ୍ଧାରକର୍ମୀ ଲାଗିଛନ୍ତି। ପୂର୍ବରୁ ୮ ଶ୍ରମିକଙ୍କ ବଞ୍ଚିବା ସମ୍ଭାବନା ବହୁତ କମ୍ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା।



**ଅନ୍ୟ ୭ ଜଣଙ୍କ ସନ୍ଧାନ ଜାରି**

**୫ ବର୍ଷ ତଳେ ଦିଆଯାଇଥିଲା ଚେତାବନୀ**

**ନିଆଯାଇ ନ ଥିଲା କୌଣସି କାର୍ଯ୍ୟାନୁଷ୍ଠାନ**

୨୦୨୦ରେ 'ଏମ୍‌ବର୍ଗ ଏଜି' ନାମକ କମ୍ପାନୀ ସୁଡ଼ଙ୍ଗର ସର୍ଭେ କରିଥିଲା। ଏହି କମ୍ପାନୀ ସୁଡଙ୍ଗରେ ଥିବା କିଛି ତ୍ରୁଟିପୂର୍ଣ୍ଣ ଜୋନ୍ ଏବଂ ଦୁର୍ବଳ ଅଂଶକୁ ନେଇ ଚେତାବନୀ ଜାରି କରିଥିଲା। ଏହାର ରିପୋର୍ଟକୁ ସୁଡ଼ଙ୍ଗ ନିର୍ମାଣ କରୁଥିବା କମ୍ପାନୀ ଜୟପ୍ରକାଶ ଆସୋସିଏଟ୍ସ ଲିମିଟେଡକୁ ଦିଆଯାଇଥିଲା। ୧୪ କିମି ଲମ୍ବା ସୁଡ଼ଙ୍ଗର ୧୩.୮୮ କିମିରୁ ୧୩.୯୧ କିମି ମଧ୍ୟରେ ଥିବା ଅଂଶ ଦୁର୍ବଳ ବୋଲି କୁହାଯାଇଥିଲା। ଏହି ଅଂଶରେ ପାଣି ଜମା ହୋଇ ରହିଛି। ମାଟି ଧସିବାର ସମ୍ଭାବନା ରହିଛି। ଉଦ୍ଧାରକାରୀ ଟିମ୍ ଅନୁଯାୟୀ ରିପୋର୍ଟରେ ଯେଉଁ ଭାଗକୁ ବିପଜ୍ଜନକ କୁହାଯାଇଥିଲା ସେହି ସ୍ଥାନ ହିଁ ଧସିଛି। ସେତେବେଳେ ଏହାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ସେଥିପାଇଁ ଏହି ଅଘଟଣ ଘଟିଲା ବୋଲି କୁହାଯାଉଛି।

**ସ୍ପଷ୍ଟକଲା ନାସା**

## ୧୬ରେ ପୃଥିବୀ ଫେରିବେ ସୁନିତା, ୱିଲମୋର୍

ୱାଶିଂଟନ୍, ୯।୩(ଏଜେନ୍ସି):

ମାତ୍ର ୮ ଦିନ ପାଇଁ ମହାକାଶକୁ ଯାଇଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ତାଙ୍କ ସହଯୋଗୀ ବେରି ୱିଲମୋର୍ ଦୀର୍ଘ ୯ ମାସ ଧରି ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଫସି ରହିଛନ୍ତି। ୨୦୨୪ ଜୁନ୍ ୫ରେ ଯାତ୍ରା କରିଥିବା ଏହି ଦୁଇ ମହାକାଶଚାରୀଙ୍କୁ ଭୂପୃଷ୍ଠକୁ ଫେରାଇ ଆଣିବା ଲାଗି ବିଗତ ଦିନରେ ବହୁ ଉଦ୍ୟମ କରାଯାଇଥିଲେ ମଧ୍ୟ ବିଭିନ୍ନ କାରଣକୁ ନେଇ ଏହା ସମ୍ଭବ ହୋଇନଥିଲା।



ତେବେ ସୁନିତା ଏବଂ ୱିଲମୋରଙ୍କ ଫେରିବା ନେଇ ନାସା ପକ୍ଷରୁ ସ୍ପଷ୍ଟ କରାଯିବା ସହିତ ସେମାନେ ଚଳିତ ମାସ ୧୬ ତାରିଖରେ ପୃଥିବୀ ଫେରି ଆସିବେ ବୋଲି କୁହାଯାଇଛି। ସେମାନଙ୍କୁ ଆଣିବା ଲାଗି ଆସନ୍ତା ସପ୍ତାହରେ ସ୍ପେଶ ଏକ୍ସ ଡ୍ରାଗନ ମହାକାଶ ଯାନ ଯାତ୍ରା କରିବ ଏବଂ ଉଭୟ ମହାକାଶଚାରୀ ୧୬ ତାରିଖରେ ପୃଥିବୀକୁ ଫେରି ଆସିବେ ବୋଲି ସ୍ପଷ୍ଟ କରାଯାଇଛି। ଏହାମଧ୍ୟରେ ସୁନିତା ନିଜର ପ୍ରତିକ୍ରିୟା ରଖିବା ସହିତ ମହାକାଶରେ ସେ ବିତାଇଥିବା ଏହି ୯ ମାସ ସବୁଠୁ କଠିନ ସମୟ ଥିଲା ବୋଲି କହିଛନ୍ତି।

## ନାଟୋରୁ ବାହାରିଯାଉ ଆମେରିକା: ମସ୍କ

ୱାସିଂଟନ, ୯।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବରିଷ୍ଠ ପରାମର୍ଶଦାତା ତଥା ଶିଳ୍ପପତି ଏଲନ ମସ୍କ ବଡ଼ ମନ୍ତବ୍ୟ ଦେଇଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ରବିବାର କହିଛନ୍ତି ଯେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ (ନାଟୋ)ରୁ ଆମେରିକା ତୁରନ୍ତ ବାହାରିଯିବା ଉଚିତ। ନିଶ୍ଚିତ ଭାବେ ଏପରି କରିବା ଉଚିତ। ୟୁରୋପର ସୁରକ୍ଷା ପାଇଁ ଆମେରିକାକୁ ଅର୍ଥ ଦେବାର କୌଣସି ଆବଶ୍ୟକତା ନାହିଁ। ଏପ୍ରିଲରେ ୩୨ ସଦସ୍ୟ ବିଶିଷ୍ଟ ନାଟୋର ୭୬ ତମ ପ୍ରତିଷ୍ଠା ଦିବସ ପାଳିତ ହେବାକୁ ଯାଉଥିବାବେଳେ ମସ୍କ ଏପରି ମନ୍ତବ୍ୟ ଦେଇ ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ଏହା ପୂର୍ବରୁ ଗତ ୩ ତାରିଖରେ ମଧ୍ୟ ସେ ଏଭଳି ମନ୍ତବ୍ୟ ଦେଇଥିଲେ। ନାଟୋ ଏବଂ ମିଳିତ ଜାତିସଂଘ (ୟୁଏନ)ରୁ ଆମେରିକା ବାହାରିଯିବା ଉଚିତ ବୋଲି କହିଥିଲେ।

# ବାଇକ୍-ସ୍କୁଟି ଧକ୍କା; ୩ ଗୁରୁତର

ଦୋବଲ, ୯ ।୩(ସମିସ): ଦୋବଲ-ଧାମନଗର ରାସ୍ତାର କଲେଜ ନିକଟରେ ରବିବାର ରାତି ୮ଟା ସମୟରେ ବାଇକ ଓ ସ୍କୁଟି ଧକ୍କାରେ ୩ ଜଣ ଗୁରୁତର ଆହାତ



ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଧାମନଗର ଗ୍ରାମର ସ୍ୱର୍ଣ୍ଣଲତା ବେହେରା ତାଙ୍କ ସ୍କୁଟିରେ ଯାଉଥିବା ବେଳେ କୋରାଗାଁ ପଞ୍ଚାୟତର ବୋଧପଡ଼ା ଗ୍ରାମର ଦୀପକ ଜେନା ଓ ମୁନା ଜେନା ଏକ ବାଇକରେ ଭାରସାମ୍ୟ ହରାଇ ଉକ୍ତ ସ୍କୁଟିକୁ ଧକ୍କା ଦେଇଥିଲେ । ସ୍ଥାନୀୟ ଲୋକ ୧୦୮କୁ ଫୋନ କରିବା ଫଳରେ ସେମାନଙ୍କୁ ଧାମନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଧାମନଗର ପୁଲିସ ଘଟଣାର ତଦନ୍ତ କରୁଛି ।

# ବିଦ୍ୟୁତ ଆଘାତରେ ଶ୍ରମିକ ମୃତ

ଭଣ୍ଡାରିପୋଖରୀ/ବାରିକପୁର, ୯।୩(ସମିସ): ଭଣ୍ଡାରିପୋଖରୀ ଥାନା ରାଜେନ୍ଦ୍ରପୁର ପଞ୍ଚାୟତ କୋଟସିରା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି । ଜଣେ ବ୍ୟକ୍ତିଙ୍କର ବାସଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଜଣେ ଶ୍ରମିକ ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ଜଣାପଡ଼ିଛି । ଝୁଟୁଣା ପଞ୍ଚାୟତ ବାବଲପୁର ଗ୍ରାମର ସୋମନାଥ ମହାଳିକ(୩୨) କୋଟସିରା ଗ୍ରାମକୁ ଆଜି ଏକ ପକ୍କା ଘର ଛାତ ପକାଇବା କାର୍ଯ୍ୟ କରିବାକୁ ଆସିଥିଲେ । ସେ ଛାତ ଉପରେ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ନିକଟରେ ଏଲଟି ଲାଇନ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ସଂଗେ ସଂଗେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଯୁବକଙ୍କ ଅକାଳ ବିୟୋଗକୁ ନେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ।

# ତେଜରାତି ଦୋକାନରୁ ଚୋରି

ବାରିକପୁର, ୯।୩(ସମିସ): ଭଣ୍ଡାରିପୋଖରୀ ଥାନା ସମ୍ମୁଖ ଏକ ତେଜରାତି ଦୋକାନରୁ ଗତ ଶନିବାର ରାତିରେ ଚୋରି ହୋଇଥିବା ଜଣାପଡ଼ିଛି । ଦୀର୍ଘ ବର୍ଷ ହେବ ବ୍ୟବସାୟ କରୁଥିବା ଜଳଧର ରାଉତଙ୍କ ଦୋକାନରୁ ଚୋରମାନେ ବିଭିନ୍ନ ରାସନ ସାମଗ୍ରୀ ସହିତ ଟଙ୍କା ଚୋରି କରିଛନ୍ତି । ଥାନାରେ ଅଭିଯୋଗ ହେବା ପରେ ପୁଲିସ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏଠାରେ ସୂଚିତ, ୨୪ଘଣ୍ଟା ପୂର୍ବରୁ ରହଣିଆ ପଞ୍ଚାୟତ ଆକୁଲିକଣାଠାରୁ ଚୋରମାନେ ୩ଜଣ ଗୃହସ୍ଥଙ୍କ ଘରୁ ସୁନା, ରୁପା ଓ ନଗଦ ଟଙ୍କା ଚୋରାଇ ନେଇଛନ୍ତି । ଏବେ ଚୋରି ବଢ଼ୁଥିବା ବେଳେ ସେମାନଙ୍କୁ ଗିରଫ କରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଯାଇଛି ।

# ‘ପ୍ରେମ ପୃଥିବୀ’ ବାର୍ଷିକ ଉତ୍ସବ ପ୍ରସ୍ତୁତି



ଭଦ୍ରକ, ୯ ।୩(ସମିସ): ପ୍ରେମନଗରଠାରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ‘ପ୍ରେମ ପୃଥିବୀ’ର ବାର୍ଷିକ ଉତ୍ସବ ଆସନ୍ତା ୧୬ ତାରିଖ ରବିବାର ପାଳନ କରାଯିବାକୁ ନେଇ ଅନୁଷ୍ଠାନର କାର୍ଯ୍ୟକାରିଣୀ ସଦସ୍ୟଙ୍କ ଏକ ପ୍ରସ୍ତୁତି ବୈଠକ ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ‘ପ୍ରେମ ପୃଥିବୀ’ର ସଭାପତି, କଥାକାର ପବିତ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ କୈଳାସଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମର ରୂପରେଖର ସୂଚନା ଦେଇଥିଲେ । କାର୍ଯ୍ୟକାରିଣୀ ସଭ୍ୟ/ସଭ୍ୟା ଡ. ବାସୁଦେବ ବାରିକ୍, ରାମଚନ୍ଦ୍ର ମହାନ୍ତି, ମୁକ୍ତିକାନ୍ତ ମହାପାତ୍ର, ଯୋଗ୍ୟଶ୍ରୀ ସାମଲ, ଚୂଡାମଣି ଦାସ, ବୈକୁଣ୍ଠ ବିଶ୍ୱାଳ, ଅବିନାଶ ପଣ୍ଡା, ଚୈତାଳି ଖିଲାର, ପ୍ରଶାନ୍ତ କୁମାର ଦେ, କିଶୋର ପାଣିଗ୍ରାହୀ, ଗୁରୁପ୍ରସାଦ ପଣ୍ଡା, ଜୟ ଜଗନ୍ନାଥ ମଲ୍ଲିକ ପ୍ରମୁଖ ନିଜନିଜର ମତାମତ ଏବଂ ପରାମର୍ଶ ଉପସ୍ଥାପନ କରିବା ପରେ ସଭାପତି ଓ ସମ୍ପାଦକ ସଦସ୍ୟମାନଙ୍କୁ ବିଭିନ୍ନ କାର୍ଯ୍ୟଭାର ଅର୍ପଣ କରିଛନ୍ତି । ଚଳିତ ବର୍ଷର ଉତ୍ସବରେ ବର୍ଷିଆନ ଅନୁବାଦକ, କବି ଶ୍ରୀନିବାସ ଉଦ୍ଗାତାଙ୍କୁ ‘ପରମ ପ୍ରେମମୟ ପୁରୁଷ’, ଡ. ଅର୍ଚ୍ଚନା ନାୟକଙ୍କୁ ‘ପ୍ରେମ ପ୍ରକୃତି’, ଡ. ବୈଷ୍ଣବ ଚରଣ ସାମଲଙ୍କୁ ‘ପ୍ରେମ ପୁରୁଷ’ ଉପାଧି ସହ କବି ଅଚ୍ୟୁତାନନ୍ଦ ସାମଲ ଓ କିଶୋର ପାଣିଗ୍ରାହୀଙ୍କୁ ‘ପ୍ରେମ ପୃଥିବୀ କବିତା ସମ୍ମାନ’ ଏବଂ କଥାକାର ସରୋଜ ବଳଙ୍କୁ ‘ପ୍ରେମ ପୃଥିବୀ କଥା ସମ୍ମାନ’ ପ୍ରଦାନ କରାଯିବ । ପ୍ରକାଶ ଥାଉକି, ଏହି ଅନୁଷ୍ଠାନ ବହୁ ବର୍ଷଧରି ’ପ୍ରେମ ପୃଥିବୀ’ ନାମରେ ଏକ ଷାଣ୍ମାସିକ ସାହିତ୍ୟ ପତ୍ରିକା ପ୍ରକାଶ କରିବା ସହ ସାହିତ୍ୟର ବିଭିନ୍ନ ବିଭାବରେ ପାରଦର୍ଶୀ ସାରସ୍ୱତ ସାଧକମାନଙ୍କୁ ସମ୍ମାନିତ କରିଆସୁଛି । ଏବର୍ଷ ମଧ୍ୟ ପ୍ରତିଭା ସମ୍ମାନ, ପତ୍ରିକାର ବାର୍ଷିକ ସଂଖ୍ୟା ଉନ୍ମୋଚନ ସହ ‘ପ୍ରେମ ପଖାଳ’ର ଆୟୋଜନ ସମ୍ପୂର୍ଣ୍ଣ ନିଆରା ଓ ଖାଣ୍ଟି ଓଡିଶୀ ଢଙ୍ଗରେ କରିବାକୁ ଅନୁଷ୍ଠାନ ନିଷ୍ପତ୍ତି ନେଇଛି ।

# ‘ବେଟି ବଚାଓ ବେଟି ପଢ଼ାଓ’ର ଉଦ୍‌ଯାପନୀ ଉତ୍ସବ

## ସଫଳତା ସାଉଁଟିଥିବା ପ୍ରତିଭାଧାରିଣୀଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ, ୯ ।୩(ସମିସ)



ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବେଟି ବଚାଓ ବେଟି ପଢ଼ାଓ’ର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମର ଉଦଯାପନ ଉତ୍ସବ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଭଦ୍ରକ ନିୟନ୍ତ୍ରିତ ବଜାର କମିଟି, ବାଇପାସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ନାରୀମାନଙ୍କର ପ୍ରଗତି, ନାରୀ ସଶକ୍ତିକରଣ, ଶିକ୍ଷାଠୁ ଦୀକ୍ଷା ସର୍ବାଗ୍ରେ ନାରୀ ବୋଲି ପ୍ରମୁଖ ବକ୍ତାମାନେ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ରୂପେ ଜିଲ୍ଲାପାଳ ଦିଲୀପ ରାଉତରାଏ କନ୍ୟା ସନ୍ତାନର ସୁରକ୍ଷା ସମସ୍ତଙ୍କ ପାଇଁ ଆଶୀର୍ବାଦ ହେଉ ବୋଲି କହିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭକରି ପ୍ରଶଂସା ସାଉଁଟିଥିବା ପ୍ରତିଭାଧାରିଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଗତବର୍ଷ ଦଶମ ଓ ଦ୍ୱାଦଶରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ, କ୍ରିଷ୍ଣାକୁମାରୀ ମହାରଣା, ରଶ୍ମିପ୍ରଭା ସାହୁ, ମହିଳା ଓ ଶିଶୁଙ୍କ ପାଇଁ ଉତ୍ତମ ଦାୟିତ୍ୱ ବହନ କରିଥିବା ଜିଲ୍ଲା ପୁଲିସ କାର୍ଯ୍ୟାଳୟର ଅଧିକାରିଣୀ ମୋନାଲିସା କର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଏନ୍‌ଏମ ଅନିମା ରାଉତ, ମାଣିକେଶ୍ୱରୀ ମହିଳା ସଙ୍ଘର ସମ୍ପାଦିକା ତପଜ୍ୟୋତ୍ସ୍ନା ଗିରୀ, କ୍ରୀଡ଼ାରେ ସ୍ଲିପିକା ରାଉତ, ସୁପ୍ରଶାସିକା ଭାବେ ତନ୍ମିତା କରଙ୍କୁ ପ୍ରଶଂସାପତ୍ର ସହ ବେଟି ବଚାଓ ବେଟି ପଢ଼ାଓ ଚାମ୍ପିଅନ ସ୍ମାରକ ପ୍ରଦାନ କରାଯାଇଥିଲା । ପଦ୍ମିନୀ ସାମଲ, ଲୋପାମୁଦ୍ରା ଦାସ ଭଳି ଶିଶୁପଦ୍ମ ଅନୁଷ୍ଠାନର ଅନ୍ତେବାସିନୀ କନ୍ୟାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ସରୋଜ ଦତ୍ତ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର, ସୁରକ୍ଷା ଅଧିକାରିଣୀ ଚନ୍ଦ୍ର ସାହୁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବାଲ୍ୟ ବିବାହ ସଂଯୋଜକ ପ୍ରଦ୍ୟୁତ ରାଉତ, ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ମଣ୍ଡିରୁ ଉଠୁନି ଧାନ; ଚାଷୀ ହତାଶ

ତିହିଡି, ୯ ।୩(ସମିସ): ତିହିଡିରେ ମଣ୍ଡିରୁ ଉଠୁନି ଧାନ । ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ତିହିଡି ବ୍ଲକର ୧୩ଟି ସମବାୟ



ସମିତିରୁ ୫୦ ହଜାର କୁଇଣ୍ଟାଲ ଧାନ ପଡ଼ିରହିଛି । ଏହି ଧାନ ଖରା, କାକର ଖାଉଥିବା ବେଳେ ଷେଣ୍ଢ, ଛେଳି, ପାରାଙ୍କ ଆହାର ପାଲଟିଛି । ଆଗକୁ ଯଦି ବର୍ଷା ହୁଏ କଥା ସରିଲା । ଯେଉଁ ଚାଷୀ ଧାନ ଦେଇ ପାରିନାହାନ୍ତି ଟୋକନ ଲାପ୍ସ୍ ହେବା ଆଶଙ୍କା ମଧ୍ୟ ଉପୁଜିଛି । କୁଇଣ୍ଟାଲ ପିଛା ୮-୯ କେଜି ଧାନ କଟ୍‌ନୀ ଛଟନୀ ବାବଦକୁ କଟାଯାଉଛି । ଆଉ ଯେଉଁ ଚାଷୀମାନେ ଧାନ ସମବାୟ ସମିତିକୁ ଦେଇସାରିଛନ୍ତି ସେମାନଙ୍କୁ ଧାନ ବାବଦକୁ ଟଙ୍କା ପାଇବାକୁ ୧୫-୨୦ଦିନ ଲାଗିଯାଇଥିବା ଅଭିଯୋଗ ହେଉଛି । ଟଙ୍କା ପାଇବା ପାଇଁ ଯଦି ଏହିପରି ଅବସ୍ଥା ଲାଗିରହେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଲେଣି । ସେପଟେ ସବୁ ଦେଖି ନିରବଦ୍ରଷ୍ଟା ସାଜିଛି ପ୍ରଶାସନ । ମିଲର ଧାନ ମଣ୍ଡିରୁ ଧାନ ଉଠାଉନାହିଁ । କାଁ ଭାଁ ଧାନ ନେଇଛି । ଏହି ବ୍ଲକର ସୟା ସେବା ସମବାୟ ସମିତିରେ ଧାନ ପାହାଡ଼ ଗଦା ହେଲାଣି । କେବେ ଉଠିବ ଧାନ, ଟୋକନ ଅବଧି ସରି ଆସିଲାଣି, ଏହି ଚିନ୍ତା ଘାରିଛି ଚାଷୀଙ୍କୁ । ପ୍ରଶାସନ ଏଦିଗରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ୮ ଚୋରା ବାଲି ବୋଝେଇ ହାଇୱା ଜବତ

ବନ୍ତ/ଆଗରପଡ଼ା, ୯ ।୩(ସମିସ): ଜିଲ୍ଲା ଖଣିଜ ବିଭାଗ, ବନ୍ତ ତହସିଲ ଏବଂ ପୁଲିସ୍ ପ୍ରଶାସନର ମିଳିତ ଚଢ଼ଉରେ ବନ୍ତ ଥାନା ଅଧୀନ ଭଦ୍ରକ ଆନନ୍ଦପୁର ରାସ୍ତାର ଶ୍ରୀବନ୍ତପୁର ତାରିଣୀ ମନ୍ଦିର ନିକଟରୁ ୮ଟି ଚୋରା ବାଲି ବୋଝେଇ ହାଇୱାକୁ ଜବତ କରାଯାଇ ଥାନାକୁ



ଅଣାଯାଇଥିବା ବେଳେ ଚାଳକଙ୍କୁ ପୁଲିସ୍ ଥାନାରେ ଅଟକ ରଖିଛି । କେନ୍ଦୁଝର ଜିଲ୍ଲାରୁ ବେଧଡକ ଭାବରେ ବିଭିନ୍ନ ଜିଲ୍ଲାକୁ ଚୋରା ବାଲି ଚାଲାଣ ହୋଇ ଚାଲିଥିବା ବେଳେ ବିଭିନ୍ନ ସମୟରେ ବହୁ ଧନଜୀବନ ହାନି ହେବା ସହ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିଲେ ସୁଦ୍ଧା ପ୍ରଶାସନର ଏଥିପ୍ରତି ନିଘା ନଥିଲା । ଚୋରା ବାଲି ଚାଲାଣ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ଖଣିବିଭାଗ, ବନ୍ତ ତହସିଲ ଏବଂ ପୁଲିସ୍ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି । ଚଢ଼ଉ ସମୟରେ ୮ଟି ଓଭରଲୋଡ଼ିଂ ବାଲି ବୋଝେଇ ହାଇୱାକୁ ଜବତ କରି ଥାନାକୁ ଅଣାଯିବା ସହ ଚାଳକଙ୍କୁ ପୁଲିସ୍ ଅଟକ ରଖି ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

# କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଙ୍ଘର କର୍ମକର୍ତ୍ତା ଚୟନ

ଧାମନଗର, ୯।୩(ସମିସ): ଧାମନଗର ଏନଏସି ଅନ୍ତର୍ଗତ କଣ୍ଟାବଣିଆ ମଠରେ ସାଉଥ ଡିଭିଜନ ତରଫରୁ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଙ୍ଘର ଏକ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ପରାମର୍ଶଦାତା ଯୋଗେଶଚନ୍ଦ୍ର ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାଧାରଣ ସମ୍ପାଦକ ଦୀପକ ବାରିକ, ସମ୍ମାନିତ ଅତିଥି ସାଂଗଠନିକ ସମ୍ପାଦକ ବସନ୍ତ ମହାନ୍ତି, ସୁଶାନ୍ତ ରଣା, ପଙ୍କଜ ପଣ୍ଡା, ସୁରେଶ ଜେନା, ପାର୍ଥସାରଥୀ ସାହା, ପାର୍ଥସାରଥୀ ଭୂୟାଁ, ଅଶୋକ ସାହୁ ପ୍ରମୁଖ ବିଭିନ୍ନ ଦାବି ସମ୍ପର୍କିତ ଆଲୋଚନା କରିଥିଲେ । ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ସଂଘ ପକ୍ଷରୁ ବିକ୍ଷୋଭ କରାଯିବା ନେଇ ଚେତାବନୀ ଦେଇଛନ୍ତି । ପରେ ନୂତନ କର୍ମକର୍ତ୍ତା ଭାବେ ଆସିଷ୍ଟାଣ୍ଟ ସେକ୍ରେଟାରୀ ଅର୍ଗାନାଇଜର ନିରଞ୍ଜନ ମହାପାତ୍ର ଓ ଏକଲବ୍ୟ ଦେହୁରୀଙ୍କ ଦାୟିତ୍ୱ ପ୍ରଦାନ କରାଯାଇଛି । ଡିଭିଜନ ସହକାରୀ ସମ୍ପାଦକ ଜିତେନ୍ଦ୍ର ଜେନା ପରିଚାଳନା କରିଥିଲେ । ପ୍ରଶାନ୍ତ ଜେନା, ତାପସ ପଣ୍ଡା,



ବଳରାମ ଶଙ୍ଖୁଆ, ସେକ ଇସ୍ରାଏଲ, ତାପସ ଜେନାଙ୍କ ସମେତ ବହୁ ମିଟର ରିଡର୍, ବିଲ କଲେକ୍ସନ ଓ ମେଣ୍ଟେନାସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ତାପସ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁରୁଣା ବଜାର ବରିଷ୍ଠ ନାଗରିକ ସଙ୍ଘ ପକ୍ଷରୁ

# ହାଜି ମହମ୍ମଦ ଅବଦୁଲ ବାରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୯ ।୩(ସମିସ): ଭଦ୍ରକ ମୁସଲିମ ଜମାତ୍ ଆଜୀବନ ସଭାପତି, ଜାତୀୟ ସଦଭାବନା ପୁରସ୍କାରପ୍ରାପ୍ତ ହାଜି ମହମ୍ମଦ ଅବଦୁଲ ବାରୀଙ୍କ ମୃତ୍ୟୁରେ ଭଦ୍ରକ ଜଣେ ମୁରବୀଙ୍କୁ ହରାଇଛି । ସେ



ଥିଲେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜଣେ ସଫଳ ସମାଜସେବୀ । ଶାନ୍ତ, ସରଳ ସ୍ୱଭାବର ମଣିଷ ଥିଲେ । ତାଙ୍କ ମିଷ୍ଟଭାଷା ସମସ୍ତଙ୍କୁ ଆପଣାଇ ନେଉଥିଲା । ଭଦ୍ରକ ଏନଏସିର ଉପନଗରପାଳ ଭାବେ ନିର୍ବାଚିତ ହେବା ସହ ୩ ଥର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ୱାକଫ୍ ବୋର୍ଡର ସଦସ୍ୟ ରହିବା ସହ ରାଜ୍ୟ ହଜ୍ କମିଟି ସଭ୍ୟ ଭଦ୍ରକ ମହିଳା କଲେଜ ଗଭର୍ଣ୍ଣିଂ କମିଟି ସଭ୍ୟ ଥିଲେ । ୧୯ ୯୩ରୁ ସେ ଶେଷ ନିଶ୍ୱାସ ତ୍ୟାଗ କରିବା ଯାଏଁ ଭଦ୍ରକ ମୁସଲିମ ଜମାତର ସଭାପତି ଭାବେ ଦୀର୍ଘ ୨୮ ବର୍ଷ ନିରବଚ୍ଛିନ୍ନ ଭାବେ ନିଜର ଦାୟିତ୍ୱ ସମ୍ଭାଳି ଜିଲ୍ଲା ତଥା ରାଜ୍ୟରେ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଭଦ୍ରକ ପୁରୁଣା ବଜାର ବରିଷ୍ଠ ନାଗରିକ ସଙ୍ଘ ଆନୁକୂଲ୍ୟରୁ ଅପରାହ୍ନ ୩ଟାରେ ପୁରୁଣା ବଜାରସ୍ଥିତ ବାଙ୍କା ବଜାର ସୈନିକ ସ୍କୁଲରେ ଅନୁଷ୍ଠିତ ହାଜି ମହମ୍ମଦ ଅବଦୁଲ ବାରିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଏହା କହିଛନ୍ତି । ବରିଷ୍ଠ ନାଗରିକ ମୁସ୍ତାକ ଗୌହରଙ୍କ ସଞ୍ଚାଳନରେ ଅନୁଷ୍ଠିତ ସ୍ମୃତିସଭାରେ ଡାକ୍ତର ହକିମୁଦ୍ଦିନ ସାହେବ, ହାଜି ଅବଦୁଲ ମୁକିତ ଖାନ, ଏସ.ଏମ. ଫାରୁକ, ସୁଧାକର ରାଉତ, ହାଜି ସମିଉଲ୍ଲା ସାହେବ, ଅସରଫ ଅଲି ଖାନ, ବିଦ୍ୟାଧର ସାହୁ, ଲଲାଟେନ୍ଦୁ ମହାନ୍ତି, ନାଶିର ବକ୍ସ, ହରି ନନ୍ଦୀ, ହାଜି ଅନୱାର ହୋସେନ, ଇଂ ରେଜାଏ ରସୁଲ, ଶେଖ ସିରାଜୁଦ୍ଦିନ, ବିବେକ ରାୟ, ଜ୍ୟୋତି ପ୍ରକାଶ ମହାନ୍ତି, ହାଜି ଅବଦୁଲ କାସିମ ଖାନ, ଲାଲା ପ୍ରମୋଦ ରାୟ, ହାଜି ଶେଖ ସୁଫିଆନ ଓ ହାଜି ହାଫିଜୁର ରହେମାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

# ନିଶା ନିବାରଣ ଓ ସଚେତନତା ଶୋଭାଯାତ୍ରାରେ ମହିଳା

ଧାମନଗର/ଅସୁରାଳି, ୯ ।୩(ସମିସ): ଧାମନଗର ବ୍ଲକ କଲ୍ୟାଣୀ ପଞ୍ଚାୟତାର ଶତାଧିକ ମହିଳା ଏକ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ନିଶା ନିବାରଣ ସଚେତନତା କରିଛନ୍ତି । ରବିବାର ୧୦ଟା ସମୟରେ ଏସ୍‌ଏଚ୍‌ଜି ଗ୍ରୁପର କର୍ମକର୍ତ୍ତାଙ୍କ ନେତୃତ୍ୱରେ ଏହି ନିଶା ନିବାରଣ ସଚେତନତା ଟଙ୍କା ଛଡାଇ ନେବା, ନିଜ ସ୍ତ୍ରୀକୁ ଛାଡ଼ପତ୍ର ଦେବା, ଅଳଙ୍କାର ବିକିବା ଏଇଭଳି ବହୁ ସମସ୍ୟା ଦେଖିବାକୁ ମିଳିଥିଲା । ଯଦି ଆଗାମୀ ଦିନରେ ନିଶା କେହି ବିକ୍ରି କରିବାକୁ ସାହସ କରିବ ତା ଘର ଭାଙ୍ଗିବା ସହ ବିଚ ରାସ୍ତାରେ ଗୋଡେଇ ଗୋଡେଇ ମାରିବାକୁ ପଛଘୁଞ୍ଚା ଦେବେ ନାହିଁ ବୋଲି



ଶୋଭାଯାତ୍ରା ଝାଟିଆସାହି ଛକଠାରୁ ବାହାରିଥିଲା । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ପ୍ରାୟ ୫ ଶହ ମହିଳା ମଦ ବିକ୍ରୟ ଓ ସେବନ ବିରୋଧୀ ଲେଖାଥିବା ପ୍ଲା-କାର୍ଡ ଧରି ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲି ସଚେତନ କରିଛନ୍ତି । ଯିଏ ବିକିବ ମଦ ଗଞ୍ଜେଇ ଧଳା ଜହର, ତାକୁ ଦିଆଯିବ ଝାଡୁ ପାହାର ଆଦି ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ । କଲ୍ୟାଣୀ ଗ୍ରାମର ଖୁବ କମ ଦିନରେ ଅଳ୍ପ ବୟସର ଯୁବକମାନେ ନିଜ ଜୀବନ ହାରିବା ସହ ନିଶାଗ୍ରସ୍ତ ହୋଇ ଚୋରି କରିବା, ଗାଁ ଗହଳିକୁ ଆସୁଥିବା ଫେରିବାଲାଙ୍କଠାରୁ ଚେତାବନୀ ଦେଇ ରାସ୍ତା ଅବରୋଧ କରି ଏହାର ପ୍ରତିବାଦ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧାମନଗର ଆଇଆଇସି ଗୋପାଳକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ମୁତୟନ ହୋଇଥିଲେ । ରାସ୍ତା ଅବରୋଧ ଖବର ପାଇ ଆଇଆଇସି ଶ୍ରୀ ଜେନା ସମସ୍ତଙ୍କୁ ବୁଝାସୁଝା କରିବା ସହିତ ଯଦି କୌଣସି ବ୍ୟକ୍ତି ଆଇନକୁ ବିରୋଧ କରି ମଦ ବ୍ୟବସାୟ କରନ୍ତି ମୋତେ ସୂଚନା ଦେଲେ ମୁଁ ତାଙ୍କୁ ଆଇନ ଅନୁସାରେ ଉପଯୁକ୍ତ ଦଣ୍ଡ ଦେବାର ବ୍ୟବସ୍ଥା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା ।

**ବିଭିନ୍ନ ସ୍ଥାନରେ ବିଶ୍ୱ ମହିଳା ଦିବସ**

# ‘ମହିଳା ସଶକ୍ତ ହେଲେ ସମାଜ ଆଗକୁ ବଢ଼ିବ’

ଭଦ୍ରକ, ୯ ।୩(ସମିସ)



ମହିଳା ସଶକ୍ତ ହେଲେ ହିଁ ସମାଜ ଆଗକୁ ବଢ଼ିବ । ନାରୀ ଶକ୍ତିମୟୀ, ନାରୀ ପାଖରେ ତିନୋଟି ଶକ୍ତି ଅଛି, ସେ ସମ୍ମାନର ଅଧିକାରିଣୀ । ସେ ଆଜି ପୁରୁଷ ସହ ସମସ୍କନ୍ଧ ହୋଇ ଶିଖର ଛୁଇଁବା ସହ ଯୁଦ୍ଧ ବିମାନର ସଫଳ ଚାଳିକା ହୋଇପାରିଛି । ଉଦ୍ୟୋଗ ଜଗତରେ ସଫଳତା ହାସଲ କରିବା ସହ କଳା, ଭାସ୍କର୍ଯ୍ୟ ଓ ଗବେଷଣା କ୍ଷେତ୍ରରେ ସେ ବେଶ୍ ନିପୁଣା । ସବୁ କ୍ଷେତ୍ରରେ ନାରୀ ଆଜି ଗୌରବ ଆଣିପାରିଛି ବୋଲି ଜିଲ୍ଲା ସଂସ୍କୃତି ଭବନରେ ଓଡ଼ିଶା ତେଜସ୍ୱିନୀ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ ଅବସରରେ ଗତକାଲି ସନ୍ଧ୍ୟାରେ ସଂଗଠନର ମାର୍ଗଦର୍ଶକ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଉଦଘାଟନ କରିବା ସହ ଏହି ମତ ଦେଇଥିଲେ । ବରେଣ୍ୟ ଅତିଥି ଭାବେ ସାହିତ୍ୟିକା ତଥା ସମାଜସେବୀ ପ୍ରୀତି ରାଉତରାୟ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବରେଣ୍ୟବକ୍ତା ପ୍ରାଧ୍ୟାପକ ଭାନୁମତି

## ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ

ମାଟିଆ, ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କର, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରଞ୍ଜିତା ସ୍ୱାଇଁ, ସଂଗଠନର ସଭାପତି କଳ୍ପନା ଜେନା ବକ୍ତବ୍ୟ ରଖିଥିଲେ । ଉପସଭାପତି ମନୋରମା ରାୟ ମଞ୍ଚ ଆମନ୍ତ୍ରଣ, ସମ୍ପାଦକ ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ ପାଠ, ଉପଦେଷ୍ଟା ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ଉପସଭାପତି ଚଇତାଳି ଖିଲାର ଅତିଥି ପରିଚୟ ପ୍ରଦାନ କରିଥିଲେ । ସାଂସ୍କୃତିକ ସମ୍ପାଦିକା ରିଚିସ୍ମିତା ମହାନ୍ତିଙ୍କ ସଂଯୋଜନାରେ ଡ୍ୟାନ୍ସ ଗ୍ରୁପ ପିଲାମାନଙ୍କ ମଧ୍ୟରେ ନୃତ୍ୟ ପରିବେଷଣ ହୋଇଥିଲା । ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ରାଉତରାଏ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସଂଗଠନ ପକ୍ଷରୁ ସମାଜସେବୀ ତଥା ସଂସ୍କୃତିପ୍ରେମୀ ପ୍ରୀତି ରାଉତରାଏଙ୍କୁ ସମ୍ବର୍ଦ୍ଧିତ କରିବା ପରେ ପୁଲିସ୍ ଇନସପେକ୍ଟର ମୋନାଲିସା କର, ମହିଳା ସ୍ୱାସ୍ଥ୍ୟସେବିକା ମାନସୀ କୁଅଁର, ନିରୁପମା ଦାଶ, ସୁକାନ୍ତି ବାରିକ, ସ୍ୱର୍ଣ୍ଣଲତା ପତି, ଖବରଦାତା ସଂଯୁକ୍ତା ମହାନ୍ତି, ସୁମତି ପଣ୍ଡା, ଆଇନଜୀବୀ ଅଞ୍ଜୁବାଳା ରାଉତ, ଜଗା ଚାକର ସଂଘର ସଂଯୋଜିକା ସୁପ୍ରଭା ମିଶ୍ର, ଚିତ୍ରଶିଳ୍ପୀ ଅନିମା ପତି, କବି ତପସ୍ୱିନୀ ମହାପାତ୍ରଙ୍କ ସମେତ ବହୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଜନ ଶିକ୍ଷଣ ସଂସ୍ଥାନ

ଭଦ୍ରକ ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସରେ ବକ୍ତାମାନେ ଉପସ୍ଥିତ ଶତାଧିକ ଦକ୍ଷତା ତାଲିମପ୍ରାପ୍ତ ମହିଳାଙ୍କୁ ପରାମର୍ଶ ଦେଇଛନ୍ତି । ସିଲାଇ ଶିକ୍ଷା, ବିଉଟିସିଆନ, ଖାଦ୍ୟ ପ୍ରକ୍ରିୟାକରଣ ଆଦିର ତାଲିମ ନେଇଥିବା ମହିଳାଗଣ ଆତ୍ମବିଶ୍ୱାସ ବଢ଼ିଥିବା କଥା ଆଲୋଚନା କରିଥିଲେ । କୃତୀ ମହିଳାଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ପ୍ରୋଗ୍ରାମ ଅଫିସର ମିଲୁକୁମାର ମହନ୍ତ ଓ ଗଜେନ୍ଦ୍ର ସାହୁଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ସମାଜସେବୀ ରାଧାରାଣୀ ମହାପାତ୍ର, ମୁଖ୍ୟବକ୍ତା ଶ୍ରମନିଯୋଗ ଅଧିକାରୀ ଅନିତା ନାୟକ, ସମ୍ମାନିତଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି ଯୋଗ ଦେଇଥିଲେ ।

**ମଞ୍ଜୁରୀରୋଡ:** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ମହିଳା ଦିବସ ପାଳିତ ହୋଇଯାଇଛି । ନେରଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଦେବଦାସୀ ଜେନାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଦୟନାଥ ବେଜ ଓ ବିକ୍ରମ ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ଥିବା ବିଭିନ୍ନ ବର୍ଗର ମହିଳାଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏଥିରେ ଅଙ୍ଗନବାଡି ଦିଦି, ଏମବିକେ, ସିଆରପି, ଆଶା ଦିଦି ପ୍ରମୁଖ ଯୋଗଦେଇଥିଲେ ।

# ହନୁମାନ ମନ୍ଦିରର ଷୋଡ଼ଶ ବାର୍ଷିକ ଉତ୍ସବ



ବାସୁଦେବପୁର, ୯।୩(ସମିସ): ବାସୁଦେବପୁର ବ୍ଲକ ଆର୍ଡୁଁ ପଞ୍ଚାୟତର ଆର୍ଡୁଁ ଗ୍ରାମର ମହାବୀର ହନୁମାନଙ୍କ ଷୋଡ଼ଶ ବର୍ଷ ବାର୍ଷିକ ଉତ୍ସବ ଓ ତ୍ରିଦିବସୀୟ ଯଜ୍ଞ ଚାଲିଛି । ମହାବୀର ହନୁମାନ କମିଟି ପକ୍ଷରୁ ୧୦୯ କଲସ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲେ । ମୁଖ୍ୟ କର୍ତ୍ତା ଭାବେ ଇଡି ପୂର୍ବତନ ଉପନିର୍ଦ୍ଦେଶକ ଶିବାଜୀ ନାୟକ ଓ ସୁଷମା ନାୟକ ରହିଥିଲେ । ଆର୍ଡୁଁ ଗ୍ରାମର ଶହ ଶହ ମହିଳା ଉପବାସ ରହି ମହାବୀର ସଙ୍କଟ ମୋଚନ ହନୁମାନଙ୍କୁ ଆରାଧନା କରିଥିଲେ । ନାରାୟଣ ପୂଜା, ହନୁମାନ ପୂଜା ପରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି । ମଙ୍ଗଳବାର ୧୦୮ ହନୁମାନ ଚାଳିଶା ପାଠ ସହିତ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ତିନିଦିନ ଧରି ଚାଲିବାକୁ ଥିବା ପୂଜାର୍ଚ୍ଚନାରେ ମୁଖ୍ୟ ପଣ୍ଡିତ ବିଜୟ କିଶାନ ଓ ଅନନ୍ତ ପ୍ରସାଦ ଶତପଥୀ ଦାୟିତ୍ୱରେ ରହିଛନ୍ତି । ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଭେଦଭାବ ଭୁଲି ଏକାଠି ବସି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

ସକାଳ THE SAKALA



www.sakalaepaper.com

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୭୫ ● ପାଉଣ୍ଡ ୧୧୨.୯୯
- ୟୁରୋ ୯୪.୭୫ ● ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୦,୫୭୦(ଭୁବନେଶ୍ୱର)
- ରୁପା : ୧,୦୨,୨୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୪,୩୩୨.୦୦
- ନିଫ୍ଟି ୨୨,୫୫୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଆଗକୁ ଡାଲି ସଙ୍କଟ; ମହଙ୍ଗା ହେବ ବଜାର ଦର

ନୂଆଦିଲ୍ଲୀ, ୯।୩(ଏଜେନ୍ସି)

ଦେଶରେ ଡାଲି ସଙ୍କଟ ଗମ୍ଭୀର ହେବାରେ ଲାଗିଛି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଅପେକ୍ଷା ଖୋଲା ବଜାରରେ ଡାଲି ମୂଲ୍ୟ ଅଧିକ ଥିବାରୁ ସରକାରୀ କ୍ରୟ ପ୍ରଭାବିତ ହୋଇଛି। ଏହି କାରଣରୁ ସରକାରୀ ଗୋଦାମରେ ଡାଲିର ବଫର ଷ୍ଟକ୍ ଏହାର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ପରିସ୍ଥିତିରେ ହୁ ହୁ ହୋଇ ବୃଦ୍ଧି ପାଉଥିବା ଡାଲି ଦର ନିୟନ୍ତ୍ରଣ କରିବା ସରକାରଙ୍କ ପାଇଁ ବଡ଼ କଷ୍ଟକର ହୋଇଯିବ। ତଥାପି, ସରକାର ମଟର ଡାଲି ଆମଦାନୀ କରି ଅଭାବ ପୂରଣ କରିବାକୁ ଚେଷ୍ଟା କରୁଛନ୍ତି।

କେନ୍ଦ୍ର ସରକାର ଚାଷୀଙ୍କଠାରୁ ୧୦୦% ହରଡ, ମୁଗ ଏବଂ ମସୁର ଡାଲି କିଣିବାକୁ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ଖୋଲା ବଜାରରେ ଏହାର ଦର ସର୍ବନିମ୍ନ ସହାୟକ ମୂଲ୍ୟ ଅପେକ୍ଷା ଅଧିକ ରହିଥିବା ମୂଲ୍ୟ ହେତୁ ଆବଶ୍ୟକତା ଅନୁଯାୟୀ ସରକାରଙ୍କ ଦ୍ୱାରା ଡାଲି କ୍ରୟ କରାଯାଇପାରୁନାହିଁ। ଏହାର ସିଧାସଳଖ ପ୍ରଭାବ ବଫର ଷ୍ଟକ ଉପରେ ପଡ଼ିବା ଆରମ୍ଭ ହୋଇଛି। ଯାହାରାର ଫଳସ୍ୱରୂପ ଡାଲିର ଷ୍ଟକ୍ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ସ୍ଥିତି ଆଗାମୀ ଦିନରେ ଘରୋଇ ବଜାରରେ ବଡ଼ ଡାଲି ସଙ୍କଟ ସୃଷ୍ଟି କରିବ। ବର୍ତ୍ତମାନ ଘରୋଇ ବଜାରରେ ବିଭିନ୍ନ କିସମର ହରଡ ଡାଲି କିଲୋ ପିଛା ୧୫୦ରୁ ୧୬୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ସେହିପରି ମୁଗ ଡାଲି କିଲୋ ପିଛା ୧୧୦ ଟଙ୍କା ରହିଥିବାବେଳେ ମସୁର ଡାଲି କିଲୋ ପିଛା ୧୦୦-୧୨୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଏଥିସହ ବୁଟ ଡାଲି କିଲୋ ପିଛା ୧୨୦ ଟଙ୍କା ରହିଛି। ସାମ୍ପ୍ରତିକ ବଫର ଷ୍ଟକର ଅବସ୍ଥା ଦେଖିବା ପରେ ଡାଲି ମୂଲ୍ୟ ବୃଦ୍ଧି ସମ୍ଭାବନାକୁ ବିଚାରକୁ ନେଇ କେନ୍ଦ୍ର ସରକାର ହଳଦିଆ ମଟର ଡାଲି ଆମଦାନୀ କରି କ୍ଷତି ଭରିବାକୁ ଚେଷ୍ଟା କରିଛନ୍ତି। ଗୋଟିଏ ବର୍ଷରେ ୬୭ ଲକ୍ଷ ଟନ୍‌ରୁ ଅଧିକ ଡାଲି ଆମଦାନୀ ହୋଇଛି, ଯେଉଁଥିରୁ ୩୧ ଲକ୍ଷ ଟନ୍ କେବଳ ହଳଦିଆ ମଟର। ଏହାର ଶୁଳ୍କ ଫ୍ରି ଅବଧି ମଧ୍ୟ ବୃଦ୍ଧି କରାଯାଇଛି।



- ଏମ୍‌ଏସ୍‌ପି ତୁଳନାରେ ଖୋଲା ବଜାରରେ ଅଧିକ ଦରରେ ବିକୁଛନ୍ତି ଚାଷୀ
- ନିମ୍ନ ସ୍ତରରେ ସରକାରୀ ଗୋଦାମରେ ଷ୍ଟକ୍
- ଖୁଚୁରା ବଜାରରେ ବଢ଼ିବ ଦର

ଏଠାରେ ସୂଚନାଯୋଗ୍ୟ ଯେ, ଯେତେବେଳେ ଯୋଗାଣ ଚାହିଦା ତୁଳନାରେ କମ୍ ଥାଏ କିମ୍ବା ମୂଲ୍ୟ ବୃଦ୍ଧିର ସମ୍ଭାବନା ଥାଏ, ସେତେବେଳେ ବଫର ଷ୍ଟକରୁ ଏକ ଜିନିଷକୁ ବାହାର କରିଦିଆଯାଏ। ଦେଶରେ ପ୍ରତିବର୍ଷ ପ୍ରାୟ ତିନିଶହ ଲକ୍ଷ ଟନ୍ ଡାଲିର ବ୍ୟବହାର ହୁଏ, କିନ୍ତୁ ଏତେ ପରିମାଣରେ ଉତ୍ପାଦନ ସମ୍ଭବ ନୁହେଁ। ଏପରି ପରିସ୍ଥିତିରେ, ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ ଏବଂ ଆମଦାନୀ କରି ଷ୍ଟକ୍‌କୁ ସୁଦୃଢ଼ କରାଯାଏ। ମୂଲ୍ୟ ନିୟନ୍ତ୍ରଣ କରିବା ପାଇଁ, ସରକାରୀ ବଫର ଷ୍ଟକରେ ଅତି କମରେ ୩୫ ଲକ୍ଷ ଟନ୍ ଡାଲି ରହିବା ଉଚିତ। ୨୦୨୧-୨୨ ବର୍ଷରେ ଏହା ୩୦ ଲକ୍ଷ ଟନ୍ ଏବଂ ୨୦୨୨-୨୩ ରେ ୨୮ ଲକ୍ଷ ଟନ୍ ଥିଲା। ହେଲେ ଚଳିତବର୍ଷ ବର୍ତ୍ତମାନ ବଫର ଷ୍ଟକରେ ଅଧାରୁ କମ୍ ଡାଲି ଉପଲବ୍ଧ। ସୂତ୍ର ଅନୁଯାୟୀ, ସରକାରୀ ଏଜେନ୍ସି ନାଫେଡ୍ ଏବଂ ଏନ୍‌ସିସିଏଫ୍‌ର ଷ୍ଟକରେ କେବଳ ୧୪.୫ ଲକ୍ଷ ଟନ୍ ଡାଲି ବାକି ରହିଛି।

ଦେଶରେ ହରଡ ଡାଲିର ସର୍ବାଧିକ ଚାହିଦା ରହିଛି, କିନ୍ତୁ ବଫର ଷ୍ଟକ୍‌ରେ ଏହାର ପରିମାଣ ମାତ୍ର ୩୫ ହଜାର ଟନ୍। ଏପରି ପରିସ୍ଥିତିରେ ସରକାରଙ୍କ ଚିନ୍ତା ବଢ଼ିବା ନିଶ୍ଚିତ। କ୍ରୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଆଡୁ ୧୩.୨୦ ଲକ୍ଷ ଟନ୍ ହରଡ ଡାଲି କ୍ରୟ ଯୋଜନା ରହିଛି। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ କର୍ଣ୍ଣାଟକରେ ସରକାରୀ ଏଜେନ୍ସିଗୁଡ଼ିକ ଡାଲି କିଣିବା ଆରମ୍ଭ କରିଦେଇଛନ୍ତି। ବର୍ତ୍ତମାନ ସରକାରୀ ସ୍ତରରେ ମୁଗ, ମସୁର ଏବଂ ବୁଟ ଡାଲିର ଷ୍ଟକ୍ ହ୍ରାସ ପାଇଛି।

ଏମଏସପିରେ ଡାଲି କ୍ରୟ ବନ୍ଦ ହେବା ଯୋଗୁଁ, ବଫର ଷ୍ଟକ୍ ପ୍ରଭାବିତ ହୋଇଛି। ସରକାର ୨୦୨୪-୨୫ ଋତୁ ପାଇଁ ହରଡ ଡାଲିର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୭,୫୫୦ ଟଙ୍କା ସ୍ଥିର କରିଛନ୍ତି। ପୂର୍ବ ବର୍ଷଗୁଡ଼ିକରେ ବଜାରରେ ଏହାର ମୂଲ୍ୟ କ୍ୱିଣ୍ଟାଲ ପିଛା ୯୦୦୦ ରୁ ୧୦,୦୦୦ ଟଙ୍କା ଥିଲା। ତେଣୁ, ଚାଷୀମାନେ ସରକାରୀ କ୍ରୟ ଏଜେନ୍ସିଗୁଡ଼ିକୁ ଡାଲି ବିକ୍ରି କରିବାକୁ ମନା କରିଦେଲେ।

## ନିବେଶକଙ୍କର ପ୍ରଥମ ପସନ୍ଦ ରୁପା

### ଏ ପର୍ଯ୍ୟନ୍ତ ଦେଲାଣି ୧୧ ପ୍ରତିଶତ ରିଟର୍ଣ୍ଣ

ନୂଆଦିଲ୍ଲୀ, ୯।୩(ଏଜେନ୍ସି): ସମ୍ପ୍ରତି ଘରୋଇ ବଜାରରେ ସୁନା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ପୁଞ୍ଜି ଜବାରରେ ଅନିଶ୍ଚିତତା ଯୋଗୁ ଘରୋଇ ବଜାରରେ ନିବେଶକଙ୍କ ଲାଗି ସୁନା ଏକ ଭରସାଯୋଗ୍ୟ ନିବେଶମାଧ୍ୟମ ସାଜିଛି। ତେବେ ସୁନା ତୁଳନାରେ ରୁପା ମଧ୍ୟ କୌଣସି ଗୁଣେ ପଛରେ ପଡିନାହିଁ। ସବୁନା ଭଳି ବର୍ତ୍ତମାନ ରୁପା ମଧ୍ୟ ନିବେଶକଙ୍କୁ ନିବେଶ ପାଇଁ ବେଶ ଆକର୍ଷିତ କରୁଥିବା ଜଣାପଡିଛି। ଏହି ଅନୁଯାୟୀ, ଚଳିତ ବର୍ଷ ରୁପା ଏ ପର୍ଯ୍ୟନ୍ତ ନିବେଶକଙ୍କୁ ୧୧ ପ୍ରତିଶତ ରିଟର୍ଣ୍ଣ ଦେଇସାରିଲାଣି। ପୁଞ୍ଜି ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ରୁପା ଆଗାମୀ ୩-୪ ବର୍ଷ ମଧ୍ୟରେ ନିବେଶକଙ୍କୁ ଅଧିକ ରିଟର୍ଣ୍ଣ ଦେବ। ଏଥିସହ ସୁନା ତୁଳନାରେ ରୁପାର ମୂଲ୍ୟ ଅଧିକ ବଢୁଛି। ରୂପା ମୂଲ୍ୟରେ ବୃଦ୍ଧିର ମୁଖ୍ୟ କାରଣ ହେଉଛି, ଏହି ଧାତୁ ଇନଭେଷ୍ଟମେଣ୍ଟ ଆସେଟ ସହ ଶିଳ୍ପ କ୍ଷେତ୍ରରେ ଅଧିକ ବ୍ୟବହାର କରାଯାଉଛି। ଏଥିସହ ସୁନା ତୁଳନାରେ ଏହା ଅଧିକ ସୁଲଭ। ଏଥିପାଇଁ ନିବେଶକମାନେ ଏହାକୁ ଅଧିକ ସହଜରେ କିଣିପାରିବେ। ଏ ସମ୍ପର୍କରେ ମେହେଟା ଇକ୍ୟୁଟିଜ୍ ଲିମିଟେଡର ଉପାଧ୍ୟକ୍ଷ ରାହୁଲ କଲନ୍ତ୍ରୀ କହିଛନ୍ତି ଯେ, ଦେଶରେ ରୁପାର ଫ୍ୟୁଚର ମୂଲ୍ୟ ଗତବର୍ଷ ୧୭.୫୦ ପ୍ରତିଶତ ବଢିଛି। ଏହା ବିଗତ ୧୦ ବର୍ଷରେ ହାରାହାରି ୯.୫୬ ପ୍ରତିଶତରୁ ଅଧିକ। ଗତ ଦୁଇ ବର୍ଷରେ ଏଥିରେ ଦୃଢ ପ୍ରଦର୍ଶନ ଦେଖିବାକୁ ମିଳିଛି ଏବଂ ଚଳିତ ବର୍ଷ ଏପର୍ଯ୍ୟନ୍ତ ଏଥିରେ ୧୧ ପ୍ରତିଶତ ବୃଦ୍ଧି ହୋଇଛି। ଆଜି ରାଜଧାନୀ ନୂଆଦିଲ୍ଲୀରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୦,୫୭୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୮୭,୮୮୦ ଟଙ୍କା ରହିଛି। ସେହିପରି ରୁପା କିଲୋ ପିଛା ୧,୦୨,୨୦୦ ଟଙ୍କାରେ ପହଞ୍ଚିଛି।



- ତୃତୀୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଇଣ୍ଟରନ୍ୟାସନାଲ ଏକ୍ସପୋ ଉଦ୍‌ଯାପିତ

## ଶିଳ୍ପ ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଏକାନ୍ତ ଆବଶ୍ୟକ: ରାଜ୍ୟପାଳ

ଭୁବନେଶ୍ୱର, ୯।୩(ସିମସ)




ଦେଶର ଖଣିଜ-ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖଣି ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ ହୋଇଛି, ଯାହା ନିଯୁକ୍ତି, ଭିତ୍ତିଭୂମି ଏବଂ ଶିଳ୍ପ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଲୁହାପଥର, ବକ୍ସାଇଟ୍, କୋଇଲା, ମାଙ୍ଗାନିଜ୍ ଏବଂ କ୍ରୋମାଇଟ୍‌ର ବିପୁଳ ଭଣ୍ଡାର ସହିତ ଓଡ଼ିଶା ଭାରତର ସମ୍ପଦ-ଚାଳିତ ବିକାଶରେ ଏକ ପ୍ରମୁଖ ରାଜ୍ୟ ଭାବରେ ନିଜକୁ ସ୍ଥାନିତ କରିଛି। ଆଜି ଖଣି କେବଳ ସମ୍ପଦ ଖନନ ଓ ନିଷ୍କାସନ ନୁହେଁ ବରଂ ସ୍ଥାୟୀ ବିକାଶ, ପ୍ରଯୁକ୍ତିବିଦ୍ୟା ଏବଂ ସମାଜ କଲ୍ୟାଣକୁ ପ୍ରାଥମିକତା ଦେଉଛି। ସ୍ୱୟଂଚାଳିତକରଣ, ଡିଜିଟାଲାଇଜେସନ୍ ଏବଂ ସବୁଜ ଖଣି ପଦକ୍ଷେପ ଶିଳ୍ପ କ୍ଷେତ୍ରକୁ ରୂପାନ୍ତରିତ କରୁଛି। କୃତ୍ରିମ ବୁଦ୍ଧିମତ୍ତା, ତଥ୍ୟ ବିଶ୍ଳେଷଣ ଏବଂ ଆଧୁନିକ ଅନୁସନ୍ଧାନ କୌଶଳର ବ୍ୟବହାର ଫଳରେ ଦକ୍ଷତା ବୃଦ୍ଧି କରିବା ସହିତ ପରିବେଶଗତ ପ୍ରଭାବକୁ ହ୍ରାସ କରୁଛି। ଶିଳ୍ପ ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଏକାନ୍ତ ଆବଶ୍ୟକ ବୋଲି ଓଡ଼ିଶା ମାଇନିଂ ଏକ୍ସପୋ ଏବଂ କନକ୍ଲେଭର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସହ ଫ୍ୟୁଚରେକ୍ସର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍‌ୱେଶୀ ଏବଂ ଆୟୋଜକ କମିଟିର ଅଧ୍ୟକ୍ଷ ତଥା ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡକ୍ଟର ତପନ ଚାନ୍ଦ ଆଦି ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। ଚାରି ଦିନର ଏହି ଏକ୍ସପୋରେ ଅତ୍ୟାଧୁନିକ ଖଣି ଯନ୍ତ୍ରପାତି, ଟେକ୍ନୋଲୋଜି ସମାଧାନ, ସେବା ଏବଂ ଖଣି ଏବଂ ଭିତ୍ତିଭୂମି ଶିଳ୍ପର ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା ଯୋଗାଣ ପ୍ରଦର୍ଶନ କରାଯାଇଥିଲା । ୨୫୦ରୁ ଅଧିକ କମ୍ପାନିର ଅଂଶଗ୍ରହଣ ସହିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବ୍ୟକ୍ତିମାନେ ଏହି ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡ଼ିକର ଭବିଷ୍ୟତ ରଚନା କରୁଥିବା ଅତ୍ୟାଧୁନିକ ଅଗ୍ରଗତି ବିଷୟରେ ଅନୁସନ୍ଧାନ କରିବା ପାଇଁ ଏକ ଉଲ୍ଲେଖନୀୟ ପ୍ଲାଟଫର୍ମ ପ୍ରଦାନ କରିଥିଲେ। ଲୁମିନସ୍ ଇନଫୋୱେଜ୍‌ର ପରିଚାଳନା ନିର୍ଦ୍ଦେଶିକା ଜୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ସର୍ବଭାରତୀୟ ବ୍ୟବସାୟୀ ସଂଘର ଆକଳନ

## ହୋଲିରେ ୬୦ ହଜାର କୋଟିର କାରବାର

ନୂଆଦିଲ୍ଲୀ, ୯।୩(ଏଜେନ୍ସି)



ଗତ ବର୍ଷ ତୁଳନାରେ ହୋଇଛି ୨୦% ଅଧିକ କାରବାର

ହୋଲି ପର୍ବ ଆଉ ଅଳ୍ପ କିଛି ଦିନ। ବଜାର ହୋଲି ରଙ୍ଗ, ପାଣି ବନ୍ଧୁକ ଏବଂ ସ୍ୱାଦିଷ୍ଟ ମିଠାରେ ପରିପୂର୍ଣ୍ଣ। ବିଭିନ୍ନ ସ୍ଥାନରେ ହୋଲି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ଏବଂ ଲୋକମାନେ ବହୁତ ଉତ୍ସାହର ସହିତ ହୋଲି ଗୀତରେ ନାଚୁଛନ୍ତି। ଏହି ହୋଲି କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ ସିଧାସଳଖ ବଜାର ଉପରେ ଦେଖାଯାଉଛି। ଚଳିତ ବର୍ଷ କେବଳ ହୋଲିରେ ସାରା ଦେଶରେ ୬୦ ହଜାର କୋଟି ଟଙ୍କାର କାବରାର ହେବ ବୋଲି ଆକଳନ କରାଯାଇଛି।

କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍)ର ମହାସଚିବ ତଥା ସାଂସଦ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ ଏଥର ମଧ୍ୟ ବ୍ୟବସାୟୀ ଏବଂ ଗ୍ରାହକମାନେ ହୋଲି ସେଲ୍ ସମୟରେ ଚୀନ୍ ସାମଗ୍ରୀ ବର୍ଜନ କରିଛନ୍ତି। ଲୋକମାନେ କେବଳ ଭାରତରେ ତିଆରି ହର୍ବାଲ ରଙ୍ଗ ଏବଂ ଗୁଲାଲ, ପିଚକାରୀ, ବେଲୁନ, ଚନ୍ଦନ, ପୂଜା ସାମଗ୍ରୀ, ପୋଷାକ ଏବଂ ଅନ୍ୟାନ୍ୟ ଜିନିଷ କିଣୁଛନ୍ତି। ଏହା ଭାରତୀୟ ଉତ୍ପାଦକ ଏବଂ ବିକ୍ରେତାମାନଙ୍କୁ ବିପୁଳ ଲାଭ ପ୍ରଦାନ କରୁଛି। ବଜାରରେ, ହର୍ବାଲ୍ ରଙ୍ଗର ସର୍ବାଧିକ ଚାହିଦା ରହିଛି। ଲୋକମାନେ ଭାରତୀୟ ଉତ୍ପାଦକମାନଙ୍କ ଦ୍ୱାରା ପ୍ରସ୍ତୁତ ଔଷଧୀୟ ଉତ୍ପାଦ କିଣିବାକୁ ପସନ୍ଦ କରୁଛନ୍ତି। ହୋଲି ଖେଳିବା ପାଇଁ ତିଆରି ରଙ୍ଗ, ପିଚକାରୀ, ଗୁଲାଲ, ଅବିର, ବେଲୁନ, ମିଠା ଏବଂ ସ୍ୱତନ୍ତ୍ର ପୋଷାକର ବଜାରରେ ଦ୍ରୁତ ଚାହିଦା ପରିଲକ୍ଷିତ ହେଉଛି। ବଜାରରେ ଗ୍ରାହକଙ୍କ ଏହି ଭିଡ଼ ହୋଲି ପରେ ନବରାତ୍ରି ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଶା କରାଯାଉଛି।

କ୍ୟାଟ୍‌ର କହିବାନୁଯାୟୀ, ଚଳିତ ବର୍ଷ ହୋଲିରେ ୬୦ ହଜାର କୋଟି ଟଙ୍କାରୁ ଅଧିକ କାରବାର ହୋଇପାରେ। ଏହା ଗତ ବର୍ଷ ତୁଳନାରେ ପ୍ରାୟ ୨୦% ଅଧିକ। ଗତ ବର୍ଷ, ଅନ୍ୟାନ୍ୟ କ୍ଷେତ୍ରରେ ବଜାର ଦୁର୍ବଳ ଥିଲେ ମଧ୍ୟ, ହୋଲିରେ ସମାନ ସମୟ ମଧ୍ୟରେ ସାରା ଦେଶରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ବେପାର ହୋଇଥିଲା। ଏଥର କେବଳ ଦେଶର ରାଜଧାନୀ ଦିଲ୍ଲୀରେ ୮ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର କାରବାର ହେବାର ସମ୍ଭାବନା ରହିଛି।

## ବାଂଲାଦେଶରେ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଆରମ୍ଭ କରିବେ ଏଲନ୍ ମସ୍କ

### ଷ୍ଟାର ଲିଙ୍କ୍‌କୁ ନିଜ ଜମି ଦେଉଛନ୍ତି ବାଲାଂଦେଶ କମ୍ପାନୀ

ନୂଆଦିଲ୍ଲୀ, ୯।୩(ଏଜେନ୍ସି)

ଏଲନ୍ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ ବାଂଲାଦେଶରେ ଏହାର ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଆରମ୍ଭ କରିବାକୁ ଯାଉଛି। ଶନିବାର ଅଧିକାରୀମାନେ କହିଥିଲେ ଯେ ଅନେକ ବାଂଲାଦେଶୀ କିଛି ସ୍ଥାନରେ, କମ୍ପାନୀଗୁଡ଼ିକ ଷ୍ଟାରଲିଙ୍କକୁ ସେମାନଙ୍କର ଜମି ଦେଉଛନ୍ତି। କିଛି ସ୍ଥାନରେ ଷ୍ଟାରଲିଙ୍କ ହାଇ-ଟେକ୍ ପାର୍କର ସମ୍ପତ୍ତି ବିଷୟରେ ମଧ୍ୟ ବିଚାର କରୁଛି। ମୁଖ୍ୟ ପରାମର୍ଶଦାତାଙ୍କ ସ୍ୱତନ୍ତ୍ର ସହାୟକ ଫୈଜ ଅହମ୍ମଦ ତୈୟବ କହିଛନ୍ତି ଯେ ସ୍ଥାନ ଏବଂ କାର୍ଯ୍ୟାନ୍ୱୟନ




କମ୍ପାନୀ ଷ୍ଟାରଲିଙ୍କ୍ ସହିତ ସହଭାଗୀ ହୋଇଛନ୍ତି। ଏହି କମ୍ପାନୀଗୁଡ଼ିକ ଷ୍ଟାରଲିଙ୍କ୍ ଗ୍ରାଉଣ୍ଡ ଆର୍ଥ ଷ୍ଟେସନ ନିର୍ମାଣରେ ସାହାଯ୍ୟ କରିବେ। ଏଥିପାଇଁ ବାଂଲାଦେଶୀ କମ୍ପାନୀଗୁଡ଼ିକ ଷ୍ଟାରଲିଙ୍କ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ସମ୍ପ୍ରତି ଆମେରିକାର ଏକ ଟେଲିକମ୍ ସେବା ପ୍ରଦାନକାରୀ ଟିମ୍ ବାଂଲାଦେଶ ଗସ୍ତ କରୁଛନ୍ତି। ଏହି ଟିମ୍ ଷ୍ଟାରଲିଙ୍କ ସହିତ କାମ କରୁଛି। ଏହି ସହଭାଗୀତାରେ ଜମି ଯୋଗାଇବା, ଭିତ୍ତିଭୂମି ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ସହାୟତା ଅନ୍ତର୍ଭୁକ୍ତ। ଷ୍ଟାରଲିଙ୍କ ଟିମ୍‌ର ଗସ୍ତ ବାଂଲାଦେଶୀ କମ୍ପାନୀଗୁଡ଼ିକୁ ଷ୍ଟାରଲିଙ୍କ୍ କେଉଁ ସ୍ଥାନଗୁଡ଼ିକରେ କାର୍ଯ୍ୟ କରିବାକୁ ଚାହୁଁଛି ସେ ବିଷୟରେ ଜାଣିବାରେ ସାହାଯ୍ୟ କରୁଛି। ବିବରଣୀ ଏପର୍ଯ୍ୟନ୍ତ ଆଲୋଚନାଧୀନ ଅଛି। ତୈୟବ ଆଶା କରୁଛନ୍ତି ଯେ ଷ୍ଟାରଲିଙ୍କ ବାଂଲାଦେଶର ସହର ଏବଂ ଦୁର୍ଗମ ଅଞ୍ଚଳଗୁଡ଼ିକୁ ଦ୍ରୁତ ଇଣ୍ଟରନେଟ୍ ଯୋଗାଇବ। ସେ ଉତ୍ତର ଅଞ୍ଚଳ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ସେ କହିଛନ୍ତି ଯେ ବିଦ୍ୟୁତ୍ କାଟ୍ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କୌଣସି ସମସ୍ୟା ହେବ ନାହିଁ। ସେ ଆହୁରି କହିଛନ୍ତି, ଆମେ ଆଗାମୀ ୯୦ ଦିନ ମଧ୍ୟରେ ଷ୍ଟାରଲିଙ୍କ ସହିତ ଏକ ସମ୍ଭାବ୍ୟ ମଡେଲ କାର୍ଯ୍ୟକାରୀ କରିବାକୁ ଚେଷ୍ଟା ଜାରି ରଖିବୁ। ତାଇବ ଆଶା କରୁଛନ୍ତି ଯେ ଷ୍ଟାରଲିଙ୍କ ବାଂଲାଦେଶର ସହର ଏବଂ ଦୁର୍ଗମ ଅଞ୍ଚଳଗୁଡ଼ିକୁ ଦ୍ରୁତ ଇଣ୍ଟରନେଟ୍ ଯୋଗାଇବ।

## ମହିଳାଙ୍କୁ ସଶକ୍ତ କରିବାର ଅର୍ଥନୈତିକ ନିଷ୍ପତ୍ତି ଭାରତ ନେଇପାରିବ

ଭୁବନେଶ୍ୱର, ୯।୩(ସିମସ)

ତୃଣମୂଳ ସ୍ତରରେ ମହିଳାଙ୍କ ବିକାଶରେ ନିବେଶ କରିବା କେବଳ ଏକ ସାମାଜିକ ଆବଶ୍ୟକତା ନୁହେଁ, ବରଂ ଏହି ଚତୁର ଅର୍ଥନୈତିକ ନିଷ୍ପତ୍ତି ଭାରତ ନେଇପାରିବ। ବିଶ୍ୱବ୍ୟାଙ୍କର ଏକ ଆକଳନ ଅନୁସାରେ ଶ୍ରମଶକ୍ତି ଅଂଶଗ୍ରହଣରେ ଲିଙ୍ଗଗତ ପାର୍ଥକ୍ୟକୁ ଦୂର କରାଯାଇପାରିଲେ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ୨୮ ଟ୍ରିଲିଅନ ଡଲାର ଯୋଡ଼ିହୋଇପାରିବ। ମହିଳା ଶ୍ରମଶକ୍ତି ଅଂଶଗ୍ରହଣରେ ୧୦ ପ୍ରତିଶତ ବୃଦ୍ଧି ଘଟିଲେ ଭାରତକୁ ୭୭୦ ବିଲିୟନ ଡଲାର ଲାଭ ମିଳିପାରିବ। ଭାରତ ସରକାରଙ୍କ ସ୍କିଲ ଇଣ୍ଡିଆ ମିସନ ଭଳି ଅଭିଯାନ ଭାରତର



ମହିଳା ଶ୍ରମଶକ୍ତି ଯୋଗଦାନ ହାର ୨୫ ପ୍ରତିଶତ ଭଳି ଚିନ୍ତାଜନକ ନିମ୍ନ ସ୍ତରରେ ରହିଛି। ଅର୍ଥନୈତିକ ସଶକ୍ତୀକରଣ କେବଳ ନିଯୁକ୍ତି ନୁହେଁ, ଏହା ହେଉଛି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ବିଷୟ। ଲାଡଲି ଲକ୍ଷ୍ମୀ ଯୋଜନା ଓ ବେଟି ବଚାଓ ବେଟି ପଢ଼ାଓ ଭଳି କାର୍ଯ୍ୟକ୍ରମ ବାଳିକାମାନଙ୍କ ଶିକ୍ଷାକୁ ପ୍ରୋତ୍ସାହିତ କରିବାର ମାନସିକତାକୁ ବଦଳାଇଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ ବାଳିକାକୁ ଅଧିକ ଏକ ବର୍ଷ ଶିକ୍ଷା ତାହାର ଭବିଷ୍ୟତ ଆୟକୁ ୧୦-୨୦ ପ୍ରତିଶତ ବଢ଼ାଇଥାଏ। ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ ଶିକ୍ଷାରେ ଲିଙ୍ଗଗତ ଅସମାନତାକୁ ଦୂର କରିବା ଦିଗରେ ଜାତୀୟ ଶିକ୍ଷା ନୀତି ୨୦୨୦ରେ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାଦ୍ୱାରା ତୃଣମୂଳ ସ୍ତରରେ ନିଯୁକ୍ତି ଓ ଉଦ୍ୟମିତା ଦକ୍ଷତା ବଢ଼ିବ ବୋଲି ହିନ୍ଦୁସ୍ତାନ ଜିଙ୍କ୍‌ର ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷା ପ୍ରିୟା ପ୍ରକାଶ ହେବର କହିଛନ୍ତି।

## ଅନ୍ତର୍ଜାତୀୟ ଗ୍ରୀଡ୍‌କନ୍ ୨୦୨୫ ଅନୁଷ୍ଠିତ



ନୂଆଦିଲ୍ଲୀ, ୯।୩(ଏଜେନ୍ସି): ଅନ୍ତର୍ଜାତୀୟ ଗ୍ରୀଡ୍‌କନ୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହାକୁ କେନ୍ଦ୍ର ଶକ୍ତି ଏବଂ ଗୃହ ଏବଂ ସହରାଞ୍ଚଳ ମନ୍ତ୍ରୀ ମନୋହରଲାଲ୍ ଉଦ୍‌ଘାଟନ କରିଛନ୍ତି। ଦ୍ୱାରକାସ୍ଥିତ ଯଶୋଭୂମି ସ୍ଥିତ ଆଇଆଇସିସିଠାରେ ଅନୁଷ୍ଠିତ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ତଥା ପ୍ରଦର୍ଶନୀରେ କେନ୍ଦ୍ର ଶକ୍ତି ଏବଂ ନବୀକରଣଯୋଗ୍ୟ ମନ୍ତ୍ରୀ ଶ୍ରୀପଦ ୟେସୁ ନାୟକ ଉପସ୍ଥିତ ଥିଲେ । ଗ୍ରୀଡ୍‌କନ୍ ୨୦୨୫ର ଉଦ୍‌ଘାଟନୀରେ ସାରା ବିଶ୍ୱରୁ ଶକ୍ତି କ୍ଷେତ୍ରରୁ ପ୍ରଫେସନାଲମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପାୱାରଗ୍ରୀଡ୍‌ର ସିଏମ୍‌ଡି ଆର୍‌କେ ତ୍ୟାଗୀ ଉପସ୍ଥିତ ଥିଲେ।

### ଏମ୍‌ଏସ୍‌ଏମ୍‌ଇ ପାଇଁ ନୂଆ କ୍ରେଡିଟ୍ ମୂଲ୍ୟାଙ୍କନ ବ୍ୟବସ୍ଥା

# ତୃତୀୟ ପକ୍ଷ ଉପରେ ନିର୍ଭର କରିବେନି ବ୍ୟାଙ୍କ

ନୂଆଦିଲ୍ଲୀ, ୯।୩(ଏଜେନ୍ସି): ଏଣିକି ଅଣୁ , କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)କୁ ଋଣ ପ୍ରଦାନ କରିବା ପାଇଁ ବ୍ୟାଙ୍କଗୁଡ଼ିକ ଆଉ କୌଣସି ତୃତୀୟ ପକ୍ଷ କିମ୍ବା ସେମାନଙ୍କର ଟର୍ଣ୍ଣଓଭର ସୂଚନା ଉପରେ ନିର୍ଭର କରିବେ ନାହିଁ। ବ୍ୟାଙ୍କଗୁଡ଼ିକ ବାହ୍ୟ ମୂଲ୍ୟାଙ୍କନ ଉପରେ ନିର୍ଭର କରିବା ପରିବର୍ତ୍ତେ ସେମାନଙ୍କର ଆଭ୍ୟନ୍ତରୀଣ କ୍ଷମତା ବିକଶିତ କରିବେ। ଏହା ସମ୍ପୂର୍ଣ୍ଣ ଡିଜିଟାଲ୍ ଏବଂ ଡାଟାବେସ୍ ଆଧାରିତ ହେବ। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଗୁରୁବାର ନୂତନ କ୍ରେଡିଟ୍ ମୂଲ୍ୟାୟନ ମଡେଲ୍ ଆରମ୍ଭ କରିଛନ୍ତି। ଚଳିତ ଆର୍ଥିକବର୍ଷ ୨୦୨୪-୨୫ ପାଇଁ ଗତ ବର୍ଷ ଜୁଲାଇରେ ଉପସ୍ଥାପିତ ବଜେଟରେ ଏହି ପ୍ରକାରର ମଡେଲ ଗ୍ରହଣ କରାଯିବାର ଘୋଷଣା କରାଯାଇଥିଲା। ଏହି ମଡେଲକୁ ଆପଣାଇବା ଦ୍ୱାରା ଏମ୍‌ଏସ୍‌ଏମ୍‌ଇକୁ ଋଣ ପାଇଁ ବ୍ୟାଙ୍କ କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯିବାକୁ ପଡିବନାହିଁ। ଏହି ମଡେଲ୍ ମାଧ୍ୟମରେ ସେମାନେ ଯେ କୌଣସି ସ୍ଥାନରୁ ଋଣ ପାଇଁ ଆବେଦନ କରିପାରିବେ ଏବଂ ଏଥିପାଇଁ କୌଣସି କାଗଜପତ୍ର କରିବାର ଆବଶ୍ୟକତା ନାହିଁ। ଏହି ମାଧ୍ୟମକୁ ଗ୍ରହଣ କରିବାର ଆଉ ଏକ ସୁବିଧା ହେବ ଯେ ଡିଜିଟାଲ୍ ମାଧ୍ୟମରେ ଋଣ ତୁରନ୍ତ ନୀତିଗତ ଅନୁମୋଦନ ପାଇବ। ଋଣ ପ୍ରସ୍ତାବଗୁଡ଼ିକୁ ସୁଗମ ଭାବରେ ପ୍ରକ୍ରିୟାକରଣ କରାଯାଇପାରିବ, କାର୍ଯ୍ୟ ଏବଂ ସେବା ପ୍ରଦାନ ସମୟ ହ୍ରାସ ପାଇବ ଏବଂ ତଥ୍ୟ ଆଧାରରେ ନିରପେକ୍ଷ ଏବଂ ସ୍ୱଚ୍ଛ ଭାବରେ ଋଣ ପ୍ରଦାନ କରାଯାଇପାରିବ। ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗ ପାଇଁ କ୍ରେଡିଟ୍ ଗ୍ୟାରେଣ୍ଟି ପାଣ୍ଠି ଟ୍ରଷ୍ଟ ଅଧୀନରେ ଋଣ ପାଇଁ କୌଣସି ବନ୍ଧକ ପ୍ରଦାନ କରିବାର ଆବଶ୍ୟକତା ମଧ୍ୟ ରହିବ ନାହିଁ। ନୂତନ ମଡେଲ ଅନୁଯାୟୀ, ଆବେଦନକାରୀଙ୍କ ଡିଜିଟାଲ୍ ଏବଂ ଯାଞ୍ଚଯୋଗ୍ୟ ଉପଲବ୍ଧ ତଥ୍ୟ ବ୍ୟବହାର କରାଯିବ। ଏହା ଏମ୍‌ଏସ୍‌ଏମ୍‌ଇ ସହିତ ଜଡିତ ନୂତନ ଉଦ୍ୟୋଗୀମାନଙ୍କୁ ଋଣ ନେବା ମଧ୍ୟ ସହଜ କରିବ। ନ୍ୟାସନାଲ ସିକ୍ୟୁରିଟିଜ୍ ଡିପୋଜିଟୋରୀ ଲିମିଟେଡ୍ ବ୍ୟବହାର କରି ନାମ ଏବଂ ପ୍ୟାନ୍ ଯାଞ୍ଚ କରାଯିବ, ଓଟିପି ସାହାଯ୍ୟରେ ଇମେଲ୍ ଏବଂ ଫୋନ୍ ନମ୍ବର ଯାଞ୍ଚ କରାଯିବ, ଆୟକର ରିଟର୍ଣ୍ଣ, ବ୍ୟାଙ୍କ ଷ୍ଟେଟମେଣ୍ଟରୁ ଆର୍ଥିକ ବିଶ୍ଳେଷଣ କରାଯିବ। ଆବେଦନକାରୀଙ୍କ ବାଣିଜ୍ୟିକ ଏବଂ ଗ୍ରାହକ ସୂଚନା ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍ (ଏପିଆଇ) ସାହାଯ୍ୟରେ ପ୍ରାପ୍ତ କରାଯିବ। ଡିଜିଟାଲ ତଥ୍ୟ ସାହାଯ୍ୟରେ ଆବେଦନକାରୀଙ୍କ ଚିତ୍ର ଯାଞ୍ଚ କରାଯିବ।



# ସ୍ପେଶାଲ ଅଲିମ୍ପିକ୍ସ ୱିଣ୍ଟର ଗେମ୍ସ ଉଦ୍‌ଘାଟିତ





**ଟୁରିନ୍,ଇଟାଲୀ, ୯।୩ (ଏଜେନ୍ସି)**

ସ୍ପେଶାଲ ଅଲିମ୍ପିକ୍ସ ୱିଣ୍ଟର ଗେମ୍ସ ବା ସ୍ୱତନ୍ତ୍ର ଅଲିମ୍ପିକ୍ସ ଶୀତକାଳୀନ କ୍ରୀଡ଼ା ପ୍ରତିଯୋଗିତା ଇଟାଲୀର ଟୁରିନ୍ ସହରରେ ଶନିବାର ରାତିରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାର ଥିମ୍ ଥିଲା ଆଶାର ମଶାଲ ବା ଫ୍ଲେମ୍ ଅଫ୍ ହୋପ୍। 'ମୋତେ ଜିତିବାକୁ ଦିଅ, ଯଦି ଜିତି ନ ପାରେ ତେବେ ପୁଣିଥରେ ଚେଷ୍ଟା କରିବାକୁ ସୁଯୋଗ ଦିଅ' ବୋଲି ପ୍ରତିଯୋଗୀମାନେ ଶପଥ ନେଇଥିଲେ। ମାନସିକ ଭିନ୍ନକ୍ଷମ ପ୍ରତିଯୋଗୀଙ୍କ ଲାଗି ଚଳିତବର୍ଷ ଏହା ହେଉଛି ସର୍ବବୃହତ୍ ପ୍ରତିଯୋଗିତା। ଏଥିରେ ୧୦୦ଟି ଦେଶରୁ ୧୫୦୦୦ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ମାର୍ଚ୍ଚ ୧୫ ତାରିଖଯାଏ ହେବାକୁ ଥିବା ଏହି ମେଗା ଇଭେଣ୍ଟରେ ୧୦୦୦ କୋଚ୍, ୨୦୦୦ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରୁଛନ୍ତି। ଏଥିରେ ଆଲପାଇନ୍ ସ୍କିଙ୍ଗ୍, କ୍ରସ କଣ୍ଟ୍ରି ସ୍କିଙ୍ଗ୍, ଡ୍ୟାନ୍ସ ସ୍ପୋର୍ଟ୍ସ, ଫିଗର ସ୍କେଟିଂ, ଫ୍ଲୋରବଲ୍, ଶର୍ଟ ଟ୍ରାକ୍ ସ୍ପିଡ୍ ସ୍କେଟିଂ, ସ୍ନୋ ବୋର୍ଡିଂ ଓ ସ୍ନୋଶୋଇଂ ଭଳି ପ୍ରତିଯୋଗିତାମାନ ଆୟୋଜିତ ହେବ। ଇଟାଲୀ ପ୍ରଥମଥର ଏଭଳି ଏକ ପ୍ରତିଯୋଗିତା ଆୟୋଜନ କରିଥିବାରୁ ଏହାକୁ ସଫଳ କରିବା ଲାଗି ସମସ୍ତ ପ୍ରକାର ଯୋଜନା କରାଯାଇଛି। ବିଭିନ୍ନ ଦେଶର ନେତୃବୃନ୍ଦଙ୍କୁ ମଧ୍ୟ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ପତ୍ନୀ ଉଷା ଭାନ୍ସ ମାର୍ଚ୍ଚପାଷ୍ଟରେ ଦଳର ନେତୃତ୍ୱ ନେଇଥିଲେ।

ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ହେଲା ବିଶ୍ୱରେ ଥିବା ମାନସିକ ଅନଗ୍ରସର ଆଥ୍ଲେଟମାନଙ୍କୁ କ୍ରୀଡ଼ା ପ୍ରତିଭାଗ ପ୍ରଦର୍ଶନ କରାଇବା। ଏହି ବ୍ୟକ୍ତିବିଶେଷଙ୍କୁ ସାଧାରଣତଃ ସମାଜରେ ଗୁରୁତ୍ୱ ଦିଆଯାଇ ନ ଥାଏ। ସେମାନେ ଯେପରି କ୍ରୀଡ଼ା ମାଧ୍ୟମରେ ନିଜର ପ୍ରତିଷ୍ଠା ପ୍ରଦର୍ଶନ କରିବା ସହ ସାଧାରଣବର୍ଗରେ ମଣିଷଙ୍କ ପରି ହୋଇପାରିବେ ସେଥିଲାଗି ଚେଷ୍ଟା କରାଯାଇଛି। ମାନବ ସମାଜରେ ସନ୍ତୁଳନ ରକ୍ଷା କରିବା ଦିଗରେ ଏହି ପ୍ରତିଯୋଗିତା ଏକ ଆନ୍ଦୋଳନରେ ପରିଣତ ହୋଇଛି। ଏଣୁ ମାନସିକ ଅନଗ୍ରସରଙ୍କ ଲାଗି ଏଭଳି ଏକ ମଞ୍ଚ ସମ୍ମାନର ସହ ବଞ୍ଚିବାକୁ ସୁଯୋଗ ଦେଉଛି। ବିଶ୍ୱର ସମସ୍ତ କୋଣ ଅନୁକୋଣରୁ ପ୍ରତିଯୋଗୀମାନେ ଏକତ୍ର ହେବା ମଧ୍ୟ ଆଉ ଏକ ବଡ଼ କଥା। ଭାବ ଆଦାନପ୍ରଦାନ ସହ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ଏପରି ପ୍ରତିଯୋଗୀଙ୍କୁ ବେଶ ଆନନ୍ଦ ଦେଇଥାଏ। ଏହି ପ୍ରତିଯୋଗିତାରେ ୟୁରୋଏସିଆରୁ ସର୍ବାଧିକ ୫୮ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାକୁ ଆୟୋଜନ କରିଥିବାରୁ ସ୍ପେଶାଲ ଅଲିମ୍ପିକ୍ସ ୟୁରୋପ-ଏସିଆ ସଭାପତି ତଥା ଏମ୍‌ଡି ଡେଭିଡ୍ ଇଭାନଜେଲିଷ୍ଟା ଇଟାଲୀକୁ ଧନ୍ୟବାଦ ଜଣାଇଛନ୍ତି। 'ଆମକୁ ଏପରି ଏକ ମଞ୍ଚରେ ଏକତ୍ରିତ ହେବାକୁ ସୁଯୋଗ ଦେଇଥିବାରୁ ଆମେ ଆୟୋଜକ ଦେଶକୁ ଅଶେଷ ଧନ୍ୟବାଦ ଜ୍ଞାପନ କରୁଛୁ। ଏହା ବ୍ୟତୀତ ଆୟୋଜନ କରୁଥିବା ସହର ଟୁରିନ୍‌ର ସମସ୍ତ ବ୍ୟକ୍ତିବିଶେଷ ଓ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ସ୍ଥାନୀୟ ଆୟୋଜନ କମିଟି, ସ୍ପେଶାଲ ଅଲିମ୍ପିକ୍ସ ଇଟାଲିଆ'କୁ ମଧ୍ୟ ଡେଭିଡ କୃତଜ୍ଞତା ଜଣାଇଛନ୍ତି। ସ୍ପେଶାଲ ଅଲିମ୍ପିକ୍ସ ଭାରତ ଏହି ପ୍ରତିଯୋଗିତାରେ ଭାଗ ନେଇଛି। ଏଥିରେ ୪୯ ଜଣ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୩୦ ପ୍ରତିଯୋଗୀ ଓ ୧୯ ଜଣ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଓଡ଼ିଶାରୁ ଜଣେ ପ୍ରତିଯୋଗୀ ରହିଥିଲାବେଳେ ସ୍ପେଶାଲ ଅଲିମ୍ପିକ୍ସ ଓଡ଼ିଶାର ପ୍ରକାଶ ରଥ ପରିଚାଳନାରେ ସହଯୋଗ କରିବା ଲାଗି ମନୋନୀତ ହୋଇଛନ୍ତି।

■ ପୀତବାସ ସ୍ମାରକୀ ଚେସ୍

## ରବୀନ୍ଦ୍ର ଓଝାଙ୍କୁ ଟାଇଟଲ୍



ଭୁବନେଶ୍ୱର, ୯।୩ (ସମିସ): କଟକର ବିଶିଷ୍ଟ କୋଚ୍ ରବୀନ୍ଦ୍ର ଓଝା ଦ୍ୱିତୀୟ ରାଜ୍ୟସ୍ତରୀୟ ପୀତବାସ ଆଚାର୍ଯ୍ୟ ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଏହି ପ୍ରତିଯୋଗିତା ରବିବାର ଆୟୋଜିତ ହୋଇଥିଲା। ଏଥିରେ ରବୀନ୍ଦ୍ର ଏକାକୀ ସର୍ବାଧିକ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ ଓ କଟକର ଲଳିତରଞ୍ଜନ ସାହୁ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ରନର୍ସଅପ୍ ଓ ତୃତୀୟସ୍ଥାନ ଅଧିକାର କରିଛନ୍ତି। କଟକର ପ୍ରତ୍ୟୁଷ ମହାପାତ୍ର, ଛତିଶଗଡ଼ର ଲବ୍ୟଜ୍ୟୋତି ରାଉତରାୟ, ଭୁବନେଶ୍ୱରର ଓମ୍‌ସ୍ୱରୂପ ପାଢ଼ୀ ଓ ଜଟଣୀର ସ୍ଥିତପ୍ରଜ୍ଞ ସାହୁ ଯଥାକ୍ରମେ ଚତୁର୍ଥରୁ ସପ୍ତମସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାକୁ ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ କମଳକୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଫୁଟ୍‌ବଲ: ଧର୍ମଶାଳା ଚାମ୍ପିଅନ



ଭାପୁର, ୯।୩(ସମିସ): ଧର୍ମଶାଳା ( ଯାଜପୁର) ଦଳ ୧-୦ ଗୋଲରେ ମଙ୍ଗଳା କ୍ଲବ କଟକକୁ ହରାଇ ଏଠାରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲରେ ଚାମ୍ପିଅନ ହୋଇଛି। ଖେଳର ପ୍ରଥମାର୍ଦ୍ଧର ପାଞ୍ଚ ମିନିଟରେ ଧର୍ମଶାଳା ଦଳର ୧୦ ନମ୍ବର ଜର୍ସି ମାନସ କୁମାର ମଲ୍ଲିକ ଦଳ ପକ୍ଷରୁ ଏକମାତ୍ର ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଅନ୍ତଃର୍ଗତ ଭାପୁର ସମ୍ପର୍କ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ଖେଳପଡିଆରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌କୁ ରେଫରୀ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ଲାଇନରେ ସହଯୋଗ କରିଥିଲେ ପ୍ରସନ୍ନ ନାୟକ ଓ ପ୍ରଫୁଲ୍ଲ ବେହେରା। ଚତୁର୍ଥ ରେଫରି ଭାବେ ଶରତ ମହାପାତ୍ର ଓ ସାଗିର ଅହମ୍ମଦ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ କମିଶନର ଥିଲେ ଅବଦୁଲ ଦୟାନ ଖାନ। ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବପ୍ରସାଦ ଷଡଙ୍ଗୀ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, ମଧୁସୂଦନ ରଥ, ଶତ୍ରୁଘ୍ନ ପଣ୍ଡା, ଡ ପ୍ରଦୀପ କୁମାର ପାଇକରାୟ, ବରିଷ୍ଠ ଫୁଟବଲ ଖେଳାଳି ଭିକାରୀ ଖଣ୍ଡାୟତ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ମହାରଣା, ସାମ୍ବାଦିକ ବିଭୁତି ଭୂଷଣ ମହାପାତ୍ର ଓ ମିହିର ମହାପାତ୍ର ଯୋଗ ଦେଇଥିଲେ। ଶ୍ରେଷ୍ଠ ଗୋଲକିପର ଧର୍ମଶାଳାର ଅନୁପମ ଓ ଶ୍ରେଷ୍ଠ ଖେଳାଳି ମଙ୍ଗଳା କ୍ଲବର ଗଣେଶ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ପ୍ରଧାନ ବିଜୟୀ ଧର୍ମଶାଳା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସ ଅପ ମଙ୍ଗଳା କ୍ଲବକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଇକ୍ଲିଂ ଉଦ୍‌ଘାଟିତ

**ଭୁବନେଶ୍ୱର, ୯।୩ (ସମିସ):** ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଇକ୍ଲିଂ (ପୁରୁଷ ଓ ମହିଳା) ଚାମ୍ପିଅନସିପ୍ ରବିବାର ସ୍ଥାନୀୟ କିସ୍ କ୍ୟାମ୍ପସ-୪ ସ୍ଥିତ ମିନତୀ ମହାପାତ୍ର ସାଇକ୍ଲିଂ ଭେଲୋଡ୍ରମରେ ଉଦ୍‌ଘାଟିତ ହୋଇଯାଇଛି। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ), ଭାରତୀୟ ସାଇକ୍ଲିଂ ମହାସଂଘ, ଓଡ଼ିଶା ସାଇକ୍ଲିଂ ସଂଘ ଏବଂ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ଗୁରୁବାର ଉଦ୍‌ଯାପିତ ହେବ। ଏଥିରେ ସାରା ଦେଶରୁ ୪୧ ବିଶ୍ୱବିଦ୍ୟାଳୟର ୪୦୦ ପାଖାପାଖି ସାଇକ୍ଲିଷ୍ଟ ଅଂଶଗ୍ରହଣ କରିଛନ୍ତି।

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରଥମ ଅର୍ଜୁନ ପୁରସ୍କାର ବିଜୟିନୀ ତଥା ଓଡ଼ିଶା ସାଇକ୍ଲିଂ ସଂଘର ସଭାପତି ମିନତୀ ମହାପାତ୍ର, ଅନ୍ତର୍ଜାତୀୟ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ, କିସ୍‌ର ଭାଇସ ଚାନସେଲର ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ସେହିଭଳି ଏଆଇୟୁ ପର୍ଯ୍ୟବେକ୍ଷକ ସୁଦାମ ରୋକାଡେ, ରାଜ୍ୟ ସାଇକ୍ଲିଂ ସଂଘର ସମ୍ପାଦକ ପ୍ରସନ୍ନ ରାଉତ, ଡ. ଗଗନେନ୍ଦୁ ଦାସ ପ୍ରମୁଖ ପରିଚାଳନରେ ସହଯୋଗ କରିଥିଲେ। ଅପରପକ୍ଷରେ କିଟ୍‌ରେ ମଧ୍ୟ ରବିବାର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ୍ (ମହିଳା) ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଆୟୋଜକ କିଟ୍ ୧୦ ୱିକେଟରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛି। । ଟୁର୍ଣ୍ଣାମେଣ୍ଟର ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିବା ଚଣ୍ଡିପ୍ରସନ୍ନ ମହାପାତ୍ର, ପ୍ରଦୀପ କୁମାର ଜେନାଙ୍କୁ ପୁରସ୍କୃତ କରାଯାଇଥିଲା।

■ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ

## ଫାଇନାଲ୍‌ରେ ସମ୍ବଲପୁରର ଏମ୍‌ଏମ୍‌ସିସି

**ଭୁବନେଶ୍ୱର, ୯।୩ (ସମିସ):** ରଣଜୀ ତାରକା ଗୋବିନ୍ଦ ପୋଦ୍ଦାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ସମ୍ବଲପୁରର ଏମ୍‌ଏମ୍‌ସିସି ୪ ୱିକେଟରେ କଟକର ସାଇ ଏକାଦଶକୁ ପରାସ୍ତ କରି ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଢେଙ୍କାନାଳର ଆଇକନିକ ଏକାଦଶ ଓ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଏମଏମ୍‌ସିସି ଆସନ୍ତା ୧୨ ତାରିଖ ବୁଧବାର ଫାଇନାଲ ମୁକାବିଲା ହେବ। ଆଜି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ୩୦ ବଲ୍‌ରୁ ୭ ଚୌକା ଓ ୫ ଛକା ସହ ୬୯ ରନ୍ କରିଥିବା ଏମ୍‌ଏମ୍‌ସିସିର ଗୋବିନ୍ଦ ପୋଦ୍ଦାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ତମାଣ୍ଡୋ



ଆଦ୍ୟାଶକ୍ତି ଭଣ୍ଡାରର ପ୍ରୋପାଇଟର ସୁକାନ୍ତ କୁମାର ବେହେରା ଅତିଥିଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ତମାଣ୍ଡୋ କ୍ରିକେଟ କ୍ଲବ୍ ପଡ଼ିଆରେ ରବିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସାଇ ଏକାଦଶ ୧୮.୫ ଓଭରରେ ୧୪୪ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଶିବମ ଚୌଧୁରୀ ୪୨ ବଲ୍‌ରୁ ୭ ଚୌକା ଓ ୪ଛକା ସହ ସର୍ବାଧିକ ୮୦ ରନ୍ କରିଥିଲେ। ପ୍ରତିପକ୍ଷ ସମ୍ବଲପୁର ଦଳର ପ୍ରିୟାଂଶୁ ଗୌତମ ଓ ଆୟୁଷ ବାରିକ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଏମ୍‌ଏମ୍‌ସିସି ୧୭.୪ ଓଭରରେ ୬ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଗୋବିନ୍ଦଙ୍କ ୬୯ ରନ୍ ବ୍ୟତୀତ ଅନିକେତ ସିଂ ୧୭ ରନ୍ କରିଥିଲେ। ଦୁଇ ରଣଜୀ ତାରକା ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦୀପକ ବେହେରା ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଇଣ୍ଡିଆନ ଓମେନ୍ସ ଲିଗ୍

## ଇଷ୍ଟ ବେଙ୍ଗଲଠୁ ହାରିଲା ଓଡ଼ିଶା ଏଫ୍‌ସି

**ନୂଆଦିଲ୍ଲୀ, ୯।୩(ଏଜେନ୍ସି):** ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଟେବଲ ଟପ୍ପର ଇଷ୍ଟବେଙ୍ଗଲ ଏଫ୍‌ସିଠାରୁ ୧-୩ ଗୋଲରେ ପରାସ୍ତ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଘରୋଇ ପରିବେଶରୁ ଫାଇଦା ଉଠାଇ କେତୋଟି ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଗୋଲ ଦେବାର ସଫଳ ହୋଇ ନଥିଲା। ଘାନାର ୨୧ ବର୍ଷୀୟା ଫରୱାର୍ଡ ଏଲସାଦାଇ ଆଚେମପଙ୍ଗ ୩ଟି ଗୋଲ ସ୍କୋର ହ୍ୟାଟ୍ରିକ ଅର୍ଜନ କରିବା ସହ ଇଷ୍ଟବେଙ୍ଗଲକୁ ଜିତାଇବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏବେ ଓଡ଼ିଶା ତା'ର ଅଗାମୀ ମ୍ୟାଚ୍‌ରେ ଆସନ୍ତା ୧୫ ତାରିଖରେ ଘରୋଇ କଳିଙ୍ଗ ଷ୍ଟାଡିୟମରେ ଗୋକୁଲମ କେରଳ ଏଫ୍‌ସିକୁ ଭେଟିବ। ଓଡ଼ିଶା ତରଫରୁ ୭୪ତମ ମିନିଟ୍‌ରେ ଜେନିଫର କାନକାନ ୟେବୋହ ଏକାମାତ୍ର ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ। ଆରମ୍ଭରୁ ଓଡ଼ିଶା ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ନେହାଙ୍କୁ ପାସ୍‌କୁ ପ୍ୟାରୀ ଖାଖା ହେଡ୍ ଜରିଆରେ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ତାହା ଗୋଲ ହୋଇପାରି ନଥିଲା। କିନ୍ତୁ ଇଷ୍ଟବେଙ୍ଗଲ ୭ମ ମିନିଟ୍‌ରେ ଗୋଲ ଦେଇ ଅଗ୍ରଣୀ ହୋଇଥିଲା। ଦଳ ତରଫରୁ ଏଲସାଦାଇ ଆଚେମପଙ୍ଗ ୭ମ, ୩୧ ଓ ୩୮ ତମ ମିନିଟ୍‌ରେ ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିବା ସହ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ।

ପ୍ରଥମ ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ୍ ଉଦ୍‌ଯାପିତ

## ପାରାମାଉଣ୍ଟ ଚାମ୍ପିଅନ, ପ୍ରଗତି ରନର୍ସଅପ୍




**ଭୁବନେଶ୍ୱର, ୯।୩(ସମିସ)**

ଟାଉନ କ୍ଲବ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳା ପଡିଆରେ ପ୍ରଥମ ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ରବିବାର ଅନୁଷ୍ଠିତ ରୋମାଞ୍ଚକ ଫାଇନାଲ ମୁକାବିଲାରେ ପାରାମାଉଣ୍ଟ ସ୍ପୋର୍ଟିଂ ମାତ୍ର ୧ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଟସ୍ ଜିତି ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ୩୪.୧ ଓଭରରେ ୧୭୯ ରନର ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ଦଳ ତରଫରୁ ସାଇ ଶୁଭମ ୫୧ ବଲ ଖେଳି ସର୍ବାଧିକ ୪୪, ଅଂଶୁମାନ ସାହୁ ୩୩, ଅଭିଷେକ ମହନ୍ତ ୨୪, ଦେବାଶିଷ ସାମନ୍ତରାୟ ୧୯, ସିଦ୍ଧେଶ୍ୱର ପରିଡା ୨୧ ରନ ସଂଗ୍ରହ କରିଥିଲେ। ପ୍ରଗତି ପକ୍ଷରୁ ଟୁକୁନା ସାହୁ ୩, ରଘୁନାଥ ମଲ୍ଲ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଗତି ୩୪.୫ ଓଭରରେ ୧୭୮ ରନକରି ଅଲଆଉଟ ହେବା ସହ ବିଜୟଠାରୁ ମାତ୍ର ୨ ରନ ଦୂରରେ ରହିଯାଇଥିଲା। ଦଳ ତରଫରୁ ରଘୁନାଥ ମଲ୍ଲ ୭୫ ବଲରୁ ସର୍ବାଧିକ ୬୮, ସୌରଭ କୁମାର ଗୌଡ଼ା ୪୯, ଅଭିଜିତ ଗଡ଼ନାୟକ ୨୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାରାମାଉଣ୍ଟର ସେକ ନାକିବ ସରବେର ସର୍ବାଧିକ ୪, ରୀତେଶ ପ୍ରିୟରଞ୍ଜନ ଓ ସ୍ୱୟମ ସାର୍ଥକ ରାଉତରାୟ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

■ ସେକ୍ ନାକିବ ମ୍ୟାଚର, ରଘୁନାଥ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି

ଟାଉନ୍ କ୍ଲବ କୋଷାଧ୍ୟକ୍ଷ ନିହାରକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ ସଭାପତି ସୁରେଶ କୁମାର ରାଉତରାୟ, ଉପଦେଷ୍ଟା ସମୀର ମହାନ୍ତି, ସମ୍ପାଦକ ପୃଥୀକାନ୍ତ ମହାପାତ୍ର, ଦୌଡ଼କୁଦ ସଂଘ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁଆର ଯୋଗ ଦେଇ ଚାମ୍ପିଅନ ପାରାମାଉଣ୍ଟ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଓ ଉପ-ବିଜେତା ଦଳ ପ୍ରଗତି ସ୍ପୋର୍ଟିଂକୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ସେକ ନାକିବ ସରବେର, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ରଘୁନାଥ ମଲ୍ଲ, ଶ୍ରେଷ୍ଠ ବ୍ୟାଟର ଭାବେ ବିଶାଲ କର, ଶ୍ରେଷ୍ଠ ବୋଲର ଭାବେ ରଘୁନାଥ ମଲ୍ଲ, ଶ୍ରେଷ୍ଠ ଫିଲ୍ଡର ଭାବେ ଶୁଭାଶିଷ ଖଣ୍ଡାୟତ ରାୟଙ୍କୁ ପୁରସ୍କୃତ କରାଯାଇଥିଲା



■ ବିଜୁ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍

## ଆଲ୍ଫା ସ୍ପୋର୍ଟିଂ- ରାଇଜିଂ ଷ୍ଟୁଡେଣ୍ଟସ ଫାଇନାଲ



**ବ୍ରହ୍ମପୁର, ୯।୩(ସମିସ):** ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୫ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କ୍ଲବକୁ ପରାସ୍ତ କରି ଆୟୋଜକ ବ୍ରହ୍ମପୁରର ଆଲ୍ଫା ସ୍ପୋର୍ଟିଂ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୦ତାରିଖ ସୋମବାର ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କଟକ ରାଇଜିଂ ଷ୍ଟୁଡେଣ୍ଟ୍ସ ବନାମ ଆଲ୍ଫା ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

ରବିବାର ଖେଳାଯାଇଥିବା ଦ୍ୱିତୀୟ ସେମି-ଫାଇନାଲରେ ରାମେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୨୬ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏମ. ଗୌତମ ଗୋପାଳ ସର୍ବାଧିକ ବ୍ୟକ୍ତିଗତ ୨୭, ସମ୍ବିତ ବେଜ ୧୯ ଓ ସିଦ୍ଧାର୍ଥ ବେହେରା ୧୫ରନ୍ କରିଥିଲେ। ଆଲ୍ଫା ଦଳ ପକ୍ଷରୁ ଅମିତ ଦାସ ଓ ଅବଦୁଲ ଏମ ଖାନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୨୭ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରି ଆଲ୍ଫା ସ୍ପୋର୍ଟ କ୍ଲବ ୨୬.୫ ଓଭରରେ ୬ୱିକେଟ ବିନିମୟରେ ୧୨୯ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ବିଜୟୀ ଆଲ୍ଫା ଦଳର ଶୁଭମ ସାହୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଅମ୍ପାୟର ଆଶୁତୋଷ ପାଣି ଓ ସୁକାନ୍ତ କୁମାର ପଣ୍ଡା ମ୍ୟାଚ ପରିଚାଳନା କରିଥିବା ବେଳେ ସତ୍ୟ ନାରାୟଣ ପରିଡା ଓ କିରଣ ମନୋହର ମହାନ୍ତି ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ଫାଇନାଲରେ ଭାରତଠାରୁ ନ୍ୟୁଜିଲାଣ୍ଡର ପ୍ରଥମ ପରାଜୟ



**ଦୁବାଇ, ୯ ।୩(ଏଜେନ୍ସି):** ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଏଠାରେ ରବିବାର ଅନୁଷ୍ଠିତ ୯ମ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ନ୍ୟୁଜିଲାଣ୍ଡକୁ ୪ ୱିକେଟରେ ପରାସ୍ତ କରିଛି। ଏହା ଫଳରେ ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ନ୍ୟୁଜିଲାଣ୍ଡ ପ୍ରଥମଥର ଲାଗି ଭାରତ ନିକଟରୁ ପରାଜିତ ହୋଇଛି। ଏହା ପୂର୍ବରୁ ଉଭୟ ଦେଶ ମଧ୍ୟରେ ୨୦୦୦ ଆଇସିସି ନକ୍‌ଆଉଟ ଓ ୨୦୨୧ରେ ବିଶ୍ୱଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ମୁକାବିଲା ହୋଇଥିଲା। ଉଭୟ ଫାଇନାଲରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଥିଲା। ଏଥର କିନ୍ତୁ ରୋହିତ ସେନା ନ୍ୟୁଜିଲାଣ୍ଡକୁ ମାତ୍ ଦେବାରେ ସମର୍ଥ ହୋଇଛନ୍ତି। ଏକାଥରରେ ଭାରତ ଦୁଇ ଦୁଇଟି ଫାଇନାଲ ପରାଜୟର ପ୍ରତିଶୋଧ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଲିଗ୍ ପର୍ଯ୍ୟାୟରେ ଏବଂ ଫାଇନାଲରେ ବିଜୟୀ ହୋଇଛି। ଆଇସିସି ଟୁର୍ଣ୍ଣାମେଣ୍ଟରେ ଉଭୟଙ୍କ ମଧ୍ୟରେ ୧୩ଥର ମୁକାବିଲା ହୋଇଥିଲାବେଳେ ଭାରତ ୭ଥର ଓ ନ୍ୟୁଜିଲାଣ୍ଡ ୬ଥର ବିଜୟୀ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଶେଷ ୭ଟି ମୁକାବିଲାରେ ଭାରତ ବିଜୟୀ ହୋଇଛି। ଦୁବାଇରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୭ ୱିକେଟରେ ୨୫୧ ରନ୍ କରିଥିଲା। ଜବାବରେ ଭାରତ ୪୯ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିବା ସହ ଟାଇଟଲ ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ରୋହିତ ଶର୍ମା ସର୍ବାଧିକ ୭୬ ରନ୍ କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୨୬୩ ରନ୍ କରିବା ସହ ୨ଟି ୱିକେଟ ନେଇଥିବା ରାଚିନ ରବୀନ୍ଦ୍ର ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

## ସପ୍ତମ ଆଇସିସି ଟାଇଟଲ ଜିତିଲା ଭାରତ

ଚାମ୍ପିଅନ୍ସ ଟ୍ରଫି ଜିତିବା ସହ ଭାରତ ସପ୍ତମ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟ୍ରଫି ହାସଲ କରିଛି। ଭାରତର ଏହି ଜୟଯାତ୍ରା ୧୯୮୩ ବିଶ୍ୱକପ୍‌ରୁ ଆରମ୍ଭ ହୋଇଥିଲା। କପିଲଦେବଙ୍କ ନେତୃତ୍ୱରେ ଭାରତ ଏହି ବର୍ଷ ପ୍ରଥମ ବିଶ୍ୱକପ୍ ତଥା ଆଇସିସି ଟାଇଟଲ ହାସଲ କରିଥିଲା। ଭାରତ ଏପର୍ଯ୍ୟନ୍ତ ମୋଟ୍ ଉପରେ ଦୁଇଟି ଲେଖାଏ ଦିନିକିଆ ଓ ଟି-୨୦ ବିଶ୍ୱକପ୍ ଏବଂ ୩ଟି ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିଛି। ଭାରତ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ୨୦୦୭ ଟି-୨୦ ବିଶ୍ୱକପ୍, ୨୦୧୧ରେ ଦିନିକିଆ ବିଶ୍ୱକପ୍, ରୋହିତ ଶର୍ମାଙ୍କ ନେତୃତ୍ୱରେ ୨୦୨୪ ଟି-୨୦ ବିଶ୍ୱକପ୍‌ରେ ବିଜୟୀ ହୋଇଥିଲା। ଚାମ୍ପିଅନ୍ସ ଟ୍ରଫିରେ ଭାରତ ତୃତୀୟଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଭାରତ ପ୍ରଥମେ ୨୦୦୨ରେ ଓ ୨୦୧୩ରେ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ହାସଲ କରିଥିଲା ଓ ଶେଷରେ ରବିବାର ନ୍ୟୁଜିଲାଣ୍ଡକୁ ହରାଇ ବାଜି ମାରିଛି।

## ଆଇସିସି ଇଭେଣ୍ଟ ଫାଇନାଲରେ ଭାରତ

| ଟୁର୍ଣ୍ଣାମେଣ୍ଟ | ବର୍ଷ | ପ୍ରତିପକ୍ଷ | ଫଳାଫଳ | ଭେନ୍ୟୁ |
|---|---|---|---|---|
| ଦିନିକିଆ ବିଶ୍ୱକପ୍ | ୧୯୮୩ | ୱେଷ୍ଟଇଣ୍ଡିଜ | ଭାରତ ୪୩ ରନରେ ବିଜୟୀ | ଲର୍ଡ୍ସ |
| ଆଇସିସି ନକ୍‌ଆଉଟ୍ | ୨୦୦୦ | ନ୍ୟୁଜିଲାଣ୍ଡ | ଭାରତ ୪ ୱିକେଟ୍‌ରେ ପରାସ୍ତ | ନାଇରୋବି |
| ଚାମ୍ପିଅନ୍ସ ଟ୍ରଫି | ୨୦୦୨ | ଶ୍ରୀଲଙ୍କା | ବର୍ଷା ଯୋଗୁ ବାତିଲ | କଲମ୍ବୋ |
| ଦିନିକିଆ ବିଶ୍ୱକପ୍ | ୨୦୦୩ | ଅଷ୍ଟ୍ରେଲିଆ | ଭାରତ ୧୨୫ ରନରେ ପରାସ୍ତ | ଜୋହାନ୍ସବର୍ଗ |
| ଟି-୨୦ ବିଶ୍ୱକପ୍ | ୨୦୦୭ | ପାକିସ୍ତାନ | ଭାରତ ୫ ରନରେ ବିଜୟୀ | ଜୋହାନ୍ସବର୍ଗ |
| ଦିନିକିଆ ବିଶ୍ୱକପ୍ | ୨୦୧୧ | ଶ୍ରୀଲଙ୍କା | ଭାରତ ୬ ୱିକେଟ୍‌ରେ ବିଜୟୀ | ମୁମ୍ବାଇ |
| ଚାମ୍ପିଅନ୍ସ ଟ୍ରଫି | ୨୦୧୩ | ଇଂଲଣ୍ଡ | ଭାରତ ୫ ରନରେ ବିଜୟୀ | ବର୍ମିଂହାମ |
| ଟି-୨୦ ବିଶ୍ୱକପ୍ | ୨୦୧୪ | ଶ୍ରୀଲଙ୍କା | ଭାରତ ୬ ୱିକେଟ୍‌ରେ ପରାସ୍ତ | ମୀରପୁର |
| ଚାମ୍ପିଅନ୍ସ ଟ୍ରଫି | ୨୦୧୭ | ପାକିସ୍ତାନ | ଭାରତ ୧୮୦ ରନରେ ପରାସ୍ତ | ଦି ଓଭାଲ |
| ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ | ୨୦୨୧ | ନ୍ୟୁଜିଲାଣ୍ଡ | ଭାରତ ୮ ୱିକେଟ୍‌ରେ ପରାସ୍ତ | ସାଉଥାମ୍ପଟନ |
| ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ | ୨୦୨୩ | ଅଷ୍ଟ୍ରେଲିଆ | ଭାରତ ୨୦୯ ରନରେ ପରାସ୍ତ | ଦି ଓଭାଲ |
| ଦିନିକିଆ ବିଶ୍ୱକପ୍ | ୨୦୨୩ | ଅଷ୍ଟ୍ରେଲିଆ | ଭାରତ ୬ ୱିକେଟ୍‌ରେ ପରାସ୍ତ | ଅହମ୍ମଦାବାଦ |
| ଟି-୨୦ ବିଶ୍ୱକପ୍ | ୨୦୨୪ | ଦ.ଆଫ୍ରିକା | ଭାରତ ୭ ରନରେ ବିଜୟୀ | ବାର୍ବାଡସ୍ |
| ଚାମ୍ପିଅନ୍ସ ଟ୍ରଫି | ୨୦୨୫ | ନ୍ୟୁଜିଲାଣ୍ଡ | ଭାରତ ୪ ୱିକେଟ୍‌ରେ ବିଜୟୀ | ଦୁବାଇ |



ଭାରତର କ୍ରମାଗତ ୧୫ତମ ଟସ୍ ପରାଜୟ

## ଲାରାଙ୍କ ସମକକ୍ଷ ହେଲେ ରୋହିତ୍

ଚାମ୍ପିଅନ୍ସ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ପୁଣି ଥରେ ଟସ୍‌ରେ ପରାସ୍ତ ହୋଇଛନ୍ତି। ଏଥିସହ ଭାରତ ଦିନିକିଆ ଫର୍ମାଟ୍‌ରେ କ୍ରମାଗତ ୧୫ତମ ଟସ୍ ହାରି ତା'ର ଅଲୋଡା ରେକର୍ଡକୁ ଆହୁରି ଦୃଢ କରିଛି। ରୋହିତ ବ୍ୟକ୍ତିଗତ ଭାବେ କ୍ରମାଗତ ଦ୍ୱାଦଶ ଟସ୍ ହାରିଛନ୍ତି। ଏଥିସହ ସେ ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ବ୍ୟାଟର ତଥା ପୂର୍ବତନ ଅଧିନାୟକ ବ୍ରାଏନ ଲାରାଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଭାରତର ଏହି ଟସ୍ ପରାଜୟ ଧାରାକୁ ନେଇ ସାମାଜିକ ଗଣମାଧ୍ୟମରେ ମିମ ଓ ଜୋକ୍‌ର ବନ୍ୟା ସୃଷ୍ଟି ହୋଇଛି। ଚାମ୍ପିଅନ୍ସ ଟ୍ରଫିରେ ଟସ୍‌ରେ ହାରିଥିଲେ ମଧ୍ୟ ଭାରତ ବାଂଲାଦେଶ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଭାରତର ଏହି ଟସ୍ ହାରିବା ପ୍ରକ୍ରିୟ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରୁ ଆରମ୍ଭ ହୋଇଥିଲା। ଅର୍ଥାତ ଭାରତ ଦିନିକିଆରେ ଭାରତ ଶେଷଥର ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷ ୨୦୨୩ ବିଶ୍ୱକପ୍ ସେମିଫାଇନାଲରେ ବିଜୟୀ ହୋଇଥିଲା। ପୂର୍ବରୁ ନ୍ୟୁଜିଲାଣ୍ଡ ୨୦୧୧ରୁ ୨୦୧୩ ମଧ୍ୟରେ ୧୧ଟି ଟସ୍ ହାରି ରେକର୍ଡ କରିଥିଲା। ଏହି ମ୍ୟାଚ୍ ପୂର୍ବରୁ ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜ୍‌ର ବ୍ରାଏନ ଲାର ସର୍ବାଧିକ ୧୨(୧୯୯୮-୯୯), ନ୍ୟୁଜିଲାଣ୍ଡର ପିଟର ବୋରେନ୍ ୧୧ (୨୦୧୧-୨୦୧୩) ଓ ରୋହିତ ୧୧ଟି ମ୍ୟାଚ୍ କ୍ରମାଗତ ଟସ୍ ହାରି ତାଲିକାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ।

## ୧୮ ବର୍ଷରେ ରୋହିତ୍‌ଙ୍କ ପ୍ରଥମ ଅର୍ଦ୍ଧଶତକ

ଦୁବାଇ, ୯ ।୩ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ୍ ଶର୍ମା ରବିବାର ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ୮୩ ବଲରୁ ୭୬ ରନ ସଂଗ୍ରହ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ୮ ବର୍ଷ ତଳେ ଏହି ସମାନ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପାକିସ୍ତାନ ବିପକ୍ଷରେ ସେ ୩ଟି ବଲ୍ ଖେଳି ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଥିଲେ। ରୋହିତ୍‌ଙ୍କ ଏହା ଏକ ପ୍ରତୀକ୍ଷିତ ଅର୍ଦ୍ଧଶତକୀୟ ପାଳି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ୧୮ ବର୍ଷ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟରରେ ରୋହିତ୍ ପ୍ରଥମଥର ଲାଗି କୌଣସି ଏକ ଆଇସିସି ଇଭେଣ୍ଟ ଫାଇନାଲରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୦୦୭ରୁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳୁଥିବା ରୋହିତ୍‌ଙ୍କ ୯ମ ଆଇସିସି ଇଭେଣ୍ଟ ଫାଇନାଲ ଥିଲା। ପୂର୍ବରୁ ସେ ଖେଳିଥିବା ସମସ୍ତ ଫାଇନାଲରେ କେବେ ମଧ୍ୟ ଅର୍ଦ୍ଧଶତକ ହାସଲ କରି ନ ଥିଲେ। ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ବିଶ୍ୱକପ୍ ଫାଇନାଲରେ ୩୧ ବଲରୁ ୪୭ ରନ କରିଥିଲେ। ଯାହାକି ଆଇସିସି ଇଭେଣ୍ଟ ଫାଇନାଲରେ ତାଙ୍କର ସର୍ବାଧିକ ରନ ଥିଲା।

## ଆଇସିସି ଇଭେଣ୍ଟ ଫାଇନାଲରେ ରୋହିତ୍

| ବର୍ଷ | ଟୁର୍ଣ୍ଣାମେଣ୍ଟ | ରନ୍ | ପ୍ରତିପକ୍ଷ |
|---|---|---|---|
| ୨୦୦୭ | ଟି-୨୦ ବିଶ୍ୱକପ୍ | ୩୦ | ପାକିସ୍ତାନ |
| ୨୦୧୩ | ଚାମ୍ପିଅନ୍ସ ଟ୍ରଫି | ୯ | ଇଂଲଣ୍ଡ |
| ୨୦୧୪ | ଟି-୨୦ ବିଶ୍ୱକପ୍ | ୨୯ | ଶ୍ରୀଲଙ୍କା |
| ୨୦୧୭ | ଚାମ୍ପିଅନ୍ସ ଟ୍ରଫି | ୦ | ପାକିସ୍ତାନ |
| ୨୦୨୧ | ଡବ୍ଲ୍ୟୁଟିସି | ୩୪ ଓ ୩୦ | ନ୍ୟୁଜିଲାଣ୍ଡ |
| ୨୦୨୩ | ଡବ୍ଲ୍ୟୁଟିସି | ୧୫ ଓ ୪୩ | ଅଷ୍ଟ୍ରେଲିଆ |
| ୨୦୨୩ | ଦିନିକିଆ ବିଶ୍ୱକପ୍ | ୪୭ | ଅଷ୍ଟ୍ରେଲିଆ |
| ୨୦୨୪ | ଟି-୨୦ ବିଶ୍ୱକପ୍ | ୯ | ଦ.ଆଫ୍ରିକା |
| ୨୦୨୫ | ଚାମ୍ପିଅନ୍ସ ଟ୍ରଫି | ୭୬ | ନ୍ୟୁଜିଲାଣ୍ଡ |

## ଫାଇନାଲ ସ୍କୋରବୋର୍ଡ

**ନ୍ୟୁଜିଲାଣ୍ଡ : ୨୫୧/୭, ୫୦ ଓଭର**

(ୟଙ୍ଗ-ଏଲବିଡବ୍ଲ୍ୟୁ ବୋ.ବରୁଣ-୧୫, ରବୀନ୍ଦ୍ର-ବୋ.କୁଲଦୀପ-୩୭, ୱିଲିୟମସନ-କ୍ୟା. ଆଣ୍ଡ ବୋ. କୁଲଦୀପ-୧୧, ମିଚେଲ-କ୍ୟା. ରୋହିତ ବୋ.ସାମି-୬୩, ଲାଥମ-ଏଲବିଡବ୍ଲ୍ୟୁ ବୋ.ଜାଡେଜା-୧୪, ବ୍ରେସ୍‌ୱେଲ-ଅପରାଜିତ-୫୩, ସାଣ୍ଟନର-ରନ୍‌ଆଉଟ-୮, ସ୍ମିଥ୍-ନଟଆଉଟ-୦, ଅତିରିକ୍ତ-୧୬।

**ୱିକେଟ ପତନ :** ୧/୫୭, ୨/୬୯, ୩/୭୫, ୪/୧୦୮, ୫/୧୬୫, ୬/୨୧୧, ୭/୨୩୯।

ବୋଲିଂ (ଭାରତ): ସାମି: ୯-୦-୭୪-୧, ହାର୍ଦ୍ଦିକ: ୩-୦-୩୦-୦, ବରୁଣ: ୧୦-୦-୪୫-୨, କୁଲଦୀପ: ୧୦-୦-୪୦-୨, ଅକ୍ଷର: ୮-୦-୨୯-୦, ଜାଡେଜା: ୧୦-୦-୩୦-୧।

**ଭାରତ : ୨୫୪/୬, ୪୯ ଓଭର**

(ରୋହିତ-ଷ୍ଟମ୍ପ୍.ଲାଥମ ବୋ.ରବୀନ୍ଦ୍ର-୭୬, ଶୁବମନ-କ୍ୟା.ଫିଲିପ୍ସ ବୋ.ସାଣ୍ଟନର-୩୧, ବିରାଟ-ଏଲବିଡବ୍ଲ୍ୟୁ ବୋ.ବ୍ରେସ୍‌ୱେଲ୍-୧, ଶ୍ରେୟସ- କ୍ୟା. ରବୀନ୍ଦ୍ର ବୋ. ସାଣ୍ଟନର- ୪୮, ଅକ୍ଷର-କ୍ୟା. ଓରୁର୍କି ବୋ. ବ୍ରେସୱେଲ-୨୯, ରାହୁଲ- ଅପରାଜିତ- ୩୪, ପାଣ୍ଡ୍ୟା- କ୍ୟା ଓ ବୋ. ଜାମିସନ- ୧୮, ଜାଡେଜା-ଅପରାଜିତ- ୯ । ଅତିରିକ୍ତ-୮ ।

**ୱିକେଟ ପତନ:** ୧/୧୦୫, ୨/୧୦୬, ୩/୧୨୨, ୪/୧୮୩, ୫/୨୦୩, ୬/୨୪୧।

**ବୋଲିଂ (ନ୍ୟୁଜିଲାଣ୍ଡ):** ଜାମିସନ: ୫-୦-୨୪-୧, ଓରୁର୍କ: ୭-୦-୫୬-୦, ସ୍ମିଥ୍: ୨-୦-୨୨-୦, ସାଣ୍ଟନର: ୧୦-୦-୪୬-୨, ରବୀନ୍ଦ୍ର: ୧୦-୧-୪୭-୧, ବ୍ରେସ୍‌ୱେଲ୍: ୧୦-୧-୨୮-୨, ଫିଲିପ୍ସ: ୫-୦-୩୧-୦।

## ଚାମ୍ପିଅନ୍ସ ଟ୍ରଫି ପୁରସ୍କାର ରାଶି (ଟଙ୍କାରେ)

| | | |
|---|---|---|
| ମୋଟ୍ ପୁରସ୍କାର ରାଶି | : | ୫୯.୯ କୋଟି |
| ଚାମ୍ପିଅନ (ଭାରତ) | : | ୧୯.୪୯ କୋଟି |
| ରନର୍ସଅପ୍ (ନ୍ୟୁଜିଲାଣ୍ଡ) | : | ୯.୭୪ କୋଟି |
| **ସେମିରେ ହାରିଥିବା ଦଳ** | | |
| ଅଷ୍ଟ୍ରେଲିଆ | : | ୪.୮୭ କୋଟି |
| ଦ. ଆଫ୍ରିକା | : | ୪.୮୭ କୋଟି |
| **ଷଷ୍ଠ/ ସପ୍ତମ ସ୍ଥାନ** | | |
| ଆଫଗାନିସ୍ତାନ | : | ୩.୦୪ କୋଟି |
| ବାଂଲାଦେଶ | : | ୩.୦୪ କୋଟି |
| **ସପ୍ତମ/ଅଷ୍ଟମ ସ୍ଥାନ** | | |
| ପାକିସ୍ତାନ | : | ୧.୨୧ କୋଟି |
| ଇଂଲଣ୍ଡ | : | ୧.୨୧ କୋଟି |
| ଗ୍ରୁପ୍ ମ୍ୟାଚ୍ ବିଜୟ | : | ୨୯.୫ ଲକ୍ଷ |
| ଅଂଶଗ୍ରହଣ କରିଥିବା ଦଳକୁ | : | ୧.୦୮ କୋଟି |

## ୫ ହଜାର କୋଟି ଟଙ୍କାର ଜୁଆ ଖେଳ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫି ଫାଇନାଲ ମୁକାବିଲାକୁ ନେଇ ବିଶ୍ୱ ବ୍ୟାପୀ ଜୁଆ ଖେଳାଯାଇଛି। ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜୁଆରେ ଲଗାଯାଇଛି। ବିଶ୍ୱବ୍ୟାପୀ ପରିବ୍ୟାପ୍ତ ଅଣ୍ଡରୱାର୍ଲ୍ଡ ଜାଲ ମାଧ୍ୟମରେ ଏହି ଜୁଆ ଖେଳାଯାଇଛି। ଏଥିରେ ପାକିସ୍ତାନରେ ଅବସ୍ଥାପିତ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍ ଡି କମ୍ପାନୀ ସାମିଲ ଥିବା ଅନୁମାନ କରାଯାଉଛି।

## ■ ନୀଳ ସମୁଦ୍ରରେ ପରିଣତ ହେଲା ଦୁବାଇ ଷ୍ଟାଡିୟମ

ଫାଇନାଲ ମ୍ୟାଚ୍ ଅବସରରେ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଭାରତୀୟ ପ୍ରଶଂସକଙ୍କ ଜବରଦସ୍ତ ଭିଡ଼ ଦେଖିବାକୁ ମିଳିଥିଲା। ନୀଳ ରଙ୍ଗର ଟିମ୍ ଇଣ୍ଡିଆ ଜର୍ସି ପିନ୍ଧି ଭାରତୀୟ ପ୍ରଶଂସକମାନେ ଏହି ହାଇଭୋଲଟେଜ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଫଳରେ ସାରା ଷ୍ଟାଡିୟମ ନୀଳ ସମୁଦ୍ରରେ ପରିଣତ ହୋଇଥିଲା। ଏହି ଷ୍ଟାଡିୟମରେ ୨୫ ହଜାର ଦର୍ଶକ ବସିବାର ସୁବିଧା ରହିଛି। ଷ୍ଟାଡିୟମ କିନ୍ତୁ ଖଚାଖଚ୍ ଭାବେ ଭରି ରହିଥିଲା ଓ ୩୦ ହଜାର ଦର୍ଶକ ଉପସ୍ଥିତ ଥିଲେ। ରବିବାର ଶେଷ ହୋଇଥିବା ଚାମ୍ପିଅନ୍ସ ଟ୍ରଫିରେ ଭାରତ ତା'ର ସବୁ ମ୍ୟାଚ୍ ଏହି ଷ୍ଟାଡିୟମରେ ଖେଳିଥିଲା। ପାକିସ୍ତାନ ଯିବାକୁ ଭାରତ ଅମଙ୍ଗ ହେବା ପରେ ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ୍ ମଡେଲ ଅନୁସାରେ ଖେଳାଯାଇଥିଲା।

## ■ ରାଚିନଙ୍କ ମାଇଲଖୁଣ୍ଟ

ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ରାଚିନ ରବୀନ୍ଦ୍ରଙ୍କ ପାଇଁ ଚାମ୍ପିଅନ୍ସ ଟ୍ରଫିର ଏହି ସଂସ୍କରଣ ବେଶ୍ ସ୍ମରଣୀୟ ହୋଇଛି। ଏହି ବାମହାତୀ ଓପନର୍ ଟୁର୍ଣ୍ଣାମେଣ୍ଟରେ ୨ଟି ଶତକୀୟ ପାଳି ଖେଳିବା ସହ ଗୁରୁତ୍ୱପୂର୍ଣ୍ଣ ସମୟରେ ଦଳକୁ ନିଜର ସ୍ପିନ ବୋଲିଂ ଜରିଆରେ ବ୍ରେକ୍ ଥ୍ରୁ ଦେବାରେ ସଫଳ ହୋଇଥିଲେ। ଭାରତ ବିପକ୍ଷ ଫାଇନାଲରେ ସେ ବଡ଼ ପାଳି ଖେଳି ପାରି ନ ଥିଲେ ମଧ୍ୟ ୩୭ ରନ କରି ଦଳକୁ ଭଲ ପ୍ରାରମ୍ଭ ଦେଇଥିଲେ। ଏଥିସହ ରାଚିନ ଚଳିତ ଚାମ୍ପିଅନ୍ସ ଟ୍ରଫିରେ ମୋଟ୍ ୨୬୩ ରନ କରିଛନ୍ତି। ନ୍ୟୁଜିଲାଣ୍ଡର ପ୍ରଥମ ବ୍ୟାଟର୍ ଭାବେ ସେ ଚାମ୍ପିଅନ୍ସ ଟ୍ରଫିର କୌଣସି ସଂସ୍କରଣରେ ୨୫୦ ରନ ପୂରଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କ ପୂର୍ବରୁ କେନ୍ ୱିଲିୟମସନ ୨୦୧୭ ସଂସ୍କରଣରେ ୨୪୪ ରନ କରିଥିଲେ।



ବ୍ୟାଟିଂ ଅବସରରେ ଶ୍ରେୟସ ଆୟର



ଗୋଟିଏ ହାତରେ ଦର୍ଶନୀୟ କ୍ୟାଚ ନେଇ ଗିଲ୍‌ଙ୍କୁ ଆଉଟ୍ କରିଥିବା ଗ୍ଲେନ ଫିଲିପ୍ସ



ରୋହିତ୍‌ଙ୍କୁ ଆଉଟ୍ କରିବା ପରେ ଉତ୍ସାହିତ ରାଚିନ ରବୀନ୍ଦ୍ର ଓ ନ୍ୟୁଜିଲାଣ୍ଡ ଖେଳାଳି

## ସ୍ପିନରଙ୍କ ନିୟନ୍ତ୍ରଣ ମଧ୍ୟରେ ମିଚେଲ ଓ ବ୍ରେସ୍‌ୱେଲଙ୍କ ଅର୍ଦ୍ଧଶତକ

ପୂର୍ବରୁ ଟସ୍ ଜିତିବା ପରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ଦୁଇ ଓପନର ୱିଲ୍ ୟଙ୍ଗ୍ ଓ ରାଚିନ ରବୀନ୍ଦ୍ର ଭାରତୀୟ ବୋଲରଙ୍କୁ ସହଜରେ ଖେଳି ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ଯାହା ଫଳରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ୬ଷ୍ଠ ଓଭରରେ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଓ ଏକାଦଶ ଓଭରରେ କୁଲଦୀପ ଯାଦବଙ୍କୁ ବୋଲିଂ ଦାୟିତ୍ୱ ଦେଇଥିଲେ। ଏହାର ଲାଭ ମଧ୍ୟ ତାଙ୍କୁ ମିଳିଥିଲା। ବରୁଣ ତାଙ୍କ ଦ୍ୱିତୀୟ ତଥା ଇନିଂସର ୮ମ ଓଭରରେ ୟଙ୍ଗ୍ (୧୫)ଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ଓପନିଂ ପାର୍ଟନରସିପ୍‌କୁ ଭାଙ୍ଗି ଦେଇଥିଲେ। କିନ୍ତୁ କୁଲଦୀପ ପ୍ରତିପକ୍ଷ ନ୍ୟୁଜିଲାଣ୍ଡକୁ ଦେଇଥିଲେ ସବୁଠାରୁ ବଡ ଝଟ୍‌କା। ସେ ତାଙ୍କ ପ୍ରଥମ ବଲ୍‌ରେ ଟୁର୍ଣ୍ଣାମେଣ୍ଟର



ଟପ୍ ସ୍କୋରର ତଥା ଦମ୍‌ଦାର ଫର୍ମରେ ଥିବା ରାଚିନ ରବୀନ୍ଦ୍ରଙ୍କୁ ବୋଲ୍ଡ କରି ଭାରତୀୟ ଶିବିରରେ ଆନନ୍ଦ ଖେଳାଇଦେଇଥିଲେ। ରବୀନ୍ଦ୍ର ଏଠାରେ ୩୭ ରନ୍ କରିବା ସହ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୨୬୩ ରନ୍ କରିବାର ଗୌରବ ଅର୍ଜନ କରିଥିଲେ। କୁଲଦୀପ ତାଙ୍କ ଦ୍ୱିତୀୟ ଓଭରରେ ନ୍ୟୁଜିଲାଣ୍ଡର ସବୁଠାରୁ ବରିଷ୍ଠ ଏବଂ ଅଭିଜ୍ଞ ବ୍ୟାଟର କେନ୍ ୱିଲିୟମସନ (୧୧)ଙ୍କୁ କଟ୍ ଆଣ୍ଡ ବୋଲ୍ଡ କରି ଡବ୍‌ଲ ସଫଳତା ପାଇଥିଲେ। ଏହି ଆଉଟ ପରେ ଭାରତୀୟ ଦଳ ମ୍ୟାଚ୍ ଜିତିବା ପରି ଆନନ୍ଦ ମନାଇଥିଲା। ଦଳ ଏକଦା ବିନା ୱିକେଟରେ ୫୭ ରନ୍‌ରୁ ୩ ୱିକେଟରେ ୭୫ ରନ୍‌ରେ ପହଞ୍ଚିଥିଲା। ଏହି ସମୟରେ ଡାରିଲ ମିଚେଲ ଓ ଟମ୍ ଲାଥମ ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ। ଏମାନଙ୍କ ଚତୁର୍ଥ ୱିକେଟରୁ ୬୬ ବଲ୍‌ରେ ଗୋଟିଏ ଚୌକା ସହ ୩୩ ରନ୍ ମିଳିବା ପରେ ଯୋଡି ଭାଙ୍ଗିଯାଇଥିଲା। ଲାଥମ ୧୪ ରନ୍‌ରେ ଆଉଟ ହୋଇଥିଲେ। ମିଚେଲ ଆଉ ଦୁଇଟି ପାର୍ଟନରସିପ୍ ବଳରେ ନ୍ୟୁଜିଲାଣ୍ଡକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ୫ମ ୱିକେଟରେ ସେ ଗ୍ଲେନ୍ ଫିଲିପ୍ସ (୩୪)ଙ୍କ ସହ ୮୭ ବଲ୍‌ରୁ ୫୭ ଓ ୬ଷ୍ଠ ୱିକେଟରେ ମାଇକେଲ ବ୍ରେସ୍‌ୱେଲଙ୍କ ସହ ୪୭ ବଲ୍‌ରୁ ୪୬ ରନ୍ ଉଠାଇ ଦଳୀୟ ସ୍କୋରକୁ ଦୁଇ ଶହ ଅତିକ୍ରମ କରାଇଥିଲେ। ମିଚେଲ ଅତ୍ୟନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ମୋଟ ୧୦୧ଟି ବଲ୍ ଖେଳି ମାତ୍ର ୩ଟି ଚୌକା ସହ ସର୍ବାଧିକ ୬୩ ରନ୍ କରିଥିଲେ। ତାଙ୍କ ଆଉଟ ପରେ ବ୍ରେସ୍‌ୱେଲଙ୍କ ବ୍ୟାଟରୁ ଧୂଆଁଧାର ରନ୍ ମିଳିଥିଲା। ସେ ମାତ୍ର ୪୦ ବଲ୍ ଖେଳି ୩ ଚୌକା ଓ ୨ ଛକା ବଳରେ ୫୩ ରନ୍ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ପୁଣିଥରେ ସ୍ପିନରମାନେ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ବରୁଣ ଓ କୁଲଦୀପ ପ୍ରାଥମିକ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ବ୍ୟାଟରଙ୍କୁ ପାଭିଲିୟନ ଫେରାଇଥିଲେ। ଶେଷ ଭାଗରେ ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜା କଞ୍ଜୁସ ବୋଲିଂ କରି ପ୍ରତିପକ୍ଷ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ। ନ୍ୟୁଜିଲାଣ୍ଡ ହରାଇଥିବା ୭ଟି ୱିକେଟ ମଧ୍ୟରୁ ସ୍ପିନରମାନେ ୫ଟି ୱିକେଟ ପାଇଥିଲେ। ବରୁଣ ଓ କୁଲଦୀପ ୨ଟି ଲେଖାଏଁ, ଜାଡେଜା ଗୋଟିଏ ୱିକେଟ ପାଇଥିଲେ। ପେସ ବୋଲର ମହମ୍ମଦ୍ ସାମି ଗୋଟିଏ ଓ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ରନ୍‌ଆଉଟ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS